


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
• ବର୍ଷ–୩୨ • ସଂଖ୍ୟା–୨୨୩ • ୧୦ ସେପ୍ଟେମ୍ବର ୨୦୨୫, ବୁଧବାର • ଭୁବନେଶ୍ୱର • Vol -32 • Issue-223 • 10th September 2025, Wednesday • Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

# ସି.ପି. ରାଧାକ୍ରିଷ୍ଣନ ଉପରାଷ୍ଟ୍ରପତି ନିର୍ବାଚିତ

**ନୂଆଦିଲ୍ଲୀ, ୯।୯**

ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏନଡିଏ) ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନ ଦେଶର ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ମଙ୍ଗଳବାର ଅନୁଷ୍ଠିତ ମତଦାନରେ ସେ ଇଣ୍ଡି ମେଣ୍ଟର ପ୍ରାର୍ଥୀ ବି. ସୁଦର୍ଶନ ରେଡ୍ଡୀଙ୍କୁ ପରାଜିତ କରି ବିଜୟୀ ହୋଇଛନ୍ତି।

ମତଦାନରେ ମୋଟ ୭୬୯ ସାଂସଦ ଭୋଟ ଦେଇଥିଲେ। ୯୮.୨ ପ୍ରତିଶତ ମତଦାନ ହୋଇଥିଲା। ସେଥିମଧ୍ୟରୁ ରାଧାକ୍ରିଷ୍ଣନଙ୍କୁ ୪୫୨ ଭୋଟ ମିଳିଥିବାବେଳେ ସୁଦର୍ଶନଙ୍କୁ ୩୦୦ ଭୋଟ ମିଳିଥିଲା। ରାଜ୍ୟସଭା ମହାସଚିବ ନିର୍ବାଚନ ଫଳାଫଳ ଘୋଷଣା କରିଛନ୍ତି।

ସୂଚନାଯୋଗ୍ୟ, ଜଗଦୀପ ଧନଖଡ଼ ଉପରାଷ୍ଟ୍ରପତି ପଦବୀରୁ ଇସ୍ତଫା ଦେବା ପରେ ଉକ୍ତ ପଦବୀ ଖାଲି ପଡ଼ିଥିଲା।

ଉପ ରାଷ୍ଟ୍ରପତି ନିର୍ବାଚନରେ ସେ ବିରୋଧୀ ମେଣ୍ଟ ଇଣ୍ଡିଆର ପ୍ରାର୍ଥୀ ତଥା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ବି ସୁଦର୍ଶନ ରେଡ୍ଡୀଙ୍କୁ ୧୦୦ରୁ ଅଧିକ ଖଣ୍ଡ ଭୋଟରେ ହରାଇ ଦେଇଛନ୍ତି।



ଉପରାଷ୍ଟ୍ରପତି ନିର୍ବାଚନରେ ବାଜି ମାରିଛନ୍ତି ବିଜେପି ନେତୃତ୍ୱାଧୀନ ଏନଡିଏ ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ। ମଙ୍ଗଳବାର ଅନୁଷ୍ଠିତ ଉପରାଷ୍ଟ୍ରପତି ନିର୍ବାଚନରେ ସେ ବିରୋଧୀ ମେଣ୍ଟ ଇଣ୍ଡିଆର ପ୍ରାର୍ଥୀ ତଥା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ବି ସୁଦର୍ଶନ ରେଡ୍ଡୀଙ୍କୁ ୧୫୨ରୁ ଅଧିକ ଖଣ୍ଡ ଭୋଟରେ ହରାଇ ଦେଇଛନ୍ତି। ସିକ୍ରେଟ ବାଲଟରେ ହୋଇଥିବା ଭୋଟିଂରେ ସିପି ରାଧାକ୍ରିଷ୍ଣନଙ୍କୁ ୪୫୨ (ପୃଷ୍ଠା ୭ରେ)

## ନବନିର୍ବାଚିତ ଉପରାଷ୍ଟ୍ରପତିଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୯।୯**
**ନ୍ୟୁଜ୍ ବ୍ୟୁରୋ**

ନବନିର୍ବାଚିତ ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନ୍‌ଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି। ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ନବନିର୍ବାଚିତ ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନ୍ ଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ଆପଣଙ୍କର ଗଭୀର ପ୍ରଶାସନିକ ଅଭିଜ୍ଞତା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଗଭୀର ପ୍ରତିବଦ୍ଧତା ସଂସଦ ତଥା ଦେଶର ମର୍ଯ୍ୟାଦା ଓ ଗରିମାକୁ ବୃଦ୍ଧି କରିବ। ଏହି ମର୍ଯ୍ୟାଦାପୂର୍ଣ୍ଣ ପଦବୀରେ ଦେଶର ସେବା କରିବା ନିମନ୍ତେ ନିର୍ବାଚିତ ହୋଇଥିବାରୁ ଆପଣଙ୍କୁ ଅନେକ ଅନେକ ଶୁଭକାମନା।

# ନେପାଳ ସ୍ଥିତି ଅସମ୍ଭାଳ: ଜଳିଲା ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଘର

**କାଠମାଣ୍ଡୁ, ୯।୯**

କଡ଼ା ସୁରକ୍ଷା ଓ ସେନା ମୁତୟନ ସତ୍ତ୍ୱେ ମଙ୍ଗଳବାର ବିକ୍ଷୋଭକାରୀମାନେ ଦେଶର ରାଷ୍ଟ୍ରପତି ରାମ ଚନ୍ଦ୍ର ପୌଡେଲ ଓ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ବ୍ୟକ୍ତିଗତ ଘରେ ପଶିଛନ୍ତି। ସେଠାରେ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇ ଦେଇଛନ୍ତି।

ଜେନ ଜେଡ୍ ଆନ୍ଦୋଳନ ଯୋଗୁ ନେପାଳ ସ୍ଥିତି ଅସମ୍ଭାଳ ହୋଇଛି। ସୋମବାର ସୋଶାଲ ମିଡିଆ ବ୍ୟାନକୁ ନେଇ ଆରମ୍ଭ ହୋଇଥିବା ଆନ୍ଦୋଳନ ମଙ୍ଗଳବାର ଆହୁରି ଭୟଙ୍କର ରୂପ ନେଇଛି। ସରକାର ସୋଶାଲ ମିଡିଆ ଉପରକୁ ବ୍ୟାନ ହଟାଇ ଦେଇଥିଲେ ହେଁ ନେପାଳ ସ୍ଥିତିରେ ସୁଧାର ଆସି ନାହିଁ। ସରକାର ଦୁର୍ନୀତିରେ ଲିପ୍ତ ଓ ଚାକିରି ଦେବାରେ ଅକ୍ଷମ ହୋଇଥିବା ଯୁବଗୋଷ୍ଠୀ ଅଭିଯୋଗ କରି ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ଇସ୍ତଫା ଦାବି କରିବାରେ ଲାଗିଛନ୍ତି।

ଇସ୍ତଫା ନ ଦେବା ଜିଦରେ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଅଟଳ ରହିଥିବା ବେଳେ ଯୁବଗୋଷ୍ଠୀ ଆଜି ଲଙ୍କାକାଣ୍ଡ ଘଟାଇଛନ୍ତି। ବିକ୍ଷୋଭକାରୀଙ୍କ ଆକ୍ରୋଶରୁ ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ପୁଷ୍ପ କମଳ ଦହଲ ଓରଫ ପ୍ରଚଣ୍ଡ ଓ ଶେର ବାହାଦୂର ଦେଉବା ଓ ଶକ୍ତି ମନ୍ତ୍ରୀ ଦୀପକ ଖାଡକାଙ୍କ ଘର ମଧ୍ୟ ବର୍ତ୍ତି ପାରିନାହିଁ। ବିକ୍ଷୋଭକାରୀମାନେ ସେଠାରେ ଭଙ୍ଗାରୁଜା କରିଛନ୍ତି।



ରାସ୍ତାଘାଟରେ ନିଆଁ ଜଳୁଛି। ଦୋକାନ ବଜାର ବନ୍ଦ ରହିଛି। ସବୁଠି ସରକାରୀ ବିରୋଧୀ ସ୍ୱର ତୀବ୍ର ହେଉଛି। ବିକ୍ଷୋଭକାରୀମାନେ ପୁଲିସ୍ ଉପରେ ଆକ୍ରମଣ କରିବା ସହ ଗାଡ଼ିମୋଟରରେ ନିଆଁ ଲଗାଇ ଦେଉଛନ୍ତି। କିଛି ସ୍ଥାନରୁ ଲୁଟପାଟର ଖବର ମଧ୍ୟ ମିଳିଛି। ବିକ୍ଷୋଭ ତୀବ୍ର ରୂପ ନେଉଥିବାରୁ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- କଙ୍ଗୋର ପୂର୍ବ ଅଞ୍ଚଳରେ ଆଇଏସ-ସମ୍ବନ୍ଧିତ ବିଦ୍ରୋହୀମାନଙ୍କ ଆକ୍ରମଣରେ ଅତିକମରେ ୬୦ ମୃତ।
- ଗାଜା ସିଟିରୁ ନାଗରିକମାନଙ୍କୁ ସୁରକ୍ଷାହେତୁ ସ୍ଥାନାନ୍ତରଣ ପାଇଁ ଇସ୍ରାଏଲର ସେନାବାହିନୀଙ୍କ ନିର୍ଦ୍ଦେଶ।
- ହଂକଂରେ ସମଲିଙ୍ଗୀ ଦମ୍ପତିଙ୍କୁ 'ମାତାପିତା' ଭାବରେ ସ୍ୱୀକାର କଲା ଅଦାଲତ।
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ – "ଭାରତ ବ୍ୟବସାୟୀକ ସଂକଟକୁ ସୁଯୋଗରେ ପରିଣତ କରିବା ଉଚିତ"।
- ପ୍ରଧାନମନ୍ତ୍ରୀ ଆଜି ପଞ୍ଜାବର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବେ ।
- କେନ୍ଦୁଝରରେ ମାଇନ୍‌ସରେ ଅକସ୍ମାତ, ୨ ଶ୍ରମିକଙ୍କର ମୃତ୍ୟୁ
- ସମ୍ବଲପୁରରେ ପାଣି ସଙ୍କଟ, ନାଗରିକମାନେ ଆନ୍ଦୋଳନରେ।
- ନୟାଗଡରେ ପୋଲିସ-ଗୁଳିକାଣ୍ଡ: ୧ ମୃତ, ୧ ଆହତ
- ପୁରୀ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପ୍ରସ୍ତୁତିରେ ବର୍ଦ୍ଧିତ ସୁରକ୍ଷା।

# ୧୮ ମାସର ପରିଶ୍ରମ ପରେ ଜିଏସ୍‌ଟି ସଂସ୍କାର କରିଛନ୍ତି ସରକାର



**ନୂଆଦିଲ୍ଲୀ, ୯।୯**

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଙ୍ଗଳବାର ଏକ ସାକ୍ଷାତକାରରେ କହିଛନ୍ତି ଯେ ଦ୍ରବ୍ୟ ଆଣ୍ଡ ସେବା କର(ଜିଏସଟି) ସ୍ଲାବକୁ ଦୁଇଟିକୁ ହ୍ରାସ ଓ ଏକୀକରଣ କରିବା ଏବଂ ସ୍ୱାସ୍ଥ୍ୟ ଓ ଜୀବନ ବୀମା ପ୍ରିମିୟମକୁ କରମୁକ୍ତ କରିବା ପାଇଁ ୧୮ ମାସରୁ ଅଧିକ ସମୟ ଧରି ଆଲୋଚନା ଚାଲିଥିଲା। ଏହି ସଂସ୍କାର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୫୦ ପ୍ରତିଶତ ଟାରିଫ ଘୋଷଣାର ପ୍ରତିକ୍ରିୟା ନୁହେଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ସୀତାରମଣ କହିଛନ୍ତି, ଗତ ବର୍ଷ କେନ୍ଦ୍ର ବଜେଟ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ସାଧାରଣ ଲୋକ'ଙ୍କ ପାଇଁ ଆଶ୍ୱସ୍ତି ବୋଲି କହିଥିଲେ। ଗତ ବଜେଟରେ ସେ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ମଧ୍ୟବିତ୍ତ ବେତନଭୋଗୀଙ୍କୁ ଆଶ୍ୱସ୍ତି ଦେଇଥିଲେ। ଏହି ସଂସ୍କାର ପ୍ରସ୍ତୁତ କରିବା ପାଇଁ ସମୟ ଲାଗିଥିଲା ଏବଂ ମେ'ରେ ସେ ପ୍ରଧାନମନ୍ତ୍ରୀଙ୍କୁ ପ୍ରସ୍ତାବ ଉପସ୍ଥାପନ କରିଥିଲେ।

ରାଜ୍ୟ ସରକାରମାନଙ୍କୁ ସହମତ କରାଇବା ଥିଲା ପ୍ରଥମ ପଦକ୍ଷେପ। ସେପ୍ଟେମ୍ବର ୩ ଓ ୪ ତାରିଖରେ ଅନୁଷ୍ଠିତ ଜିଏସ୍‌ଟି ପରିଷଦ ବୈଠକରେ ରାଜ୍ୟମାନେ ରାଜସ୍ୱ ହାନି ପାଇଁ କ୍ଷତିପୂରଣ ଦାବି କରିବେ ବୋଲି ଆଶଙ୍କା ଥିଲା। (ପୃଷ୍ଠା ୭ରେ)

# ଯୌତୁକ ନିଷେଧ ଓ ଘରୋଇ ହିଂସା ଆଇନ ମହିଳାଙ୍କୁ ସୁରକ୍ଷା ଦେବା ସହ ସଶକ୍ତ କରୁଛି




**ଭୁବନେଶ୍ୱର, ୯।୯**
**ନ୍ୟୁଜ୍ ବ୍ୟୁରୋ**

ଯୌତୁକ ନିଷେଧ ଆଇନ ୧୯୬୧ ଓ ଘରୋଇ ହିଂସା ଆଇନ ୨୦୦୫ ଦେଶର ମହିଳାମାନଙ୍କୁ ସୁରକ୍ଷା ଦେବା ସହ ସଶକ୍ତ କରୁଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମତପ୍ରକାଶ କରିଛନ୍ତି । ମଙ୍ଗଳବାର ଲୋକସେବା ଭବନ ସମ୍ମେଳନ କକ୍ଷରେ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଘରୋଇ ହିଂସାରୁ ମହିଳାମାନଙ୍କ ସୁରକ୍ଷା ଅଧିନିୟମ ୨୦୦୫ ଏବଂ ଯୌତୁକ ନିଷେଧ ଅଧିନିୟମ ୧୯୬୧ ବିଷୟରେ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ ଯେ ବିପଦ ସମୟରେ ଯିଏ ପାଖରେ ରହି ଆହା କହେ, ସେ ରକ୍ତ ସମ୍ପର୍କ ଠାରୁ ବି ଅଧିକ ନିଜର । ଏହି ପରିପ୍ରେକ୍ଷୀରେ ଉପସ୍ଥିତ ସଦସ୍ୟମାନେ ନିଜ ନିଜ ପ୍ରଚେଷ୍ଟାରେ ପ୍ରତି ଜିଲ୍ଲାରେ ୫ ଜଣ ନିଃସହାୟ ମହିଳାଙ୍କ ଜୀବନରେ ନୂତନ ଉର୍ଜା ଓ ଉତ୍ସାହ ଆଣନ୍ତୁ ବୋଲି ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । କୁଟୀର ଶିଳ୍ପ ଭଳି ବହୁ କ୍ଷେତ୍ରରେ ମହିଳାମାନଙ୍କ ଅବଦାନ ଆଜି ପୁରୁଷମାନଙ୍କ ଠାରୁ ଅଧିକ । ମହିଳାମାନଙ୍କ ନିରାପତ୍ତା ଓ ସୁରକ୍ଷା ମହିଳାକୈନ୍ଦ୍ରିକ ଅର୍ଥନୀତି ଓ ମହିଳା କୈନ୍ଦ୍ରିକ ବିକଶିତ ଓଡ଼ିଶାର ପ୍ରାଥମିକତା ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଦୃଢ ମତ ରଖିଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ (ପୃଷ୍ଠା ୭ରେ)

# ଏଫ୍ଏମ ଛାତ୍ରୀ ମୃତ୍ୟୁ ମାମଲା ଚାର୍ଜସିଟ୍ ଦାଖଲ କଲା କ୍ରାଇମବ୍ରାଞ୍ଚ

**ବାଲେଶ୍ୱର, ୯।୯**
**ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଏଫଏମ ଛାତ୍ରୀ ଆତ୍ମାହୁତି ମାମଲାରେ ଚାର୍ଜସିଟ୍ ଦାଖଲ କରିଛି କ୍ରାଇମବ୍ରାଞ୍ଚ। ମଙ୍ଗଳବାର ମାମଲାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ଏସଡିଜେଏମ କୋର୍ଟରେ ୩୯୪ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରାଯାଇଛି। ଏଥିରେ ୧୨୦ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିବା ଦର୍ଶାଯାଇଛି।

ସୂଚନାଯୋଗ୍ୟ, ଗତ ଜୁଲାଇରେ ଏଫଏମ ଛାତ୍ରୀ ସୌମ୍ୟାଶ୍ରୀ ବିଶି କଲେଜ କ୍ୟାମ୍ପସରେ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଜଣେ ଅଧ୍ୟାପକ ତାଙ୍କୁ ନିର୍ଯାତନା ଦେଉଥିବା ନେଇ ସେ ଅଭିଯୋଗ କରିଥିଲେ। କିନ୍ତୁ ତାଙ୍କୁ ନ୍ୟାୟ ନ ମିଳିବାରୁ ସେ ଏଭଳି ଚରମ ପଦକ୍ଷେପ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଏମସରେ ତାଙ୍କର ମୃତ୍ୟୁ ଘଟିଥିଲା।




# ଯୁଦ୍ଧରେ ସ୍ଥଳ ସେନାର ଭୂମିକା ଅଧିକ ମହତ୍ତ୍ୱପୂର୍ଣ୍ଣ

**ନୂଆଦିଲ୍ଲୀ, ୯।୯**

ସେନା ପ୍ରମୁଖ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ପୁଣିଥରେ କୌଣସି ଯୁଦ୍ଧରେ ସ୍ଥଳ ସେନାର ଭୂମିକାକୁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କହିଛନ୍ତି। ଜେନେରାଲ ଦ୍ୱିବେଦୀ ଯୁଦ୍ଧର ପରିବର୍ତ୍ତନ ସ୍ୱରୂପ ଏବଂ ପରିବର୍ତ୍ତନକାରୀ ସୁଧାର ଭାବେ ଟେକ୍‌ନିକକୁ ଆପଣାଇବା ପାଇଁ ଭାରତୀୟ ସେନାର ଉଦ୍ୟମ ଉପରେ ମଧ୍ୟ କଥା ହୋଇଛନ୍ତି। ସେନା ପ୍ରମୁଖ କହିଛନ୍ତି ଯେ, ଆମ ଆଗରେ ଅଢ଼େଇ ମୋର୍ଚ୍ଚା ଉପରେ ବିପଦ ଅଛି, ଏଥିପାଇଁ ଜମି ସବୁବେଳେ ବିଜୟର ବିଷୟ ହେବ। ସେ ଜୋର୍ ଦେଇଛନ୍ତି ଯେ ସେନାର ଥିଏଟରାଇଜେସନ ଏହାର ସମାଧାନ, କାହିଁକି କମାଣ୍ଡର ଏକତା ଅଧିକ ଆବଶ୍ୟକ।



ସେନା ପ୍ରମୁଖ ମଙ୍ଗଳବାର ଦିନ ନୂଆଦିଲ୍ଲୀରେ ଅଖିଳ ଭାରତୀୟ ପ୍ରବନ୍ଧନ ସଂଘର ୫୨ତମ ରାଷ୍ଟ୍ରୀୟ ପ୍ରବନ୍ଧନ ସମ୍ମିଳନୀରେ ଯୁଦ୍ଧର ଅପ୍ରତ୍ୟାଶିତ ଉପରେ ପ୍ରକାଶ ସହିତ ଆଧୁନିକ ସୈନ୍ୟ ପ୍ରସ୍ତୁତିର ତିନି ପ୍ରମୁଖ ପହଲକୁ ରେଖାଙ୍କିତ କରିଛି। ସେ କହିଛନ୍ତି ଯେ ଯୁଦ୍ଧ ସବୁବେଳେ ଅପ୍ରତ୍ୟାଶିତ ହେବ। ଆମେ ଏହା (ପୃଷ୍ଠା ୭ରେ)

## ଓଏଏସ୍‌ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ୯।୯ : ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ଓଏଏସ୍ (ଓଡ଼ିଶା ପ୍ରଶାସନିକ ସେବା) ସ୍ତରରେ ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଚାରି ଜଣ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କୁ ବଦଳି କରାଯାଇଛି । ସେଥିମଧ୍ୟରୁ ରେଜିଷ୍ଟ୍ରାର (ପ୍ରଶାସନ), ମେଡିକାଲ କଲେଜ ଏବଂ ହସ୍ପିଟାଲ, (ବ୍ରହ୍ମପୁର) ସଂଗ୍ରାମ ଶେଖର ପଣ୍ଡାଙ୍କୁ ପଦମପୁର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ଭାବରେ ବଦଳି କରାଯାଇଛି। ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ଦୁଃଖବନ୍ଧୁ ନାୟକଙ୍କୁ ବଦଳି କରାଯାଇ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ଭାବରେ ନିଯୁକ୍ତି ଦିଆଯାଇଛି। ଡେପୁଟି କମିଶନର, ଏନଫୋର୍ସମେଣ୍ଟ, ବିଡିଏ, ପରେଶ କୁମାର ନାୟକଙ୍କୁ ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ଭାବରେ ବଦଳି କରାଯାଇଛି।

## ସୁନା ଦର

୨୪ କ୍ୟାରଟ ସୁନା – ପ୍ରତି ଗ୍ରାମ ୧୧,୦୨୯ (+୧୩୬)
୨୨ କ୍ୟାରଟ ସୁନା – ପ୍ରତି ଗ୍ରାମ ୧୦,୧୧୦ (+୧୨୫)
୧୮ କ୍ୟାରଟ ସୁନା – ପ୍ରତି ଗ୍ରାମ ୮,୨୭୨ (+୧୦୨)

## ରୁପା ଦର

ରୁପା – ପ୍ରତି ଗ୍ରାମ ୧୪୦ (+୩)

## ଏକାଳ ପଖାଳ




ଇଲେକ୍ଟ୍ରି ଗାଡି ଆହୁରି ଗଡିବ
ଅଧାରୁ ଅଧିକା ଭାଗ
ମୋହନ ସର୍କାର କହିଛନ୍ତି ଏହା
ସାହାଯ୍ୟ ବି ଦେବେ ଆଗ
ଜାଗ ଜନତା ଜାଗ
ସଫା ସୁତୁରା ପରିବେଶ ରଖ
ଚଢି ବିଜୁଳି ବେଗ ।

# ପୂଜା ସମୟରେ ମହିଳାଙ୍କ ସୁରକ୍ଷା ପାଇଁ ଡିଜିଙ୍କ ନିର୍ଦ୍ଦେଶ



**ଭୁବନେଶ୍ୱର, ୯।୯**
**ନ୍ୟୁଜ୍ ବ୍ୟୁରୋ**

ଆଗକୁ ପୂଜା ଆସୁଛି। ପୂଜା ମଣ୍ଡପମାନଙ୍କରେ ମହିଳାଙ୍କ ସୁରକ୍ଷା ନେଇ ଚିନ୍ତା ବଢ଼ିଛି। ଅନ୍ୟପକ୍ଷରେ ପୂଜା ସମୟରେ ମହିଳା ସୁରକ୍ଷା ନେଇ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ସମସ୍ତ ଥାନାକୁ ପୋଲିସ ଡିଜି ୱାଇ. ବି ଖୁରାନିଆ ପରାମର୍ଶ ଦେଇଛନ୍ତି। ପୂଜା ପର୍ବାଣୀ ସମୟରେ ମହିଳାଙ୍କ ଉପରେ ବଢୁଥିବା ଅପରାଧ କମାଇବା ପାଇଁ ସମସ୍ତ ଏସପିଙ୍କୁ ପୋଲିସ ଡିଜି ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ମହିଳା ସମ୍ପର୍କିତ ମାମଲାରେ କିଭଳି ଅଧିକରୁ ଅଧିକ ପ୍ରତିଶତ ଦଣ୍ଡ ବିଧାନ ହୋଇପାରିବ ତାହା ଉପରେ ଧ୍ୟାନ ଦେବାକୁ ମଧ୍ୟ ସମସ୍ତ ପୋଲିସ ଅଫିସରଙ୍କୁ ଡିଜି ନିର୍ଦ୍ଦେଶ ଦେଇଛନ୍ତି।

ପୋଲିସ ଡିଜି କହିଛନ୍ତି ଭୁବନେଶ୍ୱର ଏବେ ମହିଳାଙ୍କ ପାଇଁ ସୁରକ୍ଷିତ ସହର। ଏଭଳି ସବୁ ସହରରେ ମହିଳା କିଭଳି ସୁରକ୍ଷିତ ମଣିବେ ସେ ନେଇ ପୋଲିସ କାର୍ଯ୍ୟ କରିବା ଉଚିତ୍ । ଅପରପକ୍ଷରେ ରାଜ୍ୟର ସୁରକ୍ଷା ଦିଗରେ ବଡ ପଦକ୍ଷେପ ନେବାକୁ ଯାଉଛି ରାଜ୍ୟ ପୋଲିସ। ପୋଲିସର ଆଧୁନିକୀକରଣ ପାଇଁ ୧୩୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ସାରା (ପୃଷ୍ଠା ୭ରେ)

# ଜମି ଅଧିକାର ସମ୍ବନ୍ଧୀୟ ମାମଲାର ତ୍ୱରିତ ସମାଧାନ ଦିଗରେ ପଦକ୍ଷେପ ନେବାକୁ ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶ

**କଟକ, ୯।୯**
**ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାଗୃହଠାରେ ମଙ୍ଗଳବାର ରାଜସ୍ୱ ଓ ଭୂଅର୍ଜନ ସମ୍ବନ୍ଧୀୟ ସମୀକ୍ଷା ବୈଠକ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ଏହି ସମୀକ୍ଷା ବୈଠକରେ ଯୋଗଦେଇ ପୂର୍ବ ସର୍ବେକ୍ଷଣ ଅନୁଯାୟୀ ବସୁନ୍ଧରା ଯୋଜନା ଅନ୍ତର୍ଗତ ଭୂମିହୀନ ପରିବାରକୁ ଜମିପଟ୍ଟା ପ୍ରଦାନ, ପୂର୍ବରୁ ପ୍ରଦାନ କରାଯାଇଥିବା ଘରବାଡି ଜମିର ଚିହ୍ନଟ, ଶିକ୍ଷାନୁଷ୍ଠାନଗୁଡିକର ଜମିର ନିୟମିତକରଣ, ଜଙ୍ଗଲ ଅଧିକାର ଆଇନରେ ପ୍ରଦାନ କରାଯାଇଥିବା ପଟ୍ଟା ବଣ୍ଟନ, ସିକିମ୍, ବେବନ୍ଦୋବସ୍ତ ଓ ଜଙ୍ଗଲ ଜମି ଅଧିକାର ଅଧିନିୟମ ଅନ୍ତର୍ଗତ ବିଭିନ୍ନ ଯୋଜନା ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା । ଗୋଚର ଜମିରେ ରହୁଥିବା ଲୋକଙ୍କୁ ଥଇଥାନ କରାଇବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇ, ବୃଦ୍ଧ, ଅସହାୟ ଓ ବିଭିନ୍ନ ସମସ୍ୟା ନେଇ ଆସୁଥିବା ଲୋକଙ୍କ ସମସ୍ୟାଗୁଡିକ ଉପରେ ଯଥା ସମୟରେ ସଠିକ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ବିଭିନ୍ନ ସରକାରୀ ଅନୁଷ୍ଠାନ, ପ୍ରତିଷ୍ଠାନ, (ପୃଷ୍ଠା ୭ରେ)

31 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୧୦ ସେପ୍ଟେମ୍ବର ୨୦୨୫ ବୁଧବାର





## ସେପ୍ଟେମ୍ବର ୧୫ରେ ଝୁମର କର୍ମଶାଳା:ଭାଗ ନେବେ ୧୫ ନୃତ୍ୟ ଦଳ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାରିପଦାରେ ଓଡ଼ିଶା ଝୁମର ଏକାଡେମୀ ଓ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟ ମିଳିତ ସହଯୋଗରେ ସେପ୍ଟେମ୍ବର ୧୫ ଓ ୧୬ ଦୁଇ ଦିନିଆ ଝୁମର କର୍ମଶାଳା ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏନେଇ ଶନିବାର ଅମ୍ବିକା ହୋଟେଲ ଠାରେ ଓଡ଼ିଶା ଝୁମର ଏକାଡେମୀର ସଭାପତି ଅବନୀ ମହାନ୍ତଙ୍କ ସଭାପତିତ୍ୱରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି । ଏହି ସମ୍ମିଳନୀରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ଼ କିଶୋର କୁମାର ବସା, ଝୁମର କର୍ମଶାଳା ରିସେପ୍ସନ୍ କମିଟି ଚେୟାରମ୍ୟାନ ତଥା ବାରିପଦା ବିଧାୟକ ପ୍ରକାଶ ସୋରେନ, ସେକ୍ରେଟାରୀ ବସନ୍ତ ମହାନ୍ତ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଝୁମର ଏକାଡେମୀର ଉପସଭାପତି ରାକେଶ ସିଂ ସମ୍ମିଳନୀ ଆରମ୍ଭରେ ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କର୍ମଶାଳାରେ ୧୫ଟି ଝୁମର ନୃତ୍ୟ ଦଳ ଭାଗ ନେବା ସହିତ ଅନ୍ୟ ରାଜ୍ୟ ଯଥା ପଶ୍ଚିମବଙ୍ଗ ଝାଡ଼ଖଣ୍ଡ ଆସାମରୁ ଅତିଥି ଓ ବୁଦ୍ଧିଜୀବୀ ଯୋଗ ଦେବେ। ଝୁମର ହେଉଛି ଓଡ଼ିଶା ସମେତ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ, ଆସାମରେ ବସବାସ କରୁଥିବା ଲୋକଙ୍କ ବାଦ୍ୟ ଓ ନୃତ୍ୟର ଏକ ସତନ୍ତ୍ର ଅଙ୍ଗ ଅଟେ । ଝୁମର ସ୍ୱାଧୀନତା ପୂର୍ବରୁ ରାଜା ରାଜୁଡା ଜମିଦାର ମାନଙ୍କ ପୃଷ୍ଠପୋଶୋକତା ପାଇଁ ସ୍ୱାଧୀନତା ପରେ ସରକାରୀ ପୃଷ୍ଠପୋଷକତାରେ ଆଜି ଦେଶ ବିଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଏହାକୁ ଆହୁରି ଆଗକୁ ନେବାକୁ ବିଶ୍ୱବିଦ୍ୟାଳୟ ଗୁଡିକରେ ଝୁମରର ଗବେଷଣା କରାଯିବ। ତାହାକୁ ଲକ୍ଷ୍ୟ ରଖି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

## ଜନପଥରୁ ହଟିଲା ବାଉଁଶବାଡ଼ା:ବିପଦପୂର୍ଣ୍ଣ ଅବସ୍ଥାରେ ଝୁଲି ରହିଥିଲା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ଭୁବନେଶ୍ୱର ଜନପଥ ମେଡିଆନ୍‌ରୁ ଶେଷରେ ଭଙ୍ଗା ବାଉଁଶବାଡ଼ାକୁ ହଟାଯାଇଛି । ମେଡିଆନ୍‌ରେ ଗ୍ରିଲ୍ ଲଗାଇବା ଦାୟିତ୍ୱ ନେଇଥିବା ଠିକାସଂସ୍ଥା ଏହି ବାଉଁଶବାଡ଼ାକୁ ହଟାଇଛି । ପରେ ପର୍ଯ୍ୟାୟକ୍ରମେ ଏମ୍ଏସ୍ ଗ୍ରିଲ୍ ଜନପଥ ମେଡିଆନ୍‌ରେ ଲାଗିବ । ଏ ବାବଦରେ ପ୍ରାୟ ୬୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଭୁବନେଶ୍ୱର ସ୍ମାର୍ଟ ସହରର ମାନ୍ୟତା ପାଇବା ପରେ ପ୍ରଥମ ପର୍ଯ୍ୟାୟରେ ସରକାର ସହରର ପ୍ରମୁଖ ରାସ୍ତା ଜନପଥକୁ ସ୍ମାର୍ଟ ରୂପ ଦେଇଥିଲେ। ମାଷ୍ଟରକ୍ୟାଣ୍ଟିନ୍‌ରୁ ବାଣୀବିହାର ପର୍ଯ୍ୟନ୍ତ ରାସ୍ତାଘାଟ, ପାଦଚଲା, ସାଇକେଲ୍ ଟ୍ରାକ୍ ସାଙ୍ଗକୁ ସୌନ୍ଦର୍ଯ୍ୟୀକରଣର ବ୍ୟାପକ ବିକାଶ କରାଯାଇଥିଲା। ପ୍ରାୟ ୧୦୬ କୋଟି ଟଙ୍କା ଏ ବାବଦରେ ଖର୍ଚ୍ଚ କରାଯାଇଥିଲା । ସେ ସମୟରେ ପ୍ରାୟ ୭୦ ଲକ୍ଷ ଟଙ୍କା ବ୍ୟୟରେ ଜନପଥ ମେଡିଆନ୍‌ର ବିକାଶ କରାଯାଇଥିଲା। ସବୁଜିମା ଭ୍ରମ ସୃଷ୍ଟି ପାଇଁ ବାଉଁଶବାଡ଼ାରେ ସାଜସଜ୍ଜା କରାଯିବା ସହ ଏହାକୁ ସବୁଜ ରଙ୍ଗ ଦିଆଯାଇଥିଲା। କିନ୍ତୁ ବେଶିଦିନ ଯାଇନଥିଲା ଏହି ବାଉଁଶବାଡ଼ା। ମନୁଷ୍ୟକୃତ ଭାବେ ଓ ପୋକ ଖାଇ ଭାଙ୍ଗିଯିବା ସହ ରାସ୍ତାକୁ ବିପଦପୂର୍ଣ୍ଣ ଅବସ୍ଥାରେ ଭଙ୍ଗାବାଉଁଶ ସବୁ ଝୁଲି ରହିଥିଲା । ଯାହା ଚାଳକଙ୍କ ପାଇଁ ଘାତକ ସାଜିଥିଲା। ଏ ସଂପର୍କରେ ଖବର ପ୍ରକାଶ ପରେ ଏହି ବିପଦପୂର୍ଣ୍ଣ ବାଉଁଶବାଡ଼ା ସବୁ ହଟାଇବା ଅଭିଯାନ ଆରମ୍ଭ ହୋଇଛି । ସୂଚନାଯୋଗ୍ୟ, ଜନପଥର ମେଡିଆନ୍‌ରୁ ବାଉଁଶବାଡ଼ା ହଟାଇ ଏମ୍ଏସ୍ ଗ୍ରିଲ୍ ଲଗାଇବାକୁ ଯୋଜନା ହୋଇଛି । ଏଥିସହ ଉଦ୍ୟାନ ବିଭାଗ ସହଯୋଗରେ ନାନାଦି ସୌନ୍ଦର୍ଯ୍ୟବୃଦ୍ଧି ଗଛ ଲଗାଇବାକୁ ଯୋଜନା ହୋଇଛି । ଗଛ ଲାଗିବା ପରେ ବନ ନିଗମ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବ। ଏ ବାବଦରେ ସ୍ମାର୍ଟ ସିଟି ପକ୍ଷରୁ ନିକଟରେ ୬୦ ଲକ୍ଷ ଟଙ୍କାର ଟେଣ୍ଡର କରାଯାଇଛି ।

## ସାରର ଅଭାବୀ ବିକ୍ରି ପାଇଁ ଚାଷୀଙ୍କ ୫୭ ନମ୍ବର ରାଜପଥ ଅବରୋଧ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସାରର ଅଭାବ ଯୋଗୁ ସୁବର୍ଣ୍ଣପୁର ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ବାଗଦୁଲି ଛକରେ ସକାଳ ୯ଟାରୁ ୧୨ଟା ଯାଏ ଚାଷୀଙ୍କ ରାସ୍ତା ରୋକ୍ କରିଥିଲେ । ଯାଫଳରେ କି ଉଭୟ ପଟେ ଶହ ଶହ ଯାନ ବାହନ ଅଟକି ରହିଥିଲା । ଦ୍ୱିତୀୟ ସୁବର୍ଣ୍ଣପୁର ଜିଲ୍ଲାରେ ବର୍ତ୍ତମାନ ସାର ଅଭାବୀ ସହ ସାରର କଳା ବଜାରୀ ଦେଖିବାକୁ ମିଳିଛି । ୟୁରିଆ ବସ୍ତା ପ୍ରତି ସାତ ଶହରୁ ଆଠ ଶହ ବିକ୍ରି ଚାଲିଛି । କିନ୍ତୁ ବାରମ୍ବାର ଅଭିଯୋଗ ପରେ ବି କୃଷି ବିଭାଗ ଓ ଜିଲ୍ଲା ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବାରୁ ବାଧହୋଇ ସୋନପୁର ବ୍ଲକର ହଜାର ଚାଷୀ ଏକ ହୋଇ ସୁବର୍ଣ୍ଣପୁର ବଲାଙ୍ଗିର ମୁଖ୍ୟ ରାସ୍ତାକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ । ପ୍ରଶାସନ ଚାଷୀ ପାଖକୁ ଆସିବ ସ୍ପଟ୍ ସମାଧାନ କରିବ, ଆମେ ଯିବୁନି ବାର ବାର ନେହୁରା ହେବୁନି ଓ ବାଗଦୁଲି, ଖମ୍ବେଶ୍ୱରୀ ପାଲି ଅଞ୍ଚଳରେ ବର୍ତ୍ତମାନ ୨୫ ଶହ ବସ୍ତା ସାର ଦରକାରଥିବା ବେଳେ ଜିଲ୍ଲାକୁ ଆସିଛି ମାତ୍ର ୧୮୦ ବସ୍ତା ବୋଲି ଚାଷୀ ନେତା ସ୍ୱର ଉତ୍ତୋଳନ କରିଥିଲେ ଓ ଚାଷୀଙ୍କ ପ୍ରତି ଜିଲ୍ଲା ରାଜ୍ୟ ପ୍ରଶାସନ ଉପହାସ କରୁଛି ବୋଲି କହିଥିଲେ । କୃଷି ଅଧିକାରୀ, ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳକୁ ପହଞ୍ଚି ଚାଷୀ ସଂଗଠନକୁ ସାର ଯୋଗାଇବାକୁ ପ୍ରତିଶ୍ରୁତି ଦେବାପରେ ରାସ୍ତା ହଟିଥିବା ଜଣାଯାଇଛି । ଜିଲ୍ଲା କୃଷି ଅଧିକାରୀ ସୂଚନାଦେଲେ କି ଦୁଇଦିନ ତଳେ ୭୦୦ ମେଟ୍ରିକ୍ ଟନ୍ ୟୁରିଆ ସାର ଆସିଥିଲା କିନ୍ତୁ ପୁଣି ୭୦୦ ମେଟ୍ରିକ୍ ଟନ୍ ୟୁରିଆ ସାର ପହଞ୍ଚିଛି । ପ୍ରଥମରୁ ୧୩ ହଜାର ମେଟ୍ରିକ୍ ଟନ୍ ୟୁରିଆ ସାର ଆସିଥିଲା। ଚାଷୀଙ୍କୁ ଦିଆଯାଉଛି ବୋଲି ଜିଲ୍ଲା କୃଷି ଅଧିକାରୀ ସୂଚନା ଦେଲେ। ଗୋଟିଏ ସପ୍ତାହ ଭିତରେ ୟୁରିଆ ସାର ସମାଧାନ ହୋଇଯିବ ବୋଲି ସୂଚନା ଦେଲେ।

## ପରିବେଶ ସୁରକ୍ଷା ପାଇଁ ଇ-ବାଇକ୍ ଚଳାଚଳ ଉପରେ ଗୁରୁତ୍ୱାରୋପ

**ରାଉରକେଲା, ନ୍ୟୁଜ୍**




ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଉରକେଲା ଆଞ୍ଚଳିକ ଶାଖା, ଏନ୍ଆଇଟି ରାଉରକେଲା ଓ ଆର୍ଏମ୍ସିର ମିଳିତ ଆନୁକୂଲ୍ୟରେ ପୂର୍ବାହ୍ନରେ 'ନୀଳ ଅକାଶ ପାଇଁ ନିର୍ମଳ ବାୟୁ' ସମ୍ପର୍କିତ ଅନ୍ତର୍ଜାତୀୟ ଦିବସ ସ୍ଥାନୀୟ ଏନ୍ଆଇଟିର ଅଡିଟୋରିଅମ୍ ଠାରେ ଆୟୋଜିତ ହୋଇଯାଇଛି । ଏଥିରେ ସୁନ୍ଦରଗଡ଼ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ରାଉରକେଲା ଏନ୍.ଆଇ.ଟିର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ, ଆର୍ଏମ୍ସି ଯୁଗ୍ମ କମିଶନର ପଲ୍ଲବୀ ନାୟକ, ଏନ୍ଆଇଟିର ଆଲୁମିନି ବିଭାଗ ଡିନ୍ ପ୍ରଫେସର ଡ. ହିମାଂଶୁ ଭୂଷଣ ସାହୁ, ଢେଙ୍କାନାଳ ମୀରାମୁଣ୍ଡୁଳି ସ୍ଥିତ ଟାଟା ଷ୍ଟିଲ୍‌ର ପରିବେଶ ବିଭାଗ ମୁଖ୍ୟ ସଂଜୀବ ପାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅତିଥିମାନେ ମିଳିତ ଭାବେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ଡା. ଶୁଭଙ୍କର ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଲେ ଯେ, ଜିଲ୍ଲାରେ ପରିବେଶ ଅନୁକୂଳ 'ଇ' ବାଇକ୍ ପ୍ରଚଳନ, ଅଭିନବ ପ୍ରକଳ୍ପକୁ ପ୍ରୋତ୍ସାହନ, ପ୍ରଦୂଷଣ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି । ଆମେ ବୃହତ ସ୍ତରରେ ଚିନ୍ତା କରିବା ସହ ଆଞ୍ଚଳିକ ସ୍ତରରେ ତାହାକୁ କାର୍ଯ୍ୟରେ ଲଗାଇବାକୁ ସେ ପରାମର୍ଶ ଦେଇଥିଲେ । ଏଥିସହ ଆମ ଦୈନନ୍ଦିନ ଜୀବନ ଶୈଳୀରେ ପରିବେଶ ଅନୁକୂଳ ଛୋଟ ଛୋଟ ଅଭ୍ୟାସ ଆପଣାଇଲେ ପରିବେଶର ସୁରକ୍ଷା ସମ୍ଭବ ହୋଇପାରିବ ବୋଲି କହିଥିଲେ । ଛାତ୍ର ଓ ଯୁବ ବର୍ଗ ଅଭିନବ ପ୍ରଣାଳୀ ଉଦ୍ଭାବନ କରି ପରିବେଶ ଓ ବିକାଶ ଧାରାରେ ସାମିଲ ହେବାକୁ ଡ଼ ମହାପାତ୍ର ଆହ୍ୱାନ୍ କରିଥିଲେ । ଡ଼. କେ. ଉମାମହେଶ୍ୱର ରାଓ ତାଙ୍କ ବକ୍ତବ୍ୟରେ ଜନ ସହଭାଗିତା ଦ୍ୱାରା ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରାଯାଇପାରିବ ଓ ଅଧିକରୁ ଅଧିକ ବୃକ୍ଷ ରୋପଣ ପାଇଁ ଆହ୍ୱାନ୍ ଦେଇଥିଲେ । ଆଞ୍ଚଳିକ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ଡ. ଅନୁପ କୁମାର ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ ସହ ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ରାଉରକେଲାକୁ ଯେଉଁ ନନ୍ ଆଟେନ୍‌ମେଣ୍ଟ ସହର ଘୋଷଣା କରାଯାଇଛି, ସେ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ସମ୍ମାନିତ ଅତିଥିମାନେ ବିଷୟବସ୍ତୁ ସମ୍ପର୍କରେ ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ। ପରିବେଶର ସୁରକ୍ଷା ପାଇଁ ସମସ୍ତେ ଯତ୍ନବାନ ହେବାକୁ ଆହ୍ୱାନ କରିଥିଲେ । ପ୍ରାରମ୍ଭରେ ଆୟୋଜିତ ବୈଷୟିକ ପର୍ଯ୍ୟାୟରେ ଏନ୍ଆଇଟି ପ୍ରଫେସର ଡ଼ ଭୀଷ୍ମ ତ୍ୟାଗୀ ବାୟୁର ସ୍ଥିତ ଓ ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ । ପୂର୍ବରୁ ଏନ୍ଆଇଟି ଏବଂ ୱାଇଏମ୍ଏଫ୍ଆଇ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ସାର୍ଟିଫିକେଟ୍ ଓ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଉପ ପରିବେଶ ଯନ୍ତ୍ରୀ ବିଜୟ କୁମାର ଭୋଇ, ଆର.ଆର. ଦାସ, ଚନ୍ଦ୍ରଶେଖର ଚୌହାନ, ରଜତ କୁମାର ସେଠୀ, ସହକାରୀ ପରିବେଶ ଯନ୍ତ୍ରୀ ପ୍ରିତମ କୁମାର ପତି, ଏ.ଇ.ଏସ୍. ସୌମ୍ୟରଞ୍ଜନ ପ୍ରଧାନ, ସହକାରୀ ପରିବେଶ ବୈଜ୍ଞାନିକ ପ୍ରଜ୍ଞାଜ୍ୟୋତି ସେନାପତି, ଓଏସ୍‌ଡ଼ି ବିଭୁତି ଭୂଷଣ ମହନ୍ତଙ୍କ ସମେତ ଅନ୍ୟ ଷ୍ଟାଫ୍‌ମାନେ ସହଯୋଗ କରିଥିଲେ । ଜିଲ୍ଲାପାଳ ସମସ୍ତଙ୍କୁ ମିଶନ୍ ଲାଇଫ୍ ଅନ୍ତର୍ଗତ ପରିବେଶ ଅନୁକୂଳ ଜୀବନ ଶୈଳୀ ଆପଣାଇବା ନେଇ ଶପଥ ପାଠ କରାଇଥିଲେ । ଶେଷରେ ପ୍ରଫେସର ବିକାଶ ଚନ୍ଦ୍ର ମହାରାଜ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ଏନ୍ଆଇଟି ଛାତ୍ର ରଘୁରାଜ ସମାନୀ ଓ ଛାତ୍ରୀ ରୀତିକା ମଲ୍ଲିକ ସଂଯୋଜନା କରିଥିଲେ ।

## ବନ୍ଦ ଘରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା କୋରେଇ ନିର୍ବାଚନ ମଣ୍ଡଳୀର ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ପଞ୍ଚାୟତ ସ୍ଥିତ ଫତିପୁର ଗ୍ରାମରେ ଜଣେ ୨୮ ବର୍ଷୀୟା ଯୁବକ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି । ସୂଚନା ମୁତାବକ ରାତିରେ ଯୁବକ ଜଣଙ୍କ ଖାଇ ପିଇ ଶୋଇଥିଲେ । ପରଦିନ ସକାଳୁ ୧୧ଟା ସମୟ ପର୍ଯ୍ୟନ୍ତ ଉଠିବାରେ ଡେରି ହେବାରୁ ଘର ଲୋକ ସନ୍ଦେହ କରି କବାଟ ବାଡେଇଥିଲେ । କବାଟ ନଖୋଲିବାରୁ ଗାଁ ଲୋକଙ୍କ ଉପସ୍ଥିତିରେ କବାଟକୁ ଭାଙ୍ଗିଥିଲେ ଓ ଯୁବକ ଜଣଙ୍କ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ତେବେ ଯୁବକଙ୍କୁ ତୁରନ୍ତ ଯାଜପୁର ରୋଡ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ସୂଚନା ପାଇ ପାଣିକୋଇଲି ପୋଲିସ ଯାଜପୁର ରୋଡ଼ ମେଡିକାଲ୍‌ରେ ପହଞ୍ଚି ଶବକୁ ଜବତ କରି ଶବ ବ୍ୟବଚ୍ଛେଦ ନିମନ୍ତେ ସ୍ଥାନୀୟ ଦାନଗଦୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି ପାଣିକୋଇଲି ପୋଲିସ। ମୃତ ଯୁବକ ଜଣକ ଜହ୍ନା ପଞ୍ଚାୟତ ସ୍ଥିତ ଫତିପୁର ଗ୍ରାମର ରବୀନ୍ଦ୍ର ମଲିକଙ୍କ ପୁଅ ସୁଦାମ ମଲିକ ବୋଲି ଜଣାପଡିଛି । ସୁଦାମ ପୂର୍ବରୁ ଯାଜପୁର ରୋଡ୍ ସ୍ଥିତ କହ୍ନେଇପୁରରେ ଏକ ଫୁଲ ଦୋକାନ କରିଥିଲେ ପରେ ନିଜର ଏକ ଟେଣ୍ଟ ହାଉସ୍ କରି ବ୍ୟାପାର କରୁଥିଲେ । ତେବେ ସୁଦାମଙ୍କ ଆତ୍ମହତ୍ୟା ଏକ ପ୍ରେମ ଜନିତ ସମ୍ପର୍କକୁ ନେଇ ହୋଇଥିବା ଅଞ୍ଚଳରେ ଶୁଣିବାକୁ ମିଳୁଛି । ସେପଟେ ସୁଦାମଙ୍କ ମୃତ୍ୟୁ ଖବର ଶୁଣି କହ୍ନେଇପୁର ବଜାର କମିଟି ତରଫରୁ ସମ୍ପୂର୍ଣ୍ଣ ବଜାର ବନ୍ଦ କରି ସୁଦାମଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଛି । ଅନ୍ୟପଟେ ଆତ୍ମହତ୍ୟା ଘଟଣାକୁ ନେଇ ତଦନ୍ତ ଚଳାଇଛି ପାଣିକୋଇଲି ପୋଲିସ ।




## ଭବାନୀପାଟଣା ସୁନ୍ନୀ ଜାମା ମସ୍‌ଜିଦ୍ ପକ୍ଷରୁ ଇଦ୍-ମିଲାଦୁନବୀ ପାଳିତ

**ଭବାନୀପାଟଣା, ନ୍ୟୁଜ୍ ବ୍ୟୁରୋ**

ଭବାନୀପାଟଣା ଜାମା ମସ୍‌ଜିଦ୍ ପକ୍ଷରୁ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ସକାଳ ୭ ଘଣ୍ଟା ଠାରୁ ଏକ ବିରାଟ ଶୋଭାଯାତ୍ରା ମୁଖ୍ୟ ଜାମା ମସ୍‌ଜିଦ୍‌ରୁ ବାହାରି ଶହ ଶହ ମୁସଲମାନ ଭାଇମାନେ ତ୍ରିରଙ୍ଗା ପତାକା ଧରି ଭାଇଚାରା ସ୍ଲୋଗାନ୍‌ମାନ ଦେଇ ପୁରୁଣାପଡା, ନକଟିଗୁଡା ଛକ, ନୂଆ ବସ୍‌ଷ୍ଟାଣ୍ଡ ଦେଇ ସିନେମାହଲ୍ ଛକ, ମାଣିକେଶ୍ୱରୀ ହାଇସ୍କୁଲ ଛକ, ଷ୍ଟେଚ୍ୟୁ ଛକ ଦେଇ ଜାମା ମସ୍‌ଜିଦ୍ ପହଞ୍ଚିଥିଲେ । ଏହି ଅବସରରେ ପଞ୍ଜାବୀ ସମ୍ପ୍ରଦାୟ ପକ୍ଷରୁ ଗୁରୁନାନକ ମନ୍ଦିର ଛକ ଓ ଗାନ୍ଧି ଛକ ଠାରେ ହେଲ୍ପିଂ ହେଣ୍ଡ ସୋସାଇଟି ପକ୍ଷରୁ ଥଣ୍ଡା ପାଣି, ମିଷ୍ଟାନ୍ନ ବଣ୍ଟନ କରାଯାଇ ଶୋଭାଯାତ୍ରାକୁ ସ୍ୱାଗତ କରାଯାଇଥିଲା । ଜାମା ମସ୍‌ଜିଦର ନବ ନିର୍ବାଚିତ ସଭାପତି ଆୟୁବ ଅଲ୍ଲୀ ଖାଁ, ସମ୍ପାଦକ ହନିଫ୍ ଖାଁଙ୍କୁ ଗାନ୍ଧି ଛକ ଠାରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ଭବେନ୍ଦ୍ର ପଣ୍ଡା, କଂଗ୍ରେସର ବରିଷ୍ଠ ନେତା ସନ୍ତୋଷ ମୁଣ୍ଡ, ପୌରପରିଷଦ ଚେୟାରମ୍ୟାନ ବିଷ୍ଣୁ ପ୍ରଧାନ, ବିସିସି ସଭାପତି ଗିରିଶ ବେହେରା, ସାମ୍ବାଦିକ ରେହମାନ ଅଲ୍ଲୀ ଖାଁ, ଆଇନଜୀବୀ ଅନୱର ଭାରତୀ, ସଚ୍ଚି ମହାଖୁଡ, ଜାମା ମସଜିଦ କମିଟିର ଉପସଭାପତି ଶେଖ ଅନସର୍, ସମିମ ମହମ୍ମଦ, ନାଦରାଜ ନାଏକ, ମୁକ୍ତାର ଅଲ୍ଲୀ, ହୃଷିକେଶ ଗାନ୍ଧୀ, ରୋଶନ ଖାଁ ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ ।

## ସାଇବର ଅପରାଧ ନିୟନ୍ତ୍ରଣ ଲାଗି ଆଇନ୍‌ସେବା ପ୍ରାଧିକରଣ ସଚେତନତା କାର୍ଯ୍ୟକ୍ରମ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**




ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଗେଲପୁର ସ୍ଥିତ ରୟାଲ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ ପ୍ରାଙ୍ଗଣରେ ଏକ ସଚେତନତା କାର୍ଯ୍ୟକ୍ରମ ବିଶେଷକରି ସାଇବର ଅପରାଧ, ଆଇନ୍ ଓ ସୁରକ୍ଷା ସଂକ୍ରାନ୍ତିୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଲୋକ ରଥ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ଅନୁଷ୍ଠାନର ପିଲାମାନଙ୍କୁ ସାଇବର ଅପରାଧ, ଆଇନ୍ ଓ ସୁରକ୍ଷା ସମ୍ବନ୍ଧରେ ବିସ୍ତୃତ ଭାବେ ବୁଝାଇଥିଲେ । ତତ୍‌ସହିତ ସଚିବ ଶ୍ରୀ ରଥ ପିଲାମାନଙ୍କ ସହିତ ଭାବର ଆଦାନ ପ୍ରଦାନ ବିଶେଷକରି ସାମାଜିକ ଗଣମାଧ୍ୟମ, ଇଣ୍ଟରନେଟ୍, ମୋବାଇଲ ଓ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ ମାଧ୍ୟମରେ ସାଇବର ଠକେଇ, ଅପରାଧ ତଥା ଆଇନ୍ ବିଷୟରେ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରତିପକ୍ଷ ଅଧିବକ୍ତା ଡ. ତାପସ କୁମାର ମହାନ୍ତି, ପୋଲିସ ଇନ୍‌ସପେକ୍ଟର, ବନ୍ଦନା ଦେବୀ, ଏସ୍.ପି. ଅଫିସ, ଭଦ୍ରକ, ତୃପ୍ତିମୟୀ ପାତ୍ର, ଏ.ଡି.ଇ.ଓ., ଡି.ଇ.ଓ. ଅଫିସ, ହୀମାଦ୍ରୀ ନନ୍ଦିନୀ ବିଶ୍ୱାଳ, ବିଜ୍ଞାନ ନିରୀକ୍ଷକ ଅଧିକାରୀ, ଡି.ଇ.ଓ. ଅଫିସ, ସଂଜୟ କୁମାର ତ୍ରିପାଠୀ, ଚିଫ୍ ମେନେଜର, ଏସ୍.ବି.ଆଇ. ମୁଖ୍ୟ ବ୍ରାଞ୍ଚ, ଭଦ୍ରକ, ପ୍ରଦୀପ କୁମାର ପଣ୍ଡା, ଚେୟାରମେନ, ଆର.ଜି.ଆଇ. ଗେଲପୁର ଓ ନାରାୟଣ ଚନ୍ଦ୍ର ପଣ୍ଡା, ଅଧ୍ୟକ୍ଷ ଆର.ଜି.ଆଇ. ଗେଲପୁର ନିଜକୁ ନିଜେ ସୁରକ୍ଷିତ ଓ ସାଇବର ଅପରାଧରୁ ଦୂରେଇ ରହି, ପାଠପଢ଼ା ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ ତଥା ଅନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷକ ତଥା ଜିଲ୍ଲା ଆଇନ୍‌ସେବାର କର୍ମଚାରୀମାନେ ଯୋଗଦେଇ ସଚେତନତା କାର୍ଯ୍ୟକ୍ରମଟିକୁ ସୁନ୍ଦର ଭାବରେ ପରିଚାଳନା ତଥା ସହଯୋଗ କରିଥିଲେ।

## ସମ୍ ହସ୍ପିଟାଲ୍‌ରେ ଚତୁର୍ଥ ଥର ପାଇଁ ଅଙ୍ଗଦାନ ପ୍ରକ୍ରିୟା ସମ୍ପନ୍ନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**




ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ସୋମବାର ଜଣେ ୫୨ ବର୍ଷୀୟ ବ୍ରେନ୍ ଡେଡ୍ ବ୍ୟକ୍ତିଙ୍କ ଠାରୁ ଯକୃତ ବାହାର କରାଯାଇ ଭୁବନେଶ୍ୱରର ଅନ୍ୟ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ରୋଗୀଙ୍କ ଶରୀରରେ ପ୍ରତ୍ୟାରୋପଣ ନିମନ୍ତେ ପ୍ରେରଣ କରାଯାଇଛି । ଗତ ଅଗଷ୍ଟ ୩୧ରେ ଏକ ସଡ଼କ ଦୁର୍ଘଟଣାରେ ଗଭୀର ଆଘାତ ପାଇଥିବା ଜଣେ ସୁରକ୍ଷାକର୍ମୀଙ୍କୁ ଚିକିତ୍ସା ନିମନ୍ତେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌କୁ ଅଣାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କୁ ରବିବାର ବ୍ରେନ୍ ଡେଡ୍ ଘୋଷଣା କରାଯାଇଥିଲା । ଭୁବନେଶ୍ୱର ଉପକଣ୍ଠ ଛତାବରରେ ଏକ ଅନୁଷ୍ଠାନରେ ସିକ୍ୟୁରିଟି ଗାର୍ଡ ଥିବା ହୁଲାସ ଦିହୁଡି ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ତାଙ୍କୁ ଏକ ବାଇକ୍ ଚାଳକ ଧକ୍କା ଦେବା ଫଳରେ ତାଙ୍କ ମସ୍ତିଷ୍କରେ ଗଭୀର ଆଘାତ ଲାଗିଥିଲା । ତାଙ୍କୁ ତୁରନ୍ତ ସମ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯିବା ପରେ ସେ ଭେଣ୍ଟିଲେଟର ସାହାଯ୍ୟରେ ଚିକିତ୍ସାଧୀନ ଥିଲେ। ସେ ଟ୍ରମାଟିକ୍ ବ୍ରେନ୍ ଇଞ୍ଜୁରିର ଶିକାର ହୋଇଥିଲେ ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିନଥିଲା । ଅନେକ ଚିକିତ୍ସା ସତ୍ତ୍ୱେ ତାଙ୍କୁ ବ୍ରେନ୍ ଡେଡ ବୋଲି ପରିବାର ସଦସ୍ୟଙ୍କୁ ଜଣାଇ ଦିଆଯାଇଥିଲା ବୋଲି ସମ୍ ହସ୍ପିଟାଲର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ସୂଚନା ଦେଇଛନ୍ତି । ଏହାପରେ ପରିବାର ସଦସ୍ୟମାନେ ଅନ୍ୟର ଜୀବନ ବଞ୍ଚାଇବା ପାଇଁ ତାଙ୍କର ଅଙ୍ଗଦାନ କରିବା ନିମନ୍ତେ ନିଷ୍ପତି ନେଇଥିଲେ। ହସ୍ପିଟାଲ୍ କର୍ତ୍ତୃପକ୍ଷ ଷ୍ଟେଟ୍ ଅର୍ଗାନ୍ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ୍ (ସୋଟୋ) ଏବଂ ନ୍ୟାସନାଲ ଅର୍ଗାନ୍ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ୍ (ନୋଟୋ) ସହ ଯୋଗାଯୋଗ କରି ଅଙ୍ଗ ବାହାର କରି ପ୍ରତ୍ୟାରୋପଣ ପ୍ରକ୍ରିୟାର ପ୍ରସ୍ତୁତି କରିଥିଲେ । ଏହାକୁ ମିଶାଇ ସମ୍ ହସ୍ପିଟାଲ୍‌ରେ ୪ର୍ଥ ଥର ପାଇଁ ବ୍ରେନ୍ ଡେଡ୍ ବ୍ୟକ୍ତିଙ୍କ ଶରୀରରୁ ଅଙ୍ଗ ବାହାର କରାଯାଇ ଅନ୍ୟ ରୋଗୀଙ୍କ ଶରୀରରେ ପ୍ରତ୍ୟାରୋପଣ କରିବା ପ୍ରକ୍ରିୟା ସମ୍ପନ୍ନ କରାଯାଇଥିବା ପ୍ରଫେସର ସାମନ୍ତସିଂହାର କହିଥିଲେ।

## ବସ୍ ଭଡ଼ା ପାଇଁ ୨ ନାବାଳକଙ୍କୁ ବସ୍‌ରେ ୨୫ କିମି ବୁଲାଇଲା ଲକ୍ଷ୍ମୀ ବସ୍ କଣ୍ଡକ୍ଟର



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

୫ଟଙ୍କା ଭଡା ନଥିଲା ବୋଲି ଦୁଇ ନାବାଳକ ଭାଇଙ୍କୁ ୨୫ କିଲୋମିଟର ବୁଲାଇଲା ଲକ୍ଷ୍ମୀ ବସ୍ । ୨ ଘଣ୍ଟା ପରେ ବସ୍‌କୁ ଅଟକାଇ ଦୁଇ ଭାଇଙ୍କୁ ଉଦ୍ଧାର କଲେ ପରିବାରବର୍ଗ, କଣ୍ଡକ୍ଟରକୁ ବଜାର ଭିତରେ ଉଠବସ କରାଇଲେ । ଏହିଭଳି ଏକ ଅଭାବନୀୟ ଘଟଣା ଘଟିଛି ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା ବଜାରରେ । ସୂଚନା ଅନୁଯାଇ ବୈଶିଙ୍ଗା ଗ୍ରାମର ସରୋଜ ପୁଥାଲଙ୍କ ପୁଅ ଷଷ୍ଠ ଶ୍ରେଣୀରେ ପଢୁଥିବା ନାବାଳକ ପୁଅ ପିୟୁଷ ଓ ନଡପୁର ଗ୍ରାମର ବ୍ରଜମୋହନ ବେହେରାଙ୍କ ସପ୍ତମ ଶ୍ରେଣୀରେ ପଢୁଥିବା ପୁଅ ରୋହିତ ରବିବାର ଅପରାହ୍ନ ୨ଟା ପାଖାପାଖି ସମୟରେ ବୈଶିଙ୍ଗା ଆସିବା ପାଇଁ ନଡ଼ପୁର ଗ୍ରାମ ଛକରୁ ଲକ୍ଷ୍ମୀ ବସ୍‌ରେ ଚଢ଼ିଥିଲେ । ତେବେ ୨ଭାଇ ବସ୍‌ରେ ଉଠିବା ସମୟରେ କଣ୍ଡକ୍ଟର ଦାୟିତ୍ୱରେ ଥିବା ଦାରିହା ଗ୍ରାମର ପ୍ରତାପ ବଇଠାଙ୍କୁ କହିଥିଲେ କି ତାଙ୍କ ପାଖରେ ଭଡା ଦେବାପାଇଁ ୧୦ ଟଙ୍କା ନାହିଁ । ବୈଶିଙ୍ଗା ବସ୍‌ଷ୍ଟାଣ୍ଡରେ ତାଙ୍କ ବାପା ସରୋଜ ଜଗିଛନ୍ତି ଭଡା ଦେଇଦେବେ। ତେବେ ବୈଶିଙ୍ଗା ପହଞ୍ଚିବା ପରେ ଷ୍ଟାଣ୍ଡରେ ସରୋଜ ନଥିବାରୁ ୨ ଭାଇ ୧୦ ଟଙ୍କା ଦେବାରେ ଅସମର୍ଥ ହୋଇଥିଲେ । କଣ୍ଡକ୍ଟରକୁ ବସ୍‌ରୁ ଓହ୍ଲାଇ ଦେବାକୁ ଅନୁରୋଧ କରିଥିଲେ । ହେଲେ ମାନବିକତା ଭୁଲିଯାଇଥିଲେ ଲକ୍ଷ୍ମୀ ବସ୍ କଣ୍ଡକ୍ଟର ପ୍ରତାପ ଓ ୨ ଭାଇଙ୍କୁ ବୈଶିଙ୍ଗରେ ନଓହ୍ଲାଇ ବସ୍‌ର ଲାଷ୍ଟ ଷ୍ଟୋପେଜ୍ କଳମା ଅଞ୍ଚଳର କାନ୍ଥି ପର୍ଯ୍ୟନ୍ତ ନେଇଯାଇଥିଲେ । ତେବେ ରାସ୍ତାରେ ସରୋଜ ପିଲାଙ୍କୁ ବୈଶିଙ୍ଗାରେ ନଓହ୍ଲାଇବା ଦେଖି ଫୋନ୍ କରିଥିଲେ ବି ସେ ତାଙ୍କୁ ଆମେ ପଳେଇ ଆସିଛୁ, କହି ବୈଶିଙ୍ଗାରେ ଅପେକ୍ଷା କରିବାକୁ କହିଥିଲେ । ଫେରିଲେ ପିଲାଙ୍କୁ ନେବେ ବୋଲି ପରାମର୍ଶ ଦେଇଥିଲେ। ତେବେ ପରିବାରବର୍ଗ ଦୀର୍ଘ ଦେଢ ଘଣ୍ଟା ପରେ ବସ୍ ଫେରିବାରୁ ପିଲାଙ୍କୁ ପାଇଥିଲେ । ୨ ଭାଇଙ୍କ ମୁହଁରୁ ସବୁ କଥା ଶୁଣିଥିଲେ । ପରେ ବୈଶିଙ୍ଗା ବଜାର ମଝିରେ ବସ୍‌କୁ ଅଟକେଇବା ସହିତ କଣ୍ଡକ୍ଟରକୁ ଏବାବଦରେ ପଚାରିଥିଲେ ପରିବାର ଲୋକ । ପରେ ସ୍ଥାନୀୟ ଲୋକ ମଧ୍ୟ ଘଟଣା ସ୍ଥଳରେ ଏକଜୁଟ୍ ହୋଇଯାଇଥିଲେ । ଉତ୍ତେଜନା ସୃଷ୍ଟି ହୋଇଥିଲା । ପରେ ପ୍ରତାପ ଉଠବସ ହେବା ସହିତ ଅଭିଭାବକଙ୍କୁ ହାତ ଯୋଡି ଭୁଲ୍ ମାଗିବା ପରେ ବସ୍‌ରେ ଅନ୍ୟ ଯାତ୍ରୀ ଥିବାରୁ ବସ୍‌କୁ ଛାଡି ଦିଆଯାଇଥିଲା । ତେବେ ଉକ୍ତ ଘଟଣା ନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଆଇଜି ବୈଶିଙ୍ଗା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଯାହାକୁ ନେଇ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି ।

## କ୍ଷିତି ଜ୍ୟୋତି ଆଶ୍ରମରେ ସାଧୁ ପୂଜନ ଓ ଧର୍ମ ଜାଗରଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କ୍ଷିତି ଜ୍ୟୋତି ଆଶ୍ରମରେ ସାଧୁ ପୂଜନ ଓ ଧର୍ମ ଜାଗରଣ ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ, ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ, କ୍ଷିତି ଜ୍ୟୋତି ଆଶ୍ରମ ଇନ୍ଦୁପୁର ଶାଖା ଓ ଧର୍ମ ଜାଗରଣ ସମନ୍ୱୟ ଓଡ଼ିଶା ପୂର୍ବ ପ୍ରାନ୍ତ ମିଳିତ ଆନୁକୁଲ୍ୟରେ ଚରମ ପାଦ ଶ୍ରୀ ଶ୍ରୀ ଠାକୁର କେଶବ ଚନ୍ଦ୍ରଙ୍କ ୭୧ ତମ ଶୁଭ ଆବିର୍ଭାବ ମହୋତ୍ସବ ପାଳନ ଅବସରରେ ଆୟୋଜିତ ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ କାର୍ଯ୍ୟକ୍ରମରେ ପ୍ରସିଦ୍ଧ ବାରୁଣୀ ତୀର୍ଥ ଘାଟରୁ ଏକ ନାମ ସଙ୍କୀର୍ତ୍ତନ ନଗର ପରିକ୍ରମା କରିବା ସହିତ ଏକ ସାଧୁ ପୂଜନ ଓ ଧର୍ମ ଜାଗରଣ ସମ୍ମିଳନୀ ଶାଖା ପରିଚାଳକ ବଂଶୀଧର ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା ବେଳେ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରାଧ୍ୟାପକ ଡ଼ ଚାରୁଚନ୍ଦ୍ର ହାଜରା ମୁଖ୍ୟଅତିଥି ଭାବେ ଯୋଗଦେଇ ଧାର୍ମିକ ପରମ୍ପରାର ମହାନ୍ ଗ୍ରନ୍ଥ ଶ୍ରୀମଦ୍ ଭାଗବତ ପୁରାଣ ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟତମ ଅତିଥି ଜିଲ୍ଲା ଆବାହକ ପ୍ରକାଶ କୁମାର ଜେନା, ସାଧୁ, ସନ୍ଥ, ତୁଳସୀ, ଗୋମାତା ବିଷୟରେ ମତାମତ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରବକ୍ତା ବୀରକିଶୋର ରାଉତ, ବାବାଜୀ ଅଭିରାମ ଦାସ, ଯୋଗନ୍ଦା କପିଳାସ ଓ ସାଥୀ ସାଧୁ ମାନଙ୍କର ଧର୍ମ ଜାଗରଣ ସମ୍ବନ୍ଧୀୟ ଉଦ୍‌ବୋଧନ ଦେଇଥିଲେ। ସେନାଧ୍ୟକ୍ଷ ରାମ ନାରାୟଣ ସିଂହ, ଧୀରେନ୍ଦ୍ର କୁମାର ସେଠୀ, ଦୀପ୍ତି ରଞ୍ଜନ ସାହୁ, ଶିବ ପ୍ରକାଶ ଜେନା, ରାଜେନ୍ଦ୍ର ସେଠୀ, ସୁଜିତ୍ ବୋଷ, ରଣ ବିଜୟ ରାଉତ, ନବ କିଶୋର ମଲ୍ଲିକ ପ୍ରମୁଖ ଉପସ୍ଥିତ ସହିତ ସହଯୋଗ କରିଥିଲେ। ମାନସ ଗୋଚ୍ଛାୟତ ପୂଜାର୍ଚ୍ଚନା କାର୍ଯ୍ୟ କରିଥିଲେ । ଶେଷରେ ଜଗତ କଲ୍ୟାଣ କାମନା ପୂର୍ବକ ସମର୍ପଣ ବନ୍ଦନା ଗାନ କରାଯାଇ ସାଧୁମାନେ ଶାନ୍ତି ପାଠ କରାଯାଇଥିଲା ।

### ଭଗବାନଙ୍କ ଭରସାରେ ଦେବଗଡ ଜିଲ୍ଲାର ସ୍ୱାସ୍ଥ୍ୟସେବା

## ୨୧୧ ଡାକ୍ତର ବଦଳରେ ଅଛନ୍ତି ମାତ୍ର ୭୧ଜଣ,ବହୁ ବିଶେଷଜ୍ଞ ପଦବୀ ଖାଲି

**ଦେବଗଡ଼, ନ୍ୟୁଜ୍ ବ୍ୟୁରୋ**




ଦେବଗଡ ଜିଲ୍ଲାର ସ୍ୱାସ୍ଥ୍ୟସେବା ଏକ ପ୍ରକାର ଭୁଶୁଡି ପଡିଛି । ଜିଲ୍ଲାରେ ୨୧୧ ଜଣ ଡାକ୍ତର ପଦବୀ ରହିଥିବାବେଳେ ବର୍ତ୍ତମାନ ଅଛନ୍ତି ମାତ୍ର ୭୧ ଜଣ। ସେଥିମଧ୍ୟରୁ ୧୪୦ ପଦବୀ ଖାଲିପଡିଥିବା ସରକାରୀ ତଥ୍ୟରୁ ଜଣାପଡିଛି । ମାତ୍ର ହାତଗଣତି ଡାକ୍ତରଙ୍କୁ ନେଇ ଚାଲିଛି ଜିଲ୍ଲା ମୁଖ୍ୟଚିକିତ୍ସାଳୟ ଓ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ ବ୍ୟବସ୍ଥା । ଗତ ଜୁନ୍ ୩ରେ ମୁଖ୍ୟମନ୍ତ୍ରୀ ଦେବଗଡ ଗସ୍ତରେ ଆସି ନୂଆବାଲିରୋଇରେ ନବନିର୍ମିତ ୩୦୦ ଶଯ୍ୟା ବିଶିଷ୍ଟ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାକୁ ଉଦ୍‌ଘାଟନ କରିଥିଲେ । ଚଳିତ ମାସ ୧୧ରୁ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାରୁ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାକୁ ସ୍ଥାନାନ୍ତରିତ କରାଯାଇଥିଲା । ଅନ୍ୟପଟେ ଅସ୍ଥିଶଲ୍ୟ, ଚର୍ମରୋଗ, ନିଷ୍ଚେତକ, ଏସ୍ଏନ୍ସିୟୁ, ସର୍ଜରୀ ତଥା ବିଭିନ୍ନ ବିଭାଗରେ ବିଶେଷଜ୍ଞ ପଦବୀ ଖାଲିପଡିଛି । ନୂତନ ମୁଖ୍ୟ ଚିକିତ୍ସାଳୟ କୋଠା ଉଦ୍‌ଘାଟନ ପରେ ଜିଲ୍ଲାବାସୀ ସ୍ୱାସ୍ଥ୍ୟ ସେବାର ଭିତ୍ତିଭୂମିର ବିକାଶ ହେବାର ଉନ୍ନତରମାନର ଚିକିତ୍ସା ପାଇବେ ବୋଲି ଆଶା ରଖିଥିଲେ । କିନ୍ତୁ ଡାକ୍ତର ଅଭାବ ଯୋଗୁ ରୋଗୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିରୁ ସ୍ପଷ୍ଟ ଯେ, ଦେବଗଡ଼ ମୁଖ୍ୟ ଚିକିତ୍ସାଳୟର ମାନ୍ୟତା ସିନା ପାଇଛି ହେଲେ ଡାକ୍ତର ଅଭାବରୁ ସରକାରଙ୍କ ପକ୍ଷରୁ ବିଭିନ୍ନ ସୁବିଧା ମଧ୍ୟ ଲୋକମାନେ ପାଇବାରୁ ବଞ୍ଚିତ ହେଉଛନ୍ତି । ସୂଚନାରୁ ପ୍ରକାଶ ଯେ, ୧୯୯୪ରେ ଦେବଗଡ ଏକ ନୂତନ ଜିଲ୍ଲାର ମାନ୍ୟତା ପାଇବାପରେ ଦେବଗଡ ସବଡିଭିଜନ ଡାକ୍ତରଖାନାରୁ ମୁଖ୍ୟ ଚିକିତ୍ସାଳୟର ମାନ୍ୟତା ପାଇଥିଲା । ଜିଲ୍ଲାରେ ୪ଟି ସିଏଚସି ଓ ୮ଟି ପିଏଚସିରହିଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୫୫ ଡାକ୍ତର ପଦବୀ ରହିଥିବାବେଳେ ବର୍ତ୍ତମାନ ୧୮ଜଣ ଡାକ୍ତରଙ୍କୁ ନେଇ ଚାଲୁଛି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ। ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୧ ପଦବୀ ସ୍ଥାନରେ ୪ ଜଣ ଡାକ୍ତର ରହିଥିବା ବେଳେ ୭ ପଦବୀ ଖାଲିରହିଛି । ବମପରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦ଟି ପଦବୀ ଥିବାବେଳେ ୩ ଜଣ ଡାକ୍ତର ଥିବାବେଳେ ବାକି ୭ ପଦବୀ ଖାଲିରହିଛି । ସେହିପରି ତିଲେଇବଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୧ଜଣ ଡାକ୍ତର ପଦବୀ ଥିବାବେଳେ ୭ ପଦବୀ ଖାଲି ଥିବାବେଳେ କେବଳ ୪ ଜଣ ଡାକ୍ତର ଅଛନ୍ତି। ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୧ ପଦବୀ ସ୍ଥାନରେ ୫ ପଦବୀ ଖାଲିଥିବାବେଳେ ମାତ୍ର ୭ଜଣ ଡାକ୍ତର ଅଛନ୍ତି। ଜିଲ୍ଲାରେ ଡାକ୍ତର ଅଭାବ ସମସ୍ୟା ଯୋଗୁ ସାଧାରଣ ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ବୁର୍ଲା, ରାଉରକେଲା, କଟକ, ଅନୁଗୁଳ, ଭୁବନେଶ୍ୱର ଆଦି ବିଭିନ୍ନ ଘରୋଇ ଓ ସରକାରୀ ଡାକ୍ତରଖାନା ଉପରେ ନିର୍ଭରଶୀଳ ଜିଲ୍ଲାବାସୀ । ଜିଲ୍ଲାରେ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଏକ ପ୍ରସ୍ତାବ ପଠାଇଯାଇଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏଦିଗରେ ସରକାର ଓ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି ।





# ଶୁଣିଲାନି ପ୍ରଶାସନ:ନିଜସ୍ୱ ଆଦାୟରେ ନିର୍ମାଣ କାମ କଲେ ଗ୍ରାମବାସୀ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ବ୍ଲକ ଦୋବଲ ପଞ୍ଚାୟତ ଅଧୀନ ସୋଧ ସାହୁ ସାହି ୬ ନଂ ୱାର୍ଡରେ ବର୍ଷା ଜଳ ନିଷ୍କାସନ ହୋଇନପାରିବାରୁ ଗ୍ରାମବାସୀମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି । ଗ୍ରାମର କିଛି ଲୋକ ସରକାରୀ ରାସ୍ତାକୁ ଉଚ୍ଚା କରି ଘର ପାଖକୁ ତିଆରି କରିନେଇଥିବାରୁ ଏହି ସମସ୍ୟା ଉପୁଜିଛି । ପ୍ରକାଶଥାଉ କି ଗ୍ରାମରେ ବର୍ଷାଜଳ ନିଷ୍କାସନ ପାଇଁ ଏକ ହ୍ୟୁମ୍ ପାଇପ୍ ବସିଥିଲା । ଗ୍ରାମ ରାସ୍ତା ପାର୍ଶ୍ୱରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ହୋଇଥିବାରୁ ହ୍ୟୁମ୍ ପାଇପ୍ ଉପରେ ମାଟି ପକାଇ ବନ୍ଦ କରିଦିଆ ଯାଇଥିବାରୁ ଗ୍ରାମର ବର୍ଷା ପାଣି ନିଷ୍କାସନ ହୋଇନପାରି ଏଭଳି ସମସ୍ୟା ଉପୁଜିଛି । ଏମିତିକି ବର୍ଷା ଜଳ ନିଷ୍କାସନ ହୋଇନପାରି ପୋଖରୀର ଭ୍ରମ ସୃଷ୍ଟି କରିଛି । ଏହି ପାଣିରେ ପଶି ଅଙ୍ଗନବାଡ଼ି ପିଲା, ସ୍କୁଲ, କଲେଜ, ଗ୍ରାମବାସୀ, ବିଶେଷ କରି ଗ୍ରାମର ମହିଳାମାନେ ଗ୍ରାମ ଦେବତୀ ମା' ସୁବର୍ଣ୍ଣମୁଖୀଙ୍କ ପୀଠକୁ ଯିବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ସୋଧ ଗ୍ରାମ ବିଶେଷ କରି ଡେଙ୍ଗୁ ପ୍ରବଣ ଅଞ୍ଚଳ ଭାବେ ପରିଚିତ । ୨୦୧୪ ମସିହାରେ ସୋଧ ଗ୍ରାମରେ ଡେଙ୍ଗୁ ବ୍ୟାପି ୬ ଜଣଙ୍କ ଜୀବନ ଯାଇଥିଲା । ତେବେ ଗ୍ରାମର ଏଭଳି ସମସ୍ୟା ଦେଖି ଗ୍ରାମବାସୀ ଡେଙ୍ଗୁ, ମେଲେରିଆ, ଡାଇରିଆ ଭଳି ରୋଗ ବ୍ୟାପିବା ପୂର୍ବରୁ ଧାମନଗର ବିଡ଼ିଓ ବନବିହାରୀ ଦିଣ୍ଡାଙ୍କୁ ୪ ତାରିଖ ଲିଖିତ ଅଭିଯୋଗ ପତ୍ର ଦେଇ ଜଳ ନିଷ୍କାସନର ସୋବନ୍ଦୋବସ୍ତ ପାଇଁ ଦାବି କରିଥିଲେ । ବିଡ଼ିଓ ଅଭିଯୋଗ ପାଇ ଗ୍ରାମକୁ ଯାଇ ଦେଖିବେ ବୋଲି କହି ସୋମବାର ପର୍ଯ୍ୟନ୍ତ ଆସିଲେନାହିଁ । ଗ୍ରାମବାସୀ ଶରତ ସାହୁ, ରାଜକିଶୋର ସାହୁ, ଭୋଳାନାଥ ସାହୁ, କୃଷ୍ଣଚନ୍ଦ୍ର ପତି, ପ୍ରଶାନ୍ତ ସାହୁ, ରତ୍ନାକର ସାହୁ, ଜୟଦେବ ରଥ, ଶ୍ରୀକାନ୍ତ ନାୟକ, ପ୍ରତାପ ସାହୁ, ଅଜୟ ସାହୁ, ରମାକାନ୍ତ ସାହୁ, ଭାଗିରଥି ସାହୁ, ବାଇଧର ସାହୁ, ହିମାଂଶୁ ମହାପାତ୍ର ପ୍ରମୁଖ ଗ୍ରାମରେ ଚାନ୍ଦା ଆଦାୟ କରି ନିଜସ୍ୱ ଶ୍ରମ ଦେଇ ନାଳ ଖୋଳି ଦୁଇଟି ହ୍ୟୁମ ପାଇପ ପକାଇବାର ବ୍ୟବସ୍ଥା ସୋମବାର କରିଛନ୍ତି । ଏ ସମ୍ପର୍କରେ ବିଡ଼ିଓ ବନ ବିହାରୀ ଦିଣ୍ଡା କୁହନ୍ତି ସଂପୃକ୍ତ ପଞ୍ଚାୟତ କନିଷ୍ଠଯନ୍ତ୍ରୀଙ୍କୁ କହିଛି ସେ ଘଟଣାସ୍ଥଳ ପରିଦର୍ଶନ କରି କଣ ବ୍ୟବସ୍ଥା ହୋଇପାରିବ କରିବେ । କନିଷ୍ଠଯନ୍ତ୍ରୀ ରବିନ୍ଦ୍ର କୁମାର ସ କୁହନ୍ତି ଗ୍ରାମର ସମସ୍ୟା ସମାଧାନ କରିବାକୁ ହେଲେ ଡ୍ରେନେଜ୍‌ର ଆବଶ୍ୟକ ରହିଛି । ବର୍ତ୍ତମାନ ତାର ସମସ୍ୟା କିଛି ହୋଇପାରିବନାହିଁ ବୋଲି ସଫେଇ ଦେଇଥିଲେ । ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।



# ଖାଲ ଖମାରରେ ଭର୍ତ୍ତି ବାରିପଦା ସହର ରାସ୍ତା:ତୁରନ୍ତ ମରାମତି ଦାବି

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାରିପଦା ସହରର ରାସ୍ତା ଖାଲଖମାର ଭରି ବିପର୍ଯ୍ୟସ୍ତ ହୋଇପଡିଛି । ଯାହାର ମରାମତି କାର୍ଯ୍ୟ ନହେବାରୁ ବାରିପଦା ସହରବାସୀ ନାନାଦି ସମସ୍ୟାରେ ଧନ୍ଦି ହେଉଛନ୍ତି । ରକ୍ଷଣାବେକ୍ଷଣ ଅଭାବ ଯୋଗୁ ସହରର ସମସ୍ତ ରାସ୍ତା ନଷ୍ଟ ହୋଇଥିବାରୁ ଚଳପ୍ରଚଳ କରିବା ଯନ୍ତ୍ରଣା ଦାୟକ ସାଜିଛି । ତେବେ ଦୁର୍ଗା ପୂଜା ପୂର୍ବରୁ ଉକ୍ତ ରାସ୍ତା ଗୁଡ଼ିକ ମରାମତି କାର୍ଯ୍ୟ ସମ୍ପର୍ଣ୍ଣ କରିବା ପାଇଁ ବାରିପଦା ପୌରପାଳିକା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ରୋହନ ଗୌରବ ରାୟଙ୍କୁ ପତ୍ର ଯୋଗେ ଜଣାଇଛନ୍ତି । ବାରିପଦା ସହର ଜନଗହଳିପୂର୍ଣ୍ଣ ମୁଖ୍ୟ ରାସ୍ତା ଗୁଡ଼ିକରେ ଦୁରାବସ୍ଥା ଦେଖିବାକୁ ମିଳୁଛି । ଗତ ୫ ମାସ ଧରି ଲଗାଣ ବର୍ଷା ଯୋଗୁ ସହରର ରାସ୍ତା ଅବସ୍ଥା ବେହାଲ ହୋଇଛି । ରାସ୍ତାରୁ ପିଚୁ ଉଠି ଖାଲ ଖମାରରେ ଭର୍ତ୍ତି ହୋଇଯାଇଛି । ଏହା ସହିତ ଉକ୍ତ ରାସ୍ତାରେ ପ୍ରଚୁର ମାତ୍ରାରେ ଧୂଳି ଉଡି ବାୟୁ ପ୍ରଦୂଷଣ ମଧ ହେଉଛି । ବର୍ତ୍ତମାନ ପରିସ୍ଥିତି ଏହିପରି ହୋଇଛି ଲୋକେ ଉକ୍ତ ରାସ୍ତାରେ ଗାଡି ମୋଟର ନେଇ ଯିବାକୁ ଭୟ କରୁଛନ୍ତି । ଅନେକ ସମୟରେ ଖାଲ ଖମା ଯୋଗୁ ଦୁର୍ଘଟଣା ହୋଇ ଲୋକେ ଖଣ୍ଡିଆ ଖାବରା ହେବାର ମଧ ନଜିର ରହିଛି । ପାବର୍ଣ ସମୟ ଥିବା ବେଳେ ଆଗକୁ ଦୁର୍ଗା ପୂଜା ଅନୁଷ୍ଠିତ ହେବ । ମୟୁରଭଞ୍ଜ ଜିଲ୍ଲାର ମୁଖ୍ୟାଳୟ ବାରିପଦା ସହର ହୋଇଥବାରୁ ଅନେକ ଲୋକଙ୍କ ସମାଗମ ହେବ । କିନ୍ତୁ ରାସ୍ତା ଗୁଡିକର ବିପର୍ଯ୍ୟସ୍ତ ଅବସ୍ଥା ପାଇଁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ରହିଛି । ସହରର ଅଧିକାଂଶ ରାସ୍ତା ଗୁଡ଼ିକ ପୂର୍ତ୍ତ ବିଭାଗ (ରାସ୍ତା ଓ ଗୃହ ନିର୍ମାଣ) ଅଧିନରେ ରହିଥିବା ବେଳେ ଶୋଚନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ଗତ ୫ ମାସ ମଧ୍ୟରେ ରାସ୍ତା ରକ୍ଷଣାବେକ୍ଷଣ ହୋଇନଥିବାରୁ ରାସ୍ତା ନଷ୍ଟ ହୋଇ ଅତ୍ୟନ୍ତ ଯନ୍ତ୍ରଣାଦାୟକ ହୋଇଛି । ସହରବାସୀ ବାଧ ହୋଇ ଖାଲଢିପ ରାସ୍ତା ଦେଇ ଯିବା ଆସିବା କରୁଛନ୍ତି । ଉକ୍ତ ରାସ୍ତାର ଖାଲ ଖମା ଦିନକୁ ଦିନ ବଢ଼ିବାରେ ଲାଗିଥିବା ବେଳେ ଦୀର୍ଘଦିନ ଧରି ଏମିତି ଯନ୍ତ୍ରଣାଦାୟକ ଯାତାୟାତ ସ୍ଥାନୀୟ ଲୋକମାନେ କରୁଛନ୍ତି । ପୂଜା ସମୟରେ ଧକଡ଼ ଚକଡ଼ ରାସ୍ତାରେ ଗାଡି ନେଇ ଚଳପ୍ରଚଳ କରିବା ଯନ୍ତ୍ରଣା ଦାୟକ ସାଜିବ । ତେଣୁକରି ବାରିପଦା ସହର ୮ଟି ମୁଖ୍ୟ ରାସ୍ତାର ତୁରନ୍ତ ମରାମତି କାର୍ଯ୍ୟ କରିବାକୁ ଦାବି କରିଛନ୍ତି । ସେଗୁଡିକ ହେଲା ମୁର୍ଗାବାଡ଼ିରୁ ପାଲବଣି, ମଧୁସୂଦନ ଗୋଳେଇରୁ ହସ୍ପିଟାଲ, ସତ୍ୟସାଇ ଛକରୁ ଦାରୋଗାଡାହି, ମଧୁସୂଦନ ଗୋଳେଇରୁ ବେଲଗଡ଼ିଆ, ଦାରୋଗାଡାହି ଗୋଳେଇରୁ ରଘୁନାଥପୁର, କୃଷ୍ଣଚନ୍ଦ୍ର ଗୋଳେଇରୁ ସୁନାମୁହିଁ, ଆଶୀର୍ବାଦ ଛକରୁ କରତବସା ଏବଂ ଜୁବଲୀ ଲାଇବ୍ରେରୀରୁ ତୁଳସୀଚୌରା ଦେଇ ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ଗୁଡ଼ିକ ମରାମତି କାର୍ଯ୍ୟ କରିବାକୁ ଦାବି କରିଛନ୍ତି ।

# କଟକ ଦୁର୍ଗାପୂଜା ନିମନ୍ତେ ଜିଲ୍ଲା ପ୍ରଶାସନର ବୈଠକ ଆଜି

**କଟକ, ନ୍ୟୁଜ୍ ବ୍ୟୁରୋ**

ଚଳିତ ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତି ଶୃଙ୍ଖଳାର ସହ ସରସ ସୁନ୍ଦର ଭାବେ ପାଳନ କରିବା ନିମନ୍ତେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ୧୦.୦୯.୨୦୨୫ ତାରିଖ (ବୁଧବାର) ଦିନ ସହିଦ ଭବନ ଠାରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ମହାନଗର ପୂଜା କମିଟି ସଭାପତି ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ । ପୂର୍ବାହ୍ନ ୧୦ ଘଟିକା ସମୟରେ ଗ୍ରାମାଞ୍ଚଳ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଥିବାବେଳେ ଅପରାହ୍ନ ୪ ଘଟିକା ସମୟରେ ସହରାଞ୍ଚଳ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ । ଏହି ବୈଠକରେ ଗ୍ରାମାଞ୍ଚଳ ଦୁର୍ଗାପୂଜା କମିଟି ସହ ସମ୍ପୃକ୍ତ ସମସ୍ତ ସଭାପତି ଓ ସମ୍ପାଦକ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପସ୍ଥିତ ରହିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଉଛି । ଏଥିସହ ଅପରାହ୍ନ ୪ ଘଟିକା ସମୟରେ ସହରାଞ୍ଚଳ ଦୁର୍ଗାପୂଜା କମିଟି ସହ ସମ୍ପୃକ୍ତ ସମସ୍ତ ସଭାପତି ଓ ସମ୍ପାଦକ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଉଛି । ଉକ୍ତ ବୈଠକରେ କଟକ ଲୋକସଭା ସାଂସଦ ଓ ରାଜ୍ୟସଭା ସାଂସଦଙ୍କ ସମେତ ସମସ୍ତ ବିଧାୟକ, ଜିଲ୍ଲା ପରିଷଦ ସଭାପତି, କଟକ ମହାନଗର ନିଗମ ମେୟର, କଟକ ମହାନଗର ନିଗମ ପୂଜା କମିଟି ସମ୍ପାଦକ, କଟକ ମହାନଗର ଶାନ୍ତି କମିଟି, କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟିର ସଭାପତି ଓ ସମ୍ପାଦକ ଏବଂ ସହରର ସମସ୍ତ ପୂଜା କମିଟିର ସଭାପତି ଓ ସମ୍ପାଦକମାନେ ଯୋଗଦାନ ପୂର୍ବକ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଏତଦ୍‌ବ୍ୟତୀତ ଆୟୁକ୍ତ କଟକ ମହାନଗର ନିଗମ, ଉପାୟୁକ୍ତ ପୋଲିସ୍ କମିଶନରେଟ୍ ଭୁବନେଶ୍ୱର-କଟକ, ଗ୍ରାମାଞ୍ଚଳ ଏସ୍.ପି. ଓ ସମ୍ପୃକ୍ତ ସମସ୍ତ ବିଭାଗୀୟ ପଦାଧିକାରୀ, ଯନ୍ତ୍ରୀ ଓ ବିଭିନ୍ନ ବେସରକାରୀ କମ୍ପାନୀର ମୁଖ୍ୟ ପରିଚାଳନା ଅଧିକାରୀ/ପରିଚାଳନା ସହ ସମ୍ପୃକ୍ତ ଅଧିକାରୀ ବୈଠକରେ ଉପସ୍ଥିତ ରହି ଉକ୍ତ କାର୍ଯ୍ୟର ସ୍ଥିତି ସମ୍ବନ୍ଧରେ ଅଗବତ କରିବାକୁ କୁହାଯାଇଛି । ଦୁର୍ଗାପୂଜା ଓ ଭସାଣୀ ଉତ୍ସବକୁ ଦୃଷ୍ଟିରେ ରଖି ବିଭିନ୍ନ ବିଷୟବସ୍ତୁ ଉପରେ ପ୍ରଶାସନିକ ପ୍ରସ୍ତୁତି ନେଇ ବୈଠକରେ ସମୀକ୍ଷା କରାଯିବ । ଏତଦ୍‌ବ୍ୟତୀତ ବିଭିନ୍ନ ପୂଜା କମିଟି ଦ୍ୱାରା ଅନୁଭୂତ ସମସ୍ୟାର ତ୍ୱରିତ ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବା ନେଇ କାର୍ଯ୍ୟସୂଚୀ ରହିଛି ।

# ପାଣି ଘେରରେ ବସ୍ତିବାସିନ୍ଦା:ପୌରପରିଷଦ ଆଗରେ ଦେଲେ ଧାରଣା

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାର ବ୍ୟାସନଗର ପୌରପରିଷଦ ସବୁବେଳେ ଚର୍ଚ୍ଚିତ ଥାଏ । ଦୀର୍ଘ ୪ ଦିନ ହେବ ବ୍ୟାସନଗର ପୌରପରିଷଦର ୧ ନଂ ୱାର୍ଡରେ ୨୦ରୁ ଊର୍ଦ୍ଧ୍ୱ ପରିବାର ପାଣି ଘେରରେ ରହି ଅନାହାରରେ ଛଟପଟ ହେଉଛନ୍ତି । କିନ୍ତୁ ପୌର ପ୍ରଶାସନ ଏଯାଏଁ ସେଠାରେ ପହଞ୍ଚି ପାରିନି । ଫଳରେ ପୌରପରିଷଦ କାର୍ଯ୍ୟାଳୟରେ ପଚାଶରୁ ଊର୍ଦ୍ଧ୍ୱ ବାସିନ୍ଦା ଧାରଣାରେ ବସିବାକୁ ବାଧ ହୋଇଛନ୍ତି । ସୂଚନା ମୁତାବକ ଗତ ୪ ଦିନ ତଳେ ଲଗାଣ ବର୍ଷା ଯୋଗୁ ସାରା ବ୍ୟାସନଗର ସହରରେ ଜଳମଗ୍ନ ପରିସ୍ଥିତି ସହରବାସୀଙ୍କୁ ହତାଦର କରିଥିଲା । କିନ୍ତୁ ଏଯାବତ୍ ପୌର ପ୍ରଶାସନ କୌଣସି ପଦକ୍ଷେପ ନେଲାନି । ସେବେଠୁ ଆଜିକୁ ଦୀର୍ଘ ୪ ଦିନ ହେବ ୧ ନମ୍ବର ୱାର୍ଡ ଯୋଡ଼ାବାର ଗ୍ରାମର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଲୋକ ବସବାସ କରୁଥିବା ବସ୍ତିର ପ୍ରାୟ ୨୦ ରୁ ଊର୍ଦ୍ଧ୍ୱ ପରିବାର ଏବେ ପାଣି ଘେରରେ । ଘରୁ ବାହାରକୁ ବାହାରିବା କଷ୍ଟସାଧ ହେବାରୁ ଏଯାଏଁ ଭୋକ ଉପାସରେ ଆଉଟୁ ପାଉଟୁ ହେଉଛନ୍ତି । ତେବେ ସ୍ଥାନୀୟ କାଉନସିଲ ବାରମ୍ବାର ପୌରପରିଷଦରେ ଜଣେଇଥିଲେ ମଧ କୌଣସି କାର୍ଯ୍ୟର ସମାଧାନ ହେଲାନି । ତଥାପି କାଉନସିଲର ବିଜୟ କୁମାର ଜେନା ନିଜ ହାତରୁ ଖର୍ଚ୍ଚ କରି ମେସିନ୍ ଦ୍ୱାରା ପାଣି ନିଷ୍କାସନ କରିଥିଲେ ଏବଂ ଯାଜପୁର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସହଯୋଗରେ ୫୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ ବୋଲି କହନ୍ତି କାଉନସିଲର ଶ୍ରୀ ଜେନା । ତେବେ ଘଟଣାକୁ ନେଇ କାଉନସିଲରଙ୍କ ସମେତ ବସ୍ତିବାସିନ୍ଦା ମାନେ ପୌରପରିଷଦ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ । ପରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ ଏହାକୁ ଖଣ୍ଡନ କରି କହିଛନ୍ତି ମୋତେ କୌଣସି ଅଭିଯୋଗ ଆସିନି କିମ୍ବା କାର୍ଯ୍ୟାଳୟରେ ମଧ ଅଭିଯୋଗ ହୋଇନାହିଁ । ଧାରଣା ଦେଖି ଆମ୍ଭେ ତୁରନ୍ତ ପଦକ୍ଷେପ ନେବା ସହ ପ୍ରଥମେ ଶୁଖିଲା ଖାଦ୍ୟ ଯୋଗାଉଛୁ ଏବଂ ସମସ୍ତ ସମସ୍ୟାକୁ ତୁରନ୍ତ ସମାଧାନ କରିବାକୁ କହିଥିଲେ । ତେବେ ଏଠି ପ୍ରଶ୍ନ ଉଠୁଛି ଯଦି କାଉନସିଲର ବିଜୟ କୁମାର ଜେନା ନିଜ ହାତରୁ ଖର୍ଚ୍ଚ କରି ୱାର୍ଡବାସୀଙ୍କୁ ସହଯୋଗର ହାତ ବଢ଼ାଇପାରୁଛନ୍ତି ତେବେ ବ୍ୟାସନଗର ପୌରପରିଷଦ କାହିଁକି ହାତବାନ୍ଧି ବସିଛି । ତେବେ ଏହା କଣ ବ୍ୟାସନଗର ସହରର ବିକାଶ ନା ବିକାଶ ନାଁରେ ସହରବାସୀଙ୍କୁ ଭକୁଆ ବନାଉଛନ୍ତି ? ଗୋଟିଏ ପଟେ କାଉନସିଲର ବିଜୟ ଜେନାଙ୍କ ସହାୟତା ପାଇଁ ବସ୍ତିବାସିନ୍ଦା ପ୍ରଶଂସା କରିଥିବା ଦେଖିବାକୁ ମିଳିଛି ।



# ଅବୈଧ କାଠ ଗଣ୍ଡି ଜବତ

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ଗତ ୮ ସେପ୍ଟେମ୍ବର ୨୦୨୫ ସୋମବାର ରାତିରେ ନିୟମିତ ପାଟ୍ରୋଲିଂ କରୁଥିବାବେଳେ ତୁରେକେଲା ପୋଲିସ କୁଇବାହାଲ ଗ୍ରାମପଞ୍ଚାୟତ ଅଧୀନସ୍ଥ ସମରସିଂହ ଗ୍ରାମ ନିକଟରେ ଏକ ହୁଣ୍ଡାଇ ସାଣ୍ଟ୍ରୋ ଗାଡ଼ିକୁ ଅଟକ କରି ଯାଞ୍ଚ କରାଯାଇଥିବା ବେଳେ ଗାଡ଼ିରୁ ଅବୈଧ କାଠ ଗଣ୍ଡି ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଥିଲା । ପୋଲିସ ତୁରନ୍ତ ଏହା ସମ୍ବନ୍ଧରେ ଫରେଷ୍ଟ ରେଞ୍ଜରଙ୍କୁ ସୂଚନା ଦେଇ, ଜବତ କରାଯାଇଥିବା କାଠ ଏବଂ ଗାଡ଼ିକୁ ଫରେଷ୍ଟ ବିଭାଗଙ୍କୁ ହସ୍ତାନ୍ତର କରିଦେଲେ । ତୁରେକେଲା ଥାନାଧିକାରୀ ରାକେଶ ବେହେରା ଏହି ଘଟଣାକୁ ନିଶ୍ଚିତ କରି କହିଛନ୍ତି ଯେ, ଏହି ପ୍ରକାର ଅବୈଧ କାରବାର ବିରୋଧରେ କଡା ଯାଞ୍ଚ ଜାରି ରହିବ ।

# ୫୩ନଂ ଜାତୀୟ ରାଜପଥରେ ଦୁର୍ଘଟଣା:୨ ମୃତ, ଜଣେ ଗୁରୁତର

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଜେନାପୁର ଥାନା ଅନ୍ତର୍ଗତ ୫୩ନଂ ଚଣ୍ଡିଖୋଲ ଡୁବୁରୀ ଜାତୀୟ ରାଜପଥର କୁସୁନପୁର ନିକଟରେ ସଡ଼କ ଦୁର୍ଘଟଣାରେ ୨ଜଣ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ଭାବେ ଆହତ ହୋଇଛି । ସୂଚନା ଅନୁଯାୟୀ ସୋମବାର ଅପରାହ୍ନରେ ଚକ୍ରଧରପୁର ପଞ୍ଚାୟତ ବଲାଙ୍ଗିଆ ଗ୍ରାମର ମଧୁ ହଂସଦାଙ୍କ ପୁଅ ଜନମ ହଂସଦା (୨୨), ବାସୁ ପୂର୍ତ୍ତିଙ୍କ ପୁଅ ବାପୁନ ପୂର୍ତ୍ତି (୨୩) ଓ ମୋହନ ପିଙ୍ଗୁଆଙ୍କ ପୁଅ ସୁନୀଲ ପିଙ୍ଗୁଆ (୨୨) ନିଜ ଗାଁକୁ ବାଇକ୍‌ରେ ଫେରୁଥିବାବେଳେ ଚଣ୍ଡିଖୋଲ ଅଭିମୁଖେ ଯାଉଥିବା ଟ୍ରଲରଟି ଦୁର୍ଘଟଣା ଗ୍ରସ୍ତହୋଇ ଏମାନଙ୍କ ବାଇକ୍‌କୁ ଧକ୍କାଦେଇ ରାସ୍ତାକଡ଼କୁ ଓଲଟିପଡିଥିଲା । ସ୍ଥାନୀୟ ଲୋକେ ଅଗ୍ନିଶମ ଗାଡ଼ିରେ ୩ ଜଣ ଗୁରୁତରଙ୍କୁ ବଡ଼ଚଣା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ସେଠାରେ ଡାକ୍ତର ୨ ଜଣ ସୁନୀଲ ଓ ଜାନମକୁ ମୃତ ଘୋଷଣା କରିଥିଲେ ଓ ଅନ୍ୟ ଗୁରୁତରକୁ କଟକ ସ୍ଥାନାନ୍ତର କରିଛନ୍ତି । ଖବରପାଇ ଜେନାପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡି ୨ଟିକୁ ଜବତକରି ତଦନ୍ତ କରୁଛି ।

# ଏଆଇ କ୍ୟାମେରା ପୁଣି ଧରାଇଲା ୨ ଶିକାରୀ

## ୨ ଦେଶୀ ବନ୍ଧୁକ, ଧନୁ, ତୀର ଜବତ



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଶିମିଳିପାଳ ଅଭୟାରଣ୍ୟରେ ବନ୍ୟଜନ୍ତୁଙ୍କୁ ଶିକାରୀ ଦାଉରୁ ସୁରକ୍ଷା ନିମନ୍ତେ ଖଞ୍ଜା ଯାଇଥିବା ଏଆଇ କ୍ୟାମେରା ସହାୟତାରେ ପୁଣି ୨ଜଣ ଶିକାରୀ ଧରା ପଡିଛନ୍ତି । ଶିମିଳିପାଳ ବନ୍ୟଜନ୍ତୁ ବୁଦ୍ଧିମତା ନେଟ୍‌ୱର୍କ (ଏସ୍‌ଡବ୍ଲୁଆଇଏନ୍) ପରି ଅତ୍ୟାଧୁନିକ ବୈଜ୍ଞାନିକ କୌଶଳ ବ୍ୟବହାର କରାଯାଇ ଶିକାରୀକୁ ଧରିବାକୁ ବନ ବିଭାଗ ପ୍ରୟାସ ସଫଳ ହୋଇଛି । ୨ ଜଣ ଶିକାରୀଙ୍କୁ ତାଙ୍କ ଘରୁ ଗିରଫ କରାଯାଇଛି । ସେମାନେ ହେଲେ କପ୍ତିପଦା ଥାନା ଅନ୍ତର୍ଗତ ମାଙ୍କଡପଦା ଗ୍ରାମର ଗୋବିନ୍ଦ ସୋରେନ (୩୫) ଓ ଶରତ ଥାନା ଅନ୍ତର୍ଗତ ଲାବଣ୍ୟଦେଇପୁର ଗ୍ରାମର ମାରା ସିଂ (୫୦) । ତାଙ୍କ ପାଖରୁ ଜନ୍ତୁ ଶିକାର ନିମନ୍ତେ ବ୍ୟବହୃତ ୨ଟି ଦେଶୀ ବନ୍ଧୁକ, ଗୋଟିଏ ଧନୁ ଏବଂ ତୀର ଜବତ କରାଯାଇଛି । ଶିକାରୀମାନେ ମାରାଣାସ୍ତ୍ର ଧରି ଶିମିଳିପାଳ ଅଭୟାରଣ୍ୟର ପୋଡାଡିହା ବନ୍ୟ ରେଞ୍ଜ ଅନ୍ତର୍ଗତ କୋର୍ ଅଞ୍ଚଳ ମଧ୍ୟକୁ ଶିକାର ଉଦ୍ଦେଶ୍ୟରେ ଅନୁପ୍ରବେଶ କରିଥିବା ବେଳେ ସେମାନଙ୍କ ଫଟୋ କ୍ୟାମେରାରେ କଏଦ ହୋଇଥିଲା । ଯାହାକୁ ଆୟୁଧ କରି ଯାଞ୍ଚ ପ୍ରକ୍ରିୟା କରି ସତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଟିମ୍ ଓ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡିଭିଜନ୍ କର୍ମଚାରୀମାନେ ମିଳିତ ଭାବେ ଶିକାରୀଙ୍କ ଘରେ ଚଢ଼ଉ କରି ଗିରଫ କରାଯାଇଥିଲା । ବନ ବିଭାଗ ପକ୍ଷରୁ ଏକ ଆର୍ମ ଆକ୍ଟ ନେଇ ମାମଲା ରୁଜୁ ତଦନ୍ତ ଜାରିଥିବା ବେଳେ ଗିରଫ ଶିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# କେବେ ମିଳିବ ସାର, ସମ୍ପାଦକ ଏବଂ କୃଷି ଅଧିକାରୀଙ୍କ କଥାରେ ରହୁନି ତାଳମେଳ

**କୋଦଳା, ନ୍ୟୁଜ୍ ବ୍ୟୁରୋ**

ବର୍ତ୍ତମାନ ଧାନ ପାଇଁ ସାର ପକାଇବା ଉପଯୁକ୍ତ ସମୟ ହୋଇଥିବାରୁ ସାରର ଅଭାବୀ ଓ କଳାବଜାରୀ, ଚାଷୀଙ୍କ ମେରୁଦଣ୍ଡକୁ ଭାଙ୍ଗିଦେଉଛି । ବେଗୁନିଆପଡା ବ୍ଲକ ଓ କୋଦଳା ଏନ୍‌ଏସିର ୯୦୦୦ ହେକ୍ଟରରୁ ଅଧିକ ଜମିରେ ଧାନ ଚାଷ ହେଉଥିବା ବେଳେ ଅଧାରୁ ଅଧିକ ଧାନ ଫସଲ ପାଇଁ ୟୁରିଆ ସାରର ଆବଶ୍ୟକତା ପଡୁଛି । ନାହିଁନଥିବା ସ୍ଥାନକୁ ଯାଇ ସାର ଖୋଜୁଛନ୍ତି ଚାଷୀ । ଅପରପକ୍ଷରେ କୋଦଳା ନିକଟରେ ଥିବା ସମସ୍ତ ସମବାୟ ସମିତିକୁ ୟୁରିଆ ସାର ପହଞ୍ଚି ଚାଷୀ କିଛି ମାତ୍ରାରେ ପାଇଥିବାବେଳେ କୃଷି ବିଭାଗ କିମ୍ବା ସମ୍ପାଦକଙ୍କ ଅପାରଗତାରୁ କୋଦଳା ସମବାୟ ସମିତି ସେଥିରୁ ବାଦ୍ ପଡିଛି, ଯାହାଫଳରେ ଅଞ୍ଚଳରେ ସାରର ଘୋର ଅଭାବ ଦେଖାଦେଇଛି, ଏ ବିଷୟରେ ସମବାୟ ସମିତି ସମ୍ପାଦକ ଅରୁଣ ସାହୁଙ୍କୁ ଯୋଗାଯୋଗ ପରେ ସେ କହିଥିଲେ ଯେ ଚାଷୀଙ୍କ ଆଧାରକାର୍ଡ ପଞ୍ଜିକରଣ ପାଇଁ ଆବଶ୍ୟକ ପଡୁଥିବା ମେସିନ୍ ଆମ୍ଭକୁ ମିଳିନଥିବାରୁ ଆମ୍ଭେ ୟୁରିଆ ସାର ଉଠାଇ ପାରିଲୁନାହିଁ କିନ୍ତୁ କୃଷି ଅଧିକାରୀ ଅଲଗା କଥା କହିଛନ୍ତି, ସେ ସଠିକ୍ ତଥ୍ୟ ନଦେଇ ସାର କୋଦଳାକୁ ଆସିଛି ଏବଂ ଚାଷୀ ନେଇଛନ୍ତି ବୋଲି କହିଥିଲେ ପୁଣି କହିଲେ ନାହିଁ ଜାଣିପାରିଲି ନାହିଁ ଆର ବର୍ଷର ଷ୍ଟକ୍ ଦେଖିଦେଇଛି, ତେଣୁ ଭୁଲ୍‌ରେ କହିଦେଲି, ସମ୍ପାଦକ ସାର ଉଠାଇ ନାହାନ୍ତି କି ମୋତେ ମେସିନ୍ କଥା ମଧ କେବେ କହିନାହାନ୍ତି, ତେଣୁ କିଏ ସତ କହୁଛନ୍ତି ଜଣାପଡୁନଥିବା ବେଳେ ଦୁଇଦିନ ମଧରେ କୋଦଳାକୁ ଦୁଇଗାଡି ସାର ପହଞ୍ଚିବ ବୋଲି ଆମ ପ୍ରତିନିଧିଙ୍କୁ ପ୍ରତିଶ୍ରୁତି ଦେଇଥିଲେ କୃଷି ଅଧିକାରୀ ରାମଲାଲ ସମଦ । କିନ୍ତୁ ଦଶ ଦିନରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ପାକ୍ସରେ ସାର ପହଞ୍ଚି ପାରୁନାହିଁ । ଏଣେ ସାର ବିନା ଧାନ ଅମଳ ସକ୍ଷମ ନୁହଁ । ଧାନ ଗଛ ନୀଳରୁ ହଳଦିଆ ହେଲାଣି, ଦୁଇ ଅଧିକାରୀଙ୍କ ଟଣା ଓଟରାରେ ବଳି ପଡୁଛନ୍ତି ଚାଷୀ । ବେସରକାରୀ ଦୋକାନରେ ଯାହାବି ଷ୍ଟକ୍ ଥିଲା ସେମାନେ ବହୁ ଉଚ୍ଚା ଦରରେ ଏମିତି କି ବସ୍ତା ପ୍ରତି ୭୦୦ ରୁ ୧୦୦୦ ପର୍ଯ୍ୟନ୍ତ ଟଙ୍କା ଦେଇ ସାର ୟୁରିଆ ସଂଗ୍ରହ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଅଧିକାଂଶ ଚାଷୀ ସାର ବିହୁନେ ଚିନ୍ତାରେ ଅଛନ୍ତି । ଚଢା ଦରରେ ବି ମିଳୁନାହିଁ ୟୁରିଆ ସାର । ୟୁରିଆ ମିଳୁନଥିବାରୁ ଚାଷୀଙ୍କୁ ବିକଳ୍ପ ଭାବେ ଅନ୍ୟାନ୍ୟ ସାର ଭଲ ହେବ କହି ମାଡାଉଛନ୍ତି ଦୋକାନୀ । ଚାଷୀ ବି ଉପାୟ ନପାଇ ଯେମିତି ବି ହେଉ ସାର ନେଇ ଧାନ ଜମିରେ ପକାଉଛନ୍ତି । ଚାରିଦିନ ପୂର୍ବରୁ ସମ୍ପାଦକ ଅରୁଣ ସାହୁ ଆଜି ଆସିବ ଆଜି ଆସିବ କହୁଛନ୍ତି କିନ୍ତୁ ଆସୁନାହିଁ । ସୋମବାର ସମ୍ପାଦକଙ୍କୁ ପଚାରିବାରୁ ସାର ଆସିନାହିଁ ଆସିବ କିନ୍ତୁ କେମିତି କାହାକୁ ଦିଆଯିବ ଚିନ୍ତାରେ ଅଛୁ ବୋଲି କହିଥିଲେ, କୃଷି ଅଧିକାରୀ ଆଉ ଫୋନ୍ ରିସିଭ୍ କରୁନାହାନ୍ତି ଏଣେ ପ୍ରାୟ ସାର ଦୋକାନରେ ତାଲା ଝୁଲୁଛି । କେବଳ ସୋସାଇଟିରେ ହିଁ ସାର ମିଳିବ ଆମ ପାଖରେ ମିଳିବ ନାହିଁ ବୋଲି କହୁଛନ୍ତି ବ୍ୟବସାୟୀ । ବର୍ତ୍ତମାନ ଚାଷୀ କେମିତି ପାଇବେ ସାର, କେମିତି ଫସଲ ଆଦାୟ କରିବେ, ସାହୁକାରଙ୍କୁ କିପରି ଦେବେ ମହାଶୁଲ, ଭାଗଚାଷୀଙ୍କ ପାଇଁ ଏକମାତ୍ର ଭଗବାନ ହିଁ ଭରସା । ଏ ନେଇ ଚାଷୀ ରଙ୍କ ପ୍ରଧାନଙ୍କ କହିବା କଥା ବର୍ତ୍ତମାନ ସାରର ଆବଶ୍ୟକ ଥିବାବେଳେ ମିଳୁନି ସାର, ଯଦି କେଉଁଠି ମିଳୁଛି ବୋଲି ଜାଣିବାକୁ ପାଉଛୁ ସେଠାକୁ ଦୌଡୁଛୁ, ଯଦି ମିଳିଲା ଚଢା ଦରରେ ନଚେତ୍ ଗାଡି ଭଡା ଦେଇ ଫେରି ଆସୁଛୁ । ସମସ୍ତ ସୋସାଇଟିରେ ସାର ମିଳୁଥିବା ବେଳେ କୋଦଳା ଏଥିରୁ ବାଦ ପଡିଛି । କାହିଁକି ସାର ଆସିଲା ନାହିଁ ଏହାର ଜବାବ୍ ନିଶ୍ଚିତ ମଗାଜିବ । ଏମିତି କେଉଁ ବର୍ଷ ଅଭାବୀ ନଥିଲା । ଦିନେ ଦୁଇଦିନ ମଧରେ ସମବାୟ ସମିତି ଆଗରେ ସାର ପାଇଁ ପ୍ରତିବାଦ କରାଯିବ ବୋଲି କହିଥିଲେ । ସୂଚନା ପ୍ରକାରେ ଦୁଇ ଦିନ ମଧରେ ସାରର ଅଭାବୀ ନିମନ୍ତେ କୋଦଳା ସମବାୟ ସମିତି କାର୍ଯ୍ୟାଳୟକୁ ଘେରାଉ କରାଯିବା ନେଇ ଚାଷୀ ଏକତ୍ରୀତ ହେଉଥିବା ଜଣାପଡିଛି ।



# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୩ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ

**ତା୧୦।୯।୨୦୨୫, ଭାଦ୍ରବ ଦି୨୫ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୩।୦୫ ଚନ୍ଦ୍ରୋଦୟ- ରାଘ ୭।୪୧।୨୩**

**ତୃତୀୟା-** ଦିଘ ୩।୩୮ ପର୍ଯ୍ୟନ୍ତ । **ରେବତୀ ନକ୍ଷତ୍ର ଓ ମୀନ ଚନ୍ଦ୍ର-** ଦିଘ ୪।୦୩ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । ଦିଘ ୪।୦୩ ଗତେ ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ଧନୁ ରାଶିର । ଦିଘ ୪।୦୩ ଗତେ ମେଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ଦିଘ ୩।୩୮ ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୭ ଗତେ ଘ ୭।୧୪ ମଧ୍ୟେ । ଦିଘ ୧।୪୬ ଗତେ ଘ ୫।୦୧ ମଧ୍ୟେ ।



**ମେଷ:** କର୍ମକ୍ଷେତ୍ରରେ ପ୍ରତାରଣାର ଶିକାର ହେବେ । ଭାତୃ ବିବାଦ ଦେଖାଦେବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ ସୁଖ ଶାନ୍ତିରେ କଟିବ । ଯାତ୍ରା କଷ୍ଟଦାୟକ ହେବ । ଅଯଥା ଦୂରଯାତ୍ରା କରିପାରନ୍ତି ।



**ବୃଷ:** କର୍ମକ୍ଷେତ୍ରରେ ସଫଳତା ଦେଖାଦେବ । ଆୟର ପରିମାଣ ବଢ଼ିବ । ଭ୍ରମଣ ସହିତ ଦେବ ଦର୍ଶନର ସୁଯୋଗ ରହିଛି । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ମାଲିମୋକଦ୍ଦମାରେ ଜୟ ଲାଭ କରିବେ । ମନ ଭଲ ରହିବ ।



**ମିଥୁନ:** ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ । ବାକିଥିବା କାମ ଭଲରେ ହୋଇଯିବ । ଦୂରଯାତ୍ରା କରିପାରନ୍ତି । ଆୟ ମଧମ ଧରଣର ହେବ । ଘରେ ଆନନ୍ଦର ଲହରୀ ଛୁଟିବ । ଦେହ ଓ ମନ ଭଲ ରହିବ ।



**କର୍କଟ:** ଅନ୍ୟମାନେ ଆପଣଙ୍କ ପ୍ରତି ସହାନୁଭୂତି ଦେଖାଇବେ । ଦେହ ଓ ମନ ଭଲ ରହିବ । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭ ହେବ । ରୋଜଗାର ସ୍ଥିର ରହିବ । ପରିବାରରେ ଶାନ୍ତି ଅବ୍ୟାହତ ରହିବ ।



**ସିଂହ:** କର୍ମକ୍ଷେତ୍ରରେ କାମ ଅଟକି ରହିପାରେ । ବନ୍ଧୁ ଅଚିହ୍ନା ବ୍ୟବହାର କରିବେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ଆମୋଦ ପ୍ରମୋଦରେ ଦିନ କଟିବ ।



**କନ୍ୟା:** ବନ୍ଧୁ ମିଳନରୁ ବାଦ୍ ରହିବେ । ବ୍ୟବସାୟରେ ଲାଭବାନ୍ ହେବେ । ରୋଜଗାରର ପରିମାଣ ବଢ଼ିବ । ଘରେ ସୁଖ ଓ ଶାନ୍ତିରେ ଦିନ କାଟିବେ । ମହିଳାମାନେ ସୁଖୀ ହେବେ । ମନ ଭଲ ରହିବାର ସୂଚନା ।



**ତୁଳା:** ଶତ୍ରୁଙ୍କ ଠାରୁ ସତର୍କ ରୁହନ୍ତୁ । ରାଗର ପରିମାଣ ବଢ଼ିବ । ବନ୍ଧୁଙ୍କ ସହ ମତାନ୍ତର ଦେଖାଦେଇପାରେ । ଜିନିଷପତ୍ର ପ୍ରତି ସତର୍କତା ଅବଲମ୍ବନୀୟ । ଆର୍ଥିକ ସ୍ଥିତି ଭଲ ରହିବ । ଗୃହେ ସନ୍ତୋଷ ଲାଭ ହେବ ।



**ବିଛା:** ଆଜି ଆପଣଙ୍କର କୌଣସି କାମ ନିମନ୍ତେ ଚିନ୍ତାଗ୍ରସ୍ତ ହେବେ । ନିଜର ଆଚାର ଓ ବ୍ୟବହାରରେ ସଂଯମ ରକ୍ଷା କରନ୍ତୁ । ଖର୍ଚ୍ଚର ପରିମାଣ ବଢ଼ିବ । ପାରିବାରିକ ଜଞ୍ଜାଳ ଓ ଅଶାନ୍ତି ଦେଖାଦେବ । ମନ ଅସ୍ଥିର ରହିବ ।



**ଧନୁ:** ଆଜି ଆପଣଙ୍କର ଦିନଟି ଭଲ ନୁହେଁ । ଏଣୁ ସାବଧାନ ରହିବେ । କର୍ମକ୍ଷେତ୍ରରେ ନିନ୍ଦା ଓ ଅପବାଦ ଦେଖାଦେବ । ରୋଜଗାର ସ୍ଥିର ରହିବ । ପରିବାରରେ ଅଶାନ୍ତି ଓ ଦ୍ୱନ୍ଦ୍ୱ ସୃଷ୍ଟି ହେବ । ମହିଳାମାନେ ଗର୍ବୀ ହେବେ ।



**ମକର:** ମନ ପ୍ରସନ୍ନ ରହିବେ । କର୍ମକ୍ଷେତ୍ରରେ ପଦସ୍ଥ କର୍ମକର୍ତ୍ତାଙ୍କ ସାନ୍ନିଧ ଲାଭ କରିବେ । ରେଜଗାରର ପରିମାଣ ବଢ଼ିବ । ଘରେ ଖୁସି ବଜାୟ ରହିବ । ମହିଳାମାନେ କର୍ତ୍ତବ୍ୟନିଷ୍ଠ ହେବେ । କଚେରି ମାମଲାରେ ଶୁଣାଣି ସାପେକ୍ଷଜନିତ ହେବ ।



**କୁମ୍ଭ:** କର୍ମକ୍ଷେତ୍ରରେ ସହକର୍ମୀମାନେ ଅସନ୍ତୁଷ୍ଟ ହେବେ । ଏଣୁ ମାନସିକ ଚିନ୍ତା ଲାଗି ରହିବ । ପାରିବାରିକ ସୁଖ ସମ୍ମାନ ଲାଭ । ନିଜର ଇଚ୍ଛା ନଥାଇ ମଧ ଭ୍ରମଣ କରିବେ । ଆୟ ପୂର୍ବ ପରି ରହିବ ।



**ମୀନ:** କର୍ମକ୍ଷେତ୍ରରେ ଉତ୍ସାହିତ ହୋଇ ସମସ୍ତ କାର୍ଯ୍ୟ କରିପାରନ୍ତି । ଆୟ କମ୍ ହେବ । ଖର୍ଚ୍ଚର ପରିମାଣ ବଢ଼ି ଚାଲିବ । ସତ କଥା କହି ଅପ୍ରିୟ ହେବେ । ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ । ମନ ଭଲ ରହିବ ।

# ମାରଣାସ୍ତ୍ର ଦେଖାଇ ଶିକ୍ଷୟିତ୍ରୀଙ୍କ ଠାରୁ ଲୁଟ୍

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍**

ଦିନ ଦି' ପ୍ରହରରେ ମାରଣାସ୍ତ୍ର ଦେଖାଇ ଲୁଟ୍ ଅଭିଯୋଗ । କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଥାନା ଖଣ୍ଡସାହି-ବୋଧଙ୍ଗ ରାସ୍ତାରେ ଛୁରୀ, ବନ୍ଧୁକ ଦେଖାଇ, ହୋଇଛି ଲୁଟ୍ । ସୁନାଚେନ୍, ପର୍ସ, ମୋବାଇଲ, ସ୍କୁଟି ଚାବି ସହ ନଗଦ ଟଙ୍କା ନେଇ ଲୁଟେରା ଫେରାର୍ ହୋଇଯାଇଛି । ଲୁଟ୍‌ର ଶିକାର ମହିଳା ଜଣକ ଏକ ଘରୋଇ ସ୍କୁଲର ଶିକ୍ଷୟିତ୍ରୀ ବୋଲି ସୂଚନା ମିଳିଛି । ସ୍କୁଟିରେ ଶିକ୍ଷୟିତ୍ରୀ ଜଣଙ୍କ ସ୍କୁଲକୁ ଯାଉଥିବା ବେଳେ ହୋଇଥିଲା ଲୁଟ୍ । ବାଇକ୍‌ରେ ଦୁଇ ଲୁଟେରା ଆସିବା ବାଟରେ ଶିକ୍ଷୟିତ୍ରୀ ଜଣଙ୍କୁ ଅଟକାଇ କରିଥିଲେ ଲୁଟ୍ । ଖବରପାଇ ନିଶ୍ଚିନ୍ତକୋଇଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରୁଛି । ଏଠାରେ ସୂଚନାଯୋଗ୍ୟ ଯେ, ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ବାରମ୍ବାର ଚୋରି, ଡକାୟତି, ରାହାଜାନୀ ଘଟୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୩ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ

**ତା୧୧।୯।୨୦୨୫, ଭାଦ୍ରବ ଦି୨୬ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୩।୧୭ ଚନ୍ଦ୍ରୋଦୟ- ରାଘ ୮।୨୫।୦୮**

**ଚତୁର୍ଥୀ-** ଦିଘ ୧୨।୪୬ ପର୍ଯ୍ୟନ୍ତ । **ଅଶ୍ୱିନୀ ନକ୍ଷତ୍ର-** ଦିଘ ୧।୫୮ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଏବଂ ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ଦିଘ ୧୨।୪୬ ପରେ ବେଲ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୭ ଗତେ ଘ ୭।୧୫ ମଧ୍ୟେ । ଦିଘ ୧୦।୩୦ ଗତେ ଘ ୧୨।୫୬ ମଧ୍ୟେ । **ପର୍ବୋତ୍ସବ-** ଅଶ୍ୱ ପଞ୍ଚମୀ, ବିଶ୍ୱ ଭ୍ରାତୃତ୍ୱ ଦିବସ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଗ୍ରୀଷ୍ମ ପ୍ରବାହ, ମରୁଡ଼ି, ବାତ୍ୟା, ବନ୍ୟା ଯୋଗୁଁ ଶିଶୁ ପ୍ରଭାବିତ

ଜଳବାୟୁ ପରିବର୍ତ୍ତନର ସିଧାସଳଖ କୁପ୍ରଭାବ ପିଲାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ଅଭିବୃଦ୍ଧି ଉପରେ ପଡୁଛି । ତାପମାତ୍ରା ବୃଦ୍ଧି, ଜଙ୍ଗଲ ନିଆଁ, ବାତ୍ୟା, ବନ୍ୟା, ମରୁଡ଼ି ଓ ସମୁଦ୍ର ପତ୍ତନ ବୃଦ୍ଧି ଭଳି ଜଳବାୟୁ ସମ୍ବନ୍ଧୀୟ ଚାପ ସାମ୍ପ୍ରତିକ ଦଶନ୍ଧିର ଶିକ୍ଷାଗତ ଫଳାଫଳକୁ ଘୋର ପ୍ରଭାବିତ କରିବ ବୋଲି ଜଣାପଡ଼ିଛି । ଏହି ବିପଦକୁ ଏକ ନୂତନ ବୈଶ୍ୱିକ ରିପୋର୍ଟରେ ଦର୍ଶାଯାଇଛି । ୟୁନିସେଫ୍‌ର ଆକଳନ ଅନୁଯାୟୀ, କେବଳ ୨୦୨୪ରେ ଜଳବାୟୁ ବିପଦ ଯୋଗୁଁ ଅନ୍ୟୁନ ୨୪୨ ନିୟୁତ ପିଲାଙ୍କ ସ୍କୁଲ୍ ଶିକ୍ଷା ବାଧାପ୍ରାପ୍ତ ହୋଇଥିଲା, ଯେଉଁଥିରେ ଗ୍ରୀଷ୍ମ ପ୍ରବାହ ଥିଲା ସବୁଠାରୁ ବଡ଼ କାରଣ । ଚଳିତ ବର୍ଷ କାଶ୍ମୀରରେ ମଧ୍ୟ ଏହା ଦେଖିବାକୁ ମିଳିଛି । ଏହି ବିପଦ କେବଳ ଶିକ୍ଷା ପ୍ରାପ୍ତିରେ ବାଧା ସୃଷ୍ଟି କରେ ନାହିଁ ବରଂ ଅସମାନତାକୁ ବୃଦ୍ଧି କରେ ଏବଂ ଶିଶୁମାନଙ୍କୁ ଶ୍ରମିକ ହେବାକୁ କିମ୍ବା ଭିକ୍ଷା ବୃତ୍ତି ଆପଣାଇବାକୁ ବାଧ୍ୟ କରେ ।

ଅତ୍ୟଧିକ ଦୀର୍ଘ ସମୟ ଧରି ଗ୍ରୀଷ୍ମ ପ୍ରବାହ, ମରୁଡ଼ି, ବାତ୍ୟା, ବନ୍ୟା ଆଦି ଲାଗି ରହିବା କାରଣରୁ ଶିଶୁମାନେ ପାଣିପାଗ ସମ୍ବନ୍ଧୀୟ ସଙ୍କଟ ଜନିତ ବିପଦରେ ଅଧିକ ପ୍ରଭାବିତ ହୁଅନ୍ତି । ଶ୍ରେଣୀଗୃହରେ ସେମାନଙ୍କ ଉପସ୍ଥିତିରେ ବ୍ୟାଘାତ ସୃଷ୍ଟି ହେବାରୁ ପାଠ ପଢ଼ିବାରେ ଧ୍ୟାନ ଦେଇପାରନ୍ତି ନାହିଁ । ଚରମ ପାଣିପାଗ ଜନିତ କାରଣରୁ ବାତ୍ୟା ଓ ବନ୍ୟା ରାସ୍ତାଘାଟ ଓ ବିଦ୍ୟାଳୟ ଭଳି ଭିତ୍ତିଭୂମିକୁ ଦୋହଲାଇ ଦିଏ । ଏହାଦ୍ୱାରା ପିଲାମାନେ ବିଦ୍ୟାଳୟକୁ ଯିବା ଆସିବାରେ ବହୁବିଧ ସମସ୍ୟା ଉପୁଜେ । ଏହା ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଥାଏ । ୨୦୨୪ ମସିହାରେ ପାଣିପାଗ ଜନିତ ଘଟଣା ଯୋଗୁଁ ପ୍ରତି ୭ ଜଣରେ ୨ ଜଣ ଛାତ୍ରଛାତ୍ରୀ ପାଠ ପଢ଼ିବାରୁ ବଞ୍ଚିତ ହୋଇଥିଲେ ବୋଲି ଜାତିସଂଘ ରିପୋର୍ଟରେ ଦର୍ଶାଯାଇଛି । ଭାରତ ଭଳି ଦେଶରେ ଅଧିକାଂଶ ନିମ୍ନ ଓ ମଧ୍ୟମ ଆୟକାରୀ ବର୍ଗର ପିଲା ପ୍ରତି ବର୍ଷ ଜଳବାୟୁ ପରିବର୍ତ୍ତନ କାରଣରୁ ନିରବଚ୍ଛିନ୍ନ ଶିକ୍ଷା ଗ୍ରହଣ କରିବାର ଲାଭ ପାଇପାରୁନାହାନ୍ତି । ବିଦ୍ୟାଳୟ ବନ୍ଦ ସହିତ ଗମନାଗମନ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ଜନିତ ସମସ୍ୟା ହେତୁ ଲକ୍ଷାଧିକ ପିଲାଙ୍କର ପାଠପଢ଼ାରେ ଅନିୟମିତତା ଏବଂ ଅଧାରୁ ପାଠ ଛାଡ଼ିବା ଆଶଙ୍କା ବୃଦ୍ଧି ପାଉଛି । ୨୦୧୯ରେ ଭୟଙ୍କର ପାଣିପାଗ ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଥିବା ୧୦ଟି ଦେଶ ମଧ୍ୟରୁ ୮ଟି ନିମ୍ନ ଓ ମଧ୍ୟମ ଆୟକାରୀ ଦେଶ ଥିଲା ।

# ବାରଙ୍ଗନା ପ୍ରେମର କରୁଣ ପରିଣତି



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ବାରଙ୍ଗନା କୁହାଯାଉଥିବା ନାରୀଟିକୁ ସମାଜ ଘୃଣା ଦୃଷ୍ଟିରେ ଦେଖିଥାଏ । ସୁବିଧା ସୁଯୋଗ ଦେଖି ସେମାନଙ୍କ ପାଖକୁ ଯାଇଥିବା ସଭ୍ୟ ଲୋକଟି ସେଠାରୁ ଫେରିଆସି ବହୁ ପାଣ୍ଡିତ୍ୟପୂର୍ଣ୍ଣ ଭାଷଣମାନ ଦେଇ ବେଶ୍ୟାବୃତ୍ତିକୁ ଅଙ୍ଗୁଳି ନିର୍ଦ୍ଦେଶ କରିଥାନ୍ତି । ବାରଙ୍ଗନା ସାଜିଥିବା ନାରୀଟି କାହିଁକି ଓ କିପରି ପରିସ୍ଥିତିରେ ସେପରି ବୃତ୍ତିକୁ ଆପଣେଇ ନେଲା ତାହାର ସମୀକ୍ଷା କରାହୁଏ ନାହିଁ । ସେହି ନାରୀ ଅନ୍ତରର ବ୍ୟଥାର ଗାଥା ତାହାରି ବୁକୁରେ ହିଁ ରହିଯାଏ । ପଥହୁଡ଼ା ସେହି ହତଭାଗିନୀକୁ ପୁଣି ସମାଜର ମୁଖ୍ୟ ସ୍ରୋତକୁ ଫେରାଇ ଆଣିବାକୁ କେହି କେବେ ଚିନ୍ତା କରନ୍ତି ନାହିଁ । ରାଜଶକ୍ତି ମଧ୍ୟ ନୁହେଁ । ସମାଜର ଅସହଯୋଗ ହେତୁ ଏହି ପ୍ରାଚୀନ ପ୍ରଥା ରହିଆସିଛି ଓ ରହିଚାଲିବ ମଧ୍ୟ । ତଥାପି ଏପରି କେତେକ ସହୃଦୟ ବ୍ୟକ୍ତି ଅଛନ୍ତି ଯେଉଁମାନେ ସେମାନଙ୍କ ମଧ୍ୟରୁ କାହାକୁ ହେଲେ ବାଟକୁ ଆଣିବାକୁ ଉଦ୍ୟମ କରି ସଫଳ ହୋଇଛନ୍ତି । ମାତ୍ର ନିୟତିର କ୍ରୁର ପରିହାସରେ ସେମାନେ ହତବାକ୍ ହୋଇଯାଇଛନ୍ତି । ସେହିଭଳି ଘଟି ଯାଇଥିବା ଗୋଟିଏ ଘଟଣା ଏଠାରେ ଉତ୍ଥାପନ କରାଯାଇଛି ମାତ୍ର ।

ବିଶାଳ ମୁମ୍ବାଇ ମହାନଗରୀର ଗତ କେତେବର୍ଷର କଥା । ୩୦ବର୍ଷର କବୀର ଥିଲେ ଜୁହୁର ଜଣେ ବାସିନ୍ଦା । ପେଷାରେ ଥିଲେ ସେ ଜଣେ ଚିତ୍ରକର ଓ ଏହି କଳାରେ ଥିଲା ତାଙ୍କର ଯଥେଷ୍ଟ ପାରଦର୍ଶିତା । ଜୁହୁ ବଜାରରେ ଥିଲା ତାଙ୍କ ଚିତ୍ରକଳାର ଦୋକାନ । ଯେଉଁ କେତେକ ଚିତ୍ର ସେ ଆଙ୍କୁଥିଲେ ତାହାର ଥିଲା ଯଥେଷ୍ଟ ଆକର୍ଷକ । ସେଥିପାଇଁ ତାଙ୍କ ଚିତ୍ର ଦୋକାନରେ ଲାଗିରହୁଥିଲା ଗରାଖମାନଙ୍କ ଭିଡ଼ । ଚିତ୍ର କେତୋଟି ଆଙ୍କି ସେଥିରେ ରଙ୍ଗ ଦେଇଦେବା ପରେ ତାହା ସହଜରେ ବିକ୍ରି ହୋଇଯାଉଥିଲା । ବିଶେଷତଃ ବିଦେଶୀ ପର୍ଯ୍ୟଟକମାନେ ତାଙ୍କ ଚିତ୍ର ସବୁ କିଣି ନେଉଥିଲେ । ସେହିସବୁ ଚିତ୍ରର କୌଣସି ନିର୍ଦ୍ଦିଷ୍ଟ ଦର ସେ ରଖୁନଥିଲେ ମଧ୍ୟ ଆଶା କରାଯାଉଥିବାଠାରୁ ଯଥେଷ୍ଟ ଅଧିକ ଦର ତାଙ୍କୁ ମିଳୁଥିଲା । କବୀରଙ୍କର ବାପା ମା' ଜନ୍ମରୁ ହିଁ ମରି ଯାଇଥିଲେ । ହେଲେ ତାଙ୍କର ଏକମାତ୍ର ଭରସା ଥିଲେ ପିଉସୀ । ମାତ୍ର ସେ ବି ଶେଷକୁ ମରିଗଲେ । ଅବିବାହିତ କବୀର ଯଥେଷ୍ଟ ଅର୍ଥ ଅର୍ଜନ କରି ମଧ୍ୟ ଆଦୌ ଭଲରେ ନଥିଲେ । ସେ ସବୁବେଳେ ରହୁଥିଲେ ଉଦାସୀନ । କେହି ଯଦି ଆତ୍ମୀୟ ଲୋକ ତାଙ୍କୁ ବିବାହ କଥା କହୁଥିଲେ ସେ ଶୁଣି ନଶୁଣିଲା ପରି କଥାକୁ ଆଡ଼େଇ ଦେଉଥିଲେ । କେତେଜଣ ବିଦେଶିନୀ ବି ତାଙ୍କୁ ବିବାହ କରି ନିଜ ଦେଶକୁ ସାଥିରେ ନେଇଯିବା ନିମନ୍ତେ ଯେତେ ପ୍ରବର୍ତ୍ତାଇ ଥିଲେ ମଧ୍ୟ କବୀର ସେଥିରେ ଆଦୌ ରାଜି ହୋଇନଥିଲେ । ବିବାହ କରିବା ବା ଭାରତ ଛାଡ଼ି କୁଆଡ଼େ ଯିବାରେ ତାଙ୍କର ମନ ନାହିଁ ବୋଲି ସେମାନଙ୍କୁ ସେ ରୋକ୍‌ଠୋକ୍ ଶୁଣାଇ ଦେଉଥିଲେ ।

ଥରେ ରାତ୍ରୀରେ ନିଜର ଜଣେ ବନ୍ଧୁଙ୍କ ଜନ୍ମଦିନ ଉତ୍ସବରେ ଯୋଗଦେଇ କବୀର ରାସ୍ତାରେ ଫେରୁଥିବାବେଳେ "ଜୁହୁ ଚୌପାଟି" ପାଖ ନିର୍ଜନ ସ୍ଥାନରେ ଏକ କୋଳାହଳ ଶୁଣିବାକୁ ପାଇଲେ । ସେତେବେଳେ ରାତ୍ରୀ ପ୍ରାୟ ୨ଟା । ସେହି ଅଞ୍ଚଳରେ "କଲ୍ ଗାର୍ଲ"ମାନେ ରାତ୍ରୀରେ ବୁଲୁଥିବାର କବୀର ଆଗରୁ ଜାଣିଥିଲେ । ସେ ଦେଖିଲେ ଯେ ରାସ୍ତାରେ ଗୋଟିଏ ଅଟୋ ଏକୁଟିଆ ଠିଆ ହୋଇଛି । ଆଉ ସେଥିରେ ବସିଥିଲେ ଜଣେ ସୁନ୍ଦରୀ ଯୁବତୀ । ତାଙ୍କ ବେଶ ପୋଷାକରୁ ଜଣାଯାଉଥିଲା ଯେ ସେ କୌଣସି ଧନଶାଳୀ ବ୍ୟକ୍ତିର ସ୍ତ୍ରୀ ବା ଝିଅ । ଗୋଟାଏ ମୋଟା ଲୋକ ସେହି ସ୍ତ୍ରୀ ଲୋକଟି ସହିତ ଅଶ୍ଳୀଳ ଆଚରଣ ଦେଖାଉଥିବାବେଳେ ଅଟୋ ଚାଳକ ଓ ସେହି ସ୍ତ୍ରୀ ଲୋକଟି ଉଭୟେ ମିଶି ତାହାର ପ୍ରତିରୋଧ କରୁଥିଲେ । ସେଥିପାଇଁ ସେମାନଙ୍କ ମଧ୍ୟରେ ପାଟିଗୋଳ ହେଉଥିଲା । କବୀର ସେଠାରେ ପହଞ୍ଚି ମୋଟା ଲୋକଟିକୁ ଦୁଇ ଥାପଡ଼ ଦେଇ ସେଠାରୁ ବିଦା କରିଦେଲେ । ପଚାରିବାରୁ ଜଣାପଡ଼ିଲା ଯେ ଅଟୋରେ ବସିଥିବା ଯୁବତୀଟି ଗୋଟିଏ "କଲଗାର୍ଲ" ଓ ଅଟୋ ଚାଳକ ତାକୁ ନେଇ ବିଭିନ୍ନ ସ୍ଥାନକୁ ଯାଇଥାଏ । ସେହି ମୋଟା ଲୋକଟି ଯୁବତୀକୁ ଥରେ ନେଇ ବହୁ ହଇରାଣ କରିଥିଲା । ତେଣୁ ସେ ତାହା ସହ ପୁଣି ଯିବାକୁ ରାଜି ନହେବାରୁ ବହୁ ସମୟରେ ଏଠାରେ ପହଞ୍ଚି ଏହିଭଳି ସେମାନଙ୍କୁ ହଇରାଣ କରୁଥିଲା । ଯୁବତୀଟି ନାମ ଥିଲା କଜରୀ । ଆଉ ସେ ଥିଲା ଅସାମାନ୍ୟ ସୁନ୍ଦରୀ । ମହାକବି କାଳିଦାସଙ୍କ ମେଘଦୂତରେ ଯକ୍ଷ ଯୁବତୀର ରୂପ ବର୍ଣ୍ଣନା ସହ ତାଳ ଦେଇ ମିଳିଯାଉଥିଲା କଜରୀର ରୂପ ଲାବଣ୍ୟ ।

ଯୁବତୀଟିକୁ ଦେଖିଲେ ସେ ଯେ ଜଣେ 'କଲ୍‌ଗାର୍ଲ' ତାହା କେହି ବିଶ୍ୱାସ ବି କରିପାରିବେ ନାହିଁ । କବୀର ବି ଠିକ୍ ଜାଣିଥିଲେ ଯେ ଜୁହୁର ସେହି ଅଞ୍ଚଳରେ 'କଲ୍‌ଗାର୍ଲ'ମାନେ ସେମାନଙ୍କ ଏଜେଣ୍ଟ ସହ ରାତିରେ ଅଟୋରେ ବୁଲି ଗରାଖ ଠିକଣା କରିଥାନ୍ତି । ଗରାଖ ଠିକଣା ହୋଇଗଲେ ସେହି ଅଟୋରେ ବସି ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଇଥାନ୍ତି । ରାତ୍ରୀରେ କାହାର ରୋଜଗାର କେତେ ତାହା ବାହାର ଲୋକ ଜାଣିବା ସମ୍ଭବ ନୁହେଁ । ତେବେ ରୂପକୁ ନେଇ ୧୦ରୁ ୧୫ ହଜାର ପର୍ଯ୍ୟନ୍ତ ରୋଜଗାର କୁଆଡ଼େ ସେମାନଙ୍କର ହୋଇଥାଏ । ଯୁବତୀଟିକୁ ଦେଖି କବୀରଙ୍କ ମନ ତାହା ପ୍ରତି ଦୁର୍ବଳ ହୋଇଉଠିଲା । ସେ ମଧ୍ୟ ସେଦିନ ସେଠାରୁ ଚାଲିଗଲେ । ମାତ୍ର ପରଦିନ ପୁଣି ସେହି ସ୍ଥାନକୁ ଆସି କଜରୀକୁ ଖୋଜି ପାଇଗଲେ । କବୀରଙ୍କୁ ଦେଖି କଜରୀ ହସି ଦେଇ କହିଲା "ଗତକାଲି ମୋତେ ଗୁଣ୍ଡା କବଳରୁ ରକ୍ଷା କରିବାକୁ ଯାଇ ଶେଷରେ ମୋ ରୂପ ଜାଲରେ ପଡ଼ିଗଲ ବନ୍ଧୁ ?" କବୀର କିଛି ନକହି ତାଙ୍କ ପାଖରେ ଯାହା ଟଙ୍କା ଥିଲା କଜରୀର ହାତରେ ଗୁଞ୍ଜି ଦେଲେ । କଜରୀ ସେଥିରୁ ମାତ୍ର ୧ହଜାର ଟଙ୍କା ରଖି ବାକିତକ କବୀରଙ୍କୁ ଫେରାଇ ଦେଲା ଓ କହିଲା, "ଜଣେ ଗରାଖ ସହ ଥରେ ମିଶିଲେ ତାହାଠାରୁ ମୁଁ ୫ହଜାର ଟଙ୍କା ନେଇଥାଏ । ଗତକାଲି ତୁମର କାର୍ଯ୍ୟ ପାଇଁ ପସନ୍ଦ କରି ମୁଁ ତୁମକୁ Discount ଦେଲି ।" ଏତିକି କହି ସେ ହସି ଉଠିଲା । ଏହାପରେ କବୀର କଜରୀକୁ ସେହି ଅଟୋରେ ଏକ ବଡ଼ ହୋଟେଲକୁ ନେଇଗଲେ । କ୍ଷୀଣକାୟ ବୃଦ୍ଧ ଅଟୋ ଚାଳକକୁ କଜରୀ "ଚାଚା" ବୋଲି ଡାକୁଥିଲା । ସେ ହୋଟେଲରେ କଜରୀ ବି ଅଜଣା ନଥିଲା । ଉଦ୍ଦିଷ୍ଟ କୋଠରୀରେ କଜରୀ ଓ କବୀର ରାତ୍ରୀଟା ରହିଲେ । ମାତ୍ର କଜରୀର ବହୁ ଅନୁରୋଧ ସତ୍ତ୍ୱେ ବି କବୀର ତାହା ସହିତ ଆଦୌ ମିଶି ନଥିଲେ । କବୀର କେବଳ କଜରୀର ରୂପକୁ ଚାହିଁ ରହିଥିଲେ ଓ କହିଲେ, "ଦେହ ମିଳନ ପାଇଁ ମୁଁ ଏଠାକୁ ତୁମ ସହ ଆସିନାହିଁ ।" ଏହିପରି ପ୍ରଥମ ରାତ୍ରୀ ଗଲା । ଏହାପରେ ଆରମ୍ଭ ହେଲା କବୀରଙ୍କର କଜରୀ ସହ ପ୍ରତ୍ୟେକ ରାତ୍ରୀରେ ମିଳନ । କଜରୀ ତାର ପ୍ରତିଦିନର ପାଉଣା ନେଇଯାଉଥିଲା ଓ କବୀର ମଧ୍ୟ ସେହିଭଳି ଉଦାସରେ ତାହା ଦେଇ କଜରୀକୁ କେବଳ ଚାହିଁ ରହୁଥିଲେ । ଦିନେ କଜରୀ କହିଲା ଯେ "ବେଶ୍ୟାଙ୍କୁ ପ୍ରେମ କରି ଟଙ୍କା ବରବାଦ କରିବା ଠିକ୍ ନୁହେଁ । କେହି ବେଶ୍ୟାଙ୍କୁ ନିଜ ସ୍ତ୍ରୀ କରିବାକୁ ଚାହାନ୍ତି ନାହିଁ କି କୌଣସି ବେଶ୍ୟା ଜଣେ ପୁରୁଷ ସହିତ ସ୍ତ୍ରୀ ଭାବରେ ସବୁଦିନ ରହିପାରିବ ନାହିଁ । ମୁଁ ଦେଖୁଛି ଯେ ତୁମେ ମୋର ଦୈନିକ ଗରାଖ ହୋଇଗଲଣି । ମାତ୍ର ହୁସିଆର ! ଘରୁ ଟଙ୍କା ଚୋରି କରି ମୋ ପାଖକୁ ଆସୁନାହଁ ତ ? ଯଦି ଏପରି କରୁଥାଅ, ତେବେ ଆଉ ଦିନେ ଏଠିକି ଆସିବ ନାହିଁ ।" ଉତ୍ତରରେ କବୀର କହିଥିଲେ ଯେ "କାହାଠାରୁ ମୁଁ ଚୋରାଇ ଟଙ୍କା ଆଣୁନାହିଁ । ତୋତେ ଯାହା ଦେଉଛି ତାହା ମୋର ପରିଶ୍ରମର ଅର୍ଥ ।"

କବୀର ଏହିପରି ପ୍ରତିଦିନ ଆସୁଥିଲେ । କଜରୀକୁ ତାହାର ପାଉଣା ଦେଇ କିଛି ଘଣ୍ଟା ତାହା ପାଖରେ କଟାଇ ଫେରିଯାଉଥିଲେ । ଦିନେ କଜରୀ କହିଲା ଯେ "କେବଳ ଯୌନ ସୁଖ ପାଇବା ନିମନ୍ତେ ମୋ ପାଖକୁ ଲୋକ ଆସନ୍ତି । ମାତ୍ର ତୁମକୁ ଦେଖିଲେ ଏବେ ମୁଁ ଡରି ଯାଉଛି । ଏବେ ତୁମ ସହ ମୋର ପ୍ରେମ ସମ୍ପର୍କ ଗଢ଼ି ଉଠୁନାହିଁ ତ ? ତୁମକୁ ଦେଖିଲେ ମୋର ଯୌନ କ୍ଷୁଧା କେଉଁଆଡ଼େ ହଜି ଯାଉଛି ।" ଏଣିକି କଜରୀ ବି କବୀରଙ୍କୁ ଚାହିଁ ହସୁଥିଲା । ଯୌନ ସଂପର୍କୀୟ କଥା ବି ତାହା ମୁହଁରୁ ଆଉ ବାହାରୁ ନଥିଲା । ଦିନେ କଜରୀ କବୀରଙ୍କୁ ଯୌନ ଧନ୍ଦାରେ ପକାଇବାକୁ ଶେଷ ଚେଷ୍ଟା କରିଥିଲା । ମାତ୍ର ହାରିଯାଇ କବୀର କୋଳରେ ମୁଣ୍ଡ ରଖି କାନ୍ଦି ଉଠିଲା । କହିଲା "ମୁଁ ହାରି ଗଲିରେ । ତୁମେ ଜିତିଗଲ । ତୁମ ପ୍ରେମରେ ଏପରି ଫସିଗଲିଣି ଯେ ମୁଁ ସେଥିରୁ ଆଉ ବାହାରି ପାରିବି ନାହିଁ ।"

ସବୁଦିନ ଏକାଭଳି ଯାଏନାହିଁ । ଦିନେ କବୀର ରାସ୍ତା ପାରି ହେଉଥିଲା ବେଳେ ଏକ ଗାଡ଼ି ଧକ୍କାରେ ଶକ୍ତ ଆଘାତ ପାଇ ତାଙ୍କ ଡାହାଣ ଗୋଡ଼ ଭାଙ୍ଗିଗଲା । ଡାକ୍ତରଖାନାକୁ ତାଙ୍କୁ ନିଆଯାଇ ଗୋଡ଼ରେ ପ୍ଲାଷ୍ଟର କରାଗଲା ଓ ଏପରି ଏକମାସ ପର୍ଯ୍ୟନ୍ତ ପ୍ଲାଷ୍ଟର ଲାଗି ରହିଲା । ପ୍ରତ୍ୟେକ ଦିନର ସନ୍ଧ୍ୟାରେ ପୂର୍ବଭଳି ସେ ଆଉ କଜରୀ ପାଖକୁ ଯାଇପାରିଲେ ନାହିଁ । କଜରୀର ଟେଲିଫୋନ୍ ନମ୍ବର ବି ନଥିବାରୁ ସେ ମଧ୍ୟ ତାକୁ ଏପରି ଅଘଟଣର ଖବର ଦେଇ ପାରିଲେ ନାହିଁ । ମାତ୍ର ମନରେ କଜରୀକୁ ଝୁରି ହେଉଥିଲେ ।

ତିରିଶଦିନର ପ୍ଲାଷ୍ଟର ଖୋଲାହେବାର ପରଦିନ କବୀର ଜୁହୁର ଚୌପାଟିକୁ କଜରୀ ସହିତ ଭେଟିବା ପାଇଁ ଗଲେ । ସେହି ପରିଚିତ ଅଟୋଟି ସେଠାରେ ଥିଲା । ମାତ୍ର ତାହା ଭିତରେ ନଥିଲା କଜରୀ । ବୁଢ଼ା ଅଟୋଚାଳକ କବୀରଙ୍କୁ ଦୂରରୁ ଦେଖି ପାଖକୁ ଦୌଡ଼ି ଆସିଲା । ଆଖିରୁ ତାହାର ବହି ଯାଉଥିଲା ଅଶ୍ରୁର ଧାର । କବୀର ଯେତେବେଳେ କଜରୀ କାହିଁ ବୋଲି ପଚାରିଲେ କୋହ ସମ୍ବରଣ ନକରିପାରି ଅଟୋଚାଳକଟି କହିଥିଲା ଯେ "ଆଉ କଜରୀ ନାହିଁ ।" ସେ କହିଚାଲିଲା ଯେ "ତୁମେ ନ ଆସିବାରୁ ସେ ପ୍ରତ୍ୟହ ତୁମକୁ ଏହି ଅଟୋରେ ବସି ଅପେକ୍ଷା କରି ଫେରିଯାଉଥିଲା । କେତେବେଳେ ତାହାର ରାତି ବି ଏଠାରେ କଟିଯାଉଥିଲା । କୌଣସି ଗ୍ରାହକ ସହିତ ସେ କେଉଁଠାକୁ ଯାଉନଥିଲା । କେତେବେଳେ ପାଗଳି ଭଳି ସଡ଼କ ଉପରେ ବୁଲୁଥିଲା ତ କେତେବେଳେ କାନ୍ଦି ଉଠୁଥିଲା । ଗୋଟିଏ ଦିନ ଅଟୋ ଛାଡ଼ି ଓ ମୋତେ କିଛି ନକହି କେଉଁଆଡ଼େ ପଳାଇଲା । ତାହା ପରଦିନ ତାହାର ଖଣ୍ଡ ବିଖଣ୍ଡିତ ଶରୀର ପାଖ ରେଳ ଧାରଣାରୁ ମିଳିଥିଲା ।" ଏହା କହି ସେ ଭେଁ ଭେଁ ହୋଇ କାନ୍ଦି ଉଠି କବୀରଙ୍କ ପିନ୍ଧିଥିବା ସାର୍ଟର କଲର ଧରି କହିଲା "ତୁମରି ପ୍ରେମ ହିଁ ଆଜି ତାକୁ ମାରି ଦେଲା ବାବୁ ।" ଏକଥା ଶୁଣି କବୀର ବି ପିଲାଙ୍କ ଭଳି କାନ୍ଦି ପକାଇଲେ । ତାହାପରେ ପାଗଳ ପ୍ରାୟ ସେ ଜୁହୁର ସମୁଦ୍ର କୂଳରେ ଘୁରିବୁଲୁଥିଲେ । ପ୍ରତ୍ୟେକ ଯୁବତୀ ତାଙ୍କୁ କଜରୀ ଭଳି ଦେଖାଦେଲେ ଓ ସେମାନଙ୍କୁ ଦେଖି ସେ ପଚାରୁଥିଲେ "କଜରୀ କାହିଁ ?" ଶେଷରେ ମୁମ୍ବାଇର ଜୁହୁ ଇଲାକାରେ କବୀରଙ୍କର ଆଉ ଦେଖା ମିଳିଲା ନାହିଁ । ସେ କେଉଁଆଡ଼େ ଗଲେ ତାହା ମଧ୍ୟ କେହି ଜାଣିପାରିଲେ ନାହିଁ ।

ପ୍ରେମ ଅନ୍ତରରେ ସୃଷ୍ଟି ହେବା ପାଇଁ ଦେହ ଏକ ମାଧ୍ୟମ ହୋଇପାରେ । ମାତ୍ର ତାହା ଶାଶ୍ୱତ ଓ ଚିରନ୍ତନ । ପ୍ରେମର ଏପରି ଆକର୍ଷଣକୁ ନେଇ ସ୍ରଷ୍ଟାର ସୃଷ୍ଟି ରହିଆସିଛି । ରହିଛି ଓ ରହିଥିବ ମଧ୍ୟ । ବେଶ୍ୟାବୃତ୍ତି କରୁଥିବା ଜଣେ ନାରୀ କିଭଳି ପ୍ରେମ ପାଗଳିନୀ ହୋଇ ଶେଷରେ ସେଥିରେ ହିଁ ତାହାର ମୃତ୍ୟୁ ହୋଇଯାଇଛି ତାହାର ଏହି ଗପଟି ହେଉଛି ଏକ ଦୃଷ୍ଟାନ୍ତ । ବାରାଙ୍ଗନା ବା ବେଶ୍ୟାଙ୍କ ସହ ସଂପର୍କ ରଖିଥିବା ଜଣେ କେହି ପୁରୁଷର ଏପରି ପ୍ରେମ କରିବାର ସାମର୍ଥ୍ୟ ଅଛି କି ? ନାରୀ ପରିସ୍ଥିତିରେ ପଡ଼ି ନିଜ ଜୀବନ ଜୀବିକା ନେଇ ବେଶ୍ୟାବୃତ୍ତି କରିପାରେ ମାତ୍ର ତାହାର ହୃଦୟରେ ଦେଦୀପ୍ୟମାନ ହୋଇ ରହିଥାଏ ପ୍ରେମ, କରୁଣା ଓ କୋମଳତା । ଯାହାର ପଟାନ୍ତର ନାହିଁ ।

# ନବ ଉତ୍କଳର ନିର୍ମାତା ମହାରାଜା କୃଷ୍ଣଚନ୍ଦ୍ର ଗଜପତି



ପ୍ରଶାନ୍ତ କୁମାର ନାୟକ
ୟୁନିଟ୍-୫, ଭୁବନେଶ୍ୱର
ଫୋନ୍- ୮୨୪୯୬୫୦୪୧୪

ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ (୧୮୯୨-୧୯୭୪) ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିଠାରେ ଜନ୍ମ ଗ୍ରହଣ କରିଥିଲେ । ସେ ଅତ୍ୟନ୍ତ ପ୍ରଜା ବତ୍ସଳ ଏବଂ ଓଡିଆ ଭାଷା ଆନ୍ଦୋଳନର ପୁରୋଧା ଥିଲେ । ରାଜା ଗୌରଚନ୍ଦ୍ର ଦେବ ଓ ରାଣୀ ବିଷ୍ଣୁପ୍ରିୟା ଦେବୀଙ୍କର ଜ୍ୟେଷ୍ଠ ପୁତ୍ର ରୂପେ କୃଷ୍ଣଚନ୍ଦ୍ର ଗଜପତି ୧୮୯୨ ମସିହା ଅପ୍ରେଲ ମାସ ୨୬ ତାରିଖ ବୈଶାଖ ଅମାବାସ୍ୟା ଦିନ ପାରଳାଖେମୁଣ୍ଡିରେ ଜନ୍ମ ଗ୍ରହଣ କରିଥିଲେ । ପିତା ଗୌରଚନ୍ଦ୍ର ଗଜପତି ଓ ପିତୃବ୍ୟ ପଦ୍ମନାଭ ଦେବଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ ଓ ମି. ଏଡମଣ୍ଡ୍ କ୍ୟାଣ୍ଡଲର୍ ଗୃହ ଶିକ୍ଷକଙ୍କ ଦାୟିତ୍ୱରେ ସେ ବାଲ୍ୟ ଶିକ୍ଷା ସମାପ୍ତ କରିଥିଲେ ।

ପ୍ରାଥମିକ ଶିକ୍ଷା ଶେଷ ହେବାପରେ ଉଚ୍ଚଶିକ୍ଷା ପାଇଁ ସେ ତତ୍କାଳୀନ ମାନ୍ଦ୍ରାଜକୁ ଯାଇଥିଲେ । ଅଧ୍ୟକ୍ଷ ମରିସନ୍ ସାହେବ ଓ ଅଧ୍ୟାପକ ମି. ଡି. ଲାହେ ନ୍ୟୁ ଲଣ୍ଡନ କଲେଜରେ ତାଙ୍କର ଶିକ୍ଷକ ଥିଲେ । ମାନ୍ଦ୍ରାଜରେ ଅଧ୍ୟୟନ କରୁଥିବା ସମୟରେ ତାଙ୍କ ପିତା ଗୌରଚନ୍ଦ୍ର ନାରାୟଣ ଦେବଙ୍କର ସ୍ୱର୍ଗବାସ ହୋଇଯାଇଥିଲା । ନିଉଟନ୍ ପ୍ରିନ୍ସ୍ କଲେଜରୁ ପାଠପଢା ଶେଷପରେ କୃଷ୍ଣଚନ୍ଦ୍ର ୧୯୧୩ ମସିହାରେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରି ଖରସୁଆଁ ରାଜ୍ୟର ରାଜଜେମା ନଳିନୀ ଦେବୀଙ୍କୁ ବିବାହ କରିଥିଲେ ଏବଂ ରାଜ୍ୟର ଶାସନ ଭାର ମଧ୍ୟ ଗ୍ରହଣ କରିଥିଲେ ।

ସେ ଦକ୍ଷିଣ ଓଡ଼ିଶାର ପ୍ରଥମ ସ୍ନାତକ ଡିଗ୍ରୀ ହାସଲକାରୀ ବ୍ୟକ୍ତିବିଶେଷ ଥିଲେ । କୃଷ୍ଣଚନ୍ଦ୍ରଙ୍କର ଦୁଇଗୋଟି ପୁତ୍ର ଥିଲେ । ପାଟରାଣୀଙ୍କର ଆକାଳ ବିୟୋଗପାଇଁ ତାଙ୍କର ବୈବାହିକ ଜୀବନ ଦୀର୍ଘ ସ୍ଥାୟୀ ହୋଇପାରିନଥିଲା । ଏହାପରେ ସେ ଦ୍ୱିତୀୟବାର ବିବାହ କରିନଥିଲେ । ୧୯୭୪ ମସିହା ମଇ ମାସ ୨୫ ତାରିଖରେ କୃଷ୍ଣଚନ୍ଦ୍ରଙ୍କର ଦେହାନ୍ତ ହୋଇଥିଲା । ସେ ରାଜକୀୟ ବିଳାସ ବ୍ୟସନଠାରୁ ଦୂରରେ ରହି ଜାତିର ସେବା ଓ ଜନସେବାକୁ ନିଜ ଜୀବନର ବ୍ରତ କରିନେଇଥିଲେ । କଲେଜରେ ଅଧ୍ୟୟନବେଳେ କିଶୋର କୃଷ୍ଣଚନ୍ଦ୍ର ସର୍ବଦା ପାରଳାଖେମୁଣ୍ଡି ଓ ଓଡ଼ିଆ ଜାତିର ଉନ୍ନତି କଥା ଚିନ୍ତା କରୁଥିଲେ । ଏଣେ କୋର୍ଟ୍ ଅଫ୍ ବର୍ଡ୍ସ୍ ଙ୍କ ପ୍ରରୋଚନାରେ ପିତୃବ୍ୟ ପଦ୍ମନାଭ ଗଜପତି ପାରଳାଖେମୁଣ୍ଡିରେ ପ୍ରତିଷ୍ଠା କରିଥିବା ମହାବିଦ୍ୟାଳୟକୁ ଖର୍ଚ୍ଚ କାଟ ଆଳରେ ଉଠାଇଦେବାକୁ ମସୁଧା କରୁଥିବା କଥା ଜାଣିପାରି କୃଷ୍ଣଚନ୍ଦ୍ର ଗଜପତି ଏହାର ଦୃଢ଼ ବିରୋଧ କରିଥିଲେ । ଫଳରେ ସେହି କଲେଜକୁ ଆଉ ଉଠାଇ ଦିଆଯାଇପାରିନଥିଲା । ତାଙ୍କର ବିବାହ ଉତ୍ସବ ପାଳନ ଅବସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଦ୍ୱାରା ସ୍ଥାପିତ 'ସତ୍ୟବାଦୀ ବନ ବିଦ୍ୟାଳୟ'ର ଏକ ଛାତ୍ରାବାସ ନିର୍ମାଣ ଲାଗି ପାଞ୍ଚ ଶତ ଟଙ୍କା ଦାନ କରିଥିଲେ । ଏହି ଅର୍ଥ ପାଇବାପରେ ଗୋପବନ୍ଧୁ ଦାସ୍ କୃଷ୍ଣଚନ୍ଦ୍ରଙ୍କୁ ଆଶୀର୍ବାଦ ଜଣାଇ ଏକ ପତ୍ର ଲେଖିଥିଲେ । ତା' ଛଡା ଓଡ଼ିଆ ସାହିତ୍ୟର ବିକାଶ ଲାଗି 'ଉତ୍କଳ ସାହିତ୍ୟ ସମାଜ'କୁ ଏକଶତ ଟଙ୍କା ଦାନ କରିଥିଲେ । ତାଙ୍କ ମତରେ ରାଜ୍ୟ ତଥା ଓଡ଼ିଶାରୁ ଅଜ୍ଞାନ ଅନ୍ଧକାର ଦୂରୀଭୂତ ହୋଇପାରିଲେ ଜନସାଧାରଣଙ୍କ ଆର୍ଥିକ, ମାନସିକ ଓ ସାମୂହିକ ଉନ୍ନତି ହୋଇପାରିବ । ଶିକ୍ଷାର ବିକାଶ ପାଇଁ ସେ ଅନେକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ଥାପନ କରିଥିଲେ । ମେଧାବୀ ଛାତ୍ରଙ୍କୁ ବୃତ୍ତି ଓ ଗରିବ ଛାତ୍ରଙ୍କ ଶିକ୍ଷାଲାଭ ପାଇଁ ଆର୍ଥିକ ସହାୟତା ଯୋଗାଇଥିଲେ । ମଧୁସୂଦନ ଦାସଙ୍କ ନାରୀଶିକ୍ଷା ପ୍ରାଧାନ୍ୟ ପ୍ରତି ଗୁରୁତ୍ୱଦେଇ କୃଷ୍ଣଚନ୍ଦ୍ର ପାରଳାଖେମୁଣ୍ଡିରେ ଏକ ବାଳିକା ବିଦ୍ୟାଳୟ ସ୍ଥାପନ କରିଥିଲେ । ସେତେବେଳେ ବାଲ୍ୟ ବିବାହ ପ୍ରଥା ପ୍ରଚଳିତ ଥିଲା । ବହୁ ଅପ୍ରାପ୍ତ ବୟସ୍କା ବାଳିକା ବିବାହକରି ଅକାଳ ବୈଧବ୍ୟ ଯୋଗୁ ଦୁଃଖରେ କାଳାତିପାତ କରୁଥିଲେ । ପାରଳାର ସଂଗୀତଜ୍ଞ ବୃନ୍ଦାବନ ପାଣିଗ୍ରାହୀଙ୍କ ଝିଅ ପାଖ ପଡ଼ିଶାର ଝିଅମାନଙ୍କୁ ଡାକିଆଣି ନିଜଘରେ ପାଠପଢାଉଥିବା ଖବରପାଇ କୃଷ୍ଣଚନ୍ଦ୍ର ସେଠାରେ ଏକ କୋଠାଘର ଯୋଗାଇଦେଇ ବାଳିକା ବିଦ୍ୟାଳୟ ଆରମ୍ଭ କରିଥିଲେ । ସେଠାରେ ଭଲ ପାଠ ପଢୁଥିବା ଝିଅମାନଙ୍କୁ ସୁନା, ରୂପା ଓ ଶାଢି ଇତ୍ୟାଦି ଦେଇ ପୁରସ୍କୃତ କରୁଥିଲେ । ଫଳରେ ବାଳିକା ସଂଖ୍ୟା କ୍ରମେ ବୃଦ୍ଧି ପାଇଲା ଓ କ୍ରମଶଃ ଏହା ପାରଳାର ପ୍ରଥମ ବାଳିକା ଉଚ୍ଚବିଦ୍ୟାଳୟରେ ପରିଣତ ହେଲା ।

ସେ ସମୟରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ବିଭିନ୍ନ ପ୍ରଶାସନିକ ଅଧୀନରେ ରହିଥିଲା । ସମସ୍ତ ଓଡ଼ିଆ ଭାଷାଭାଷୀ ଲୋକ ଗୋଟିଏ ଅଞ୍ଚଳରେ ରହିଲେ ବିକାଶ ସମ୍ଭବ ବୋଲି କୃଷ୍ଣଚନ୍ଦ୍ର ଗଜପତି ହୃଦୟଙ୍ଗମ କରିପାରିଥିଲେ । ୧୯୧୨ ମସିହାରେ ଅନୁଷ୍ଠିତ ହୋଇଥିବା ଉତ୍କଳ ସମ୍ମିଳନୀର ସେ ଜଣେ ପୁରୋଧା ଭାବେ କାର୍ଯ୍ୟ ନିର୍ବାହ କରିଥିଲେ । ୧୯୧୪ ମସିହା ଡିସେମ୍ବର ମାସ ୨୭ ଓ ୨୮ ତାରିଖରେ ସେ ଦଶମ ଉତ୍କଳ ସମ୍ମିଳନୀ ପାରଳାଖେମୁଣ୍ଡିରେ ଆହୂତ କରି ନିଜର କର୍ମ କୁଶଳତା ଦେଖାଇଥିଲେ । ସେଠାରେ ପ୍ରଥମଥର ପାଇଁ ସେ ପୂର୍ଣ୍ଣାଙ୍ଗ ସ୍ୱତନ୍ତ୍ର ଓଡ଼ିଶା ଗଠନର ମୂଳଭିତ୍ତି ପକାଇଥିଲେ । ଏହି ସମ୍ମିଳନୀର ପ୍ରାରମ୍ଭରେ କୃଷ୍ଣଚନ୍ଦ୍ର ଗଜପତି ଦୃଢତାର ସହିତ ପ୍ରସ୍ତାବ ଦେଇ କହିଥିଲେ ଯେ, 'ଓଡିଆ ଭାଷାଭାଷୀଙ୍କୁ ଏକ ଶାସନାଧୀନ କରିବାପାଇଁ କେବଳ ଦାବି ନକରି ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଦାବି କରିବା ସଂପୂର୍ଣ୍ଣ ଯୁକ୍ତିଯୁକ୍ତ ।'

କୃଷ୍ଣଚନ୍ଦ୍ରଙ୍କର ଏଇଭଳି ବଳିଷ୍ଠ ଓ ଅକାଟ୍ୟ ଯୁକ୍ତି ସମ୍ମିଳନୀର ସମସ୍ତ ନେତୃବର୍ଗ ଏପରିକି ବୟୋଜ୍ୟେଷ୍ଠ ନେତା ମଧୁବାବୁଙ୍କୁ ମଧ୍ୟ ଚକିତ କରିଦେଇଥିଲା ଏବଂ ଗଜପତିଙ୍କର ଏହି ବଜ୍ର ନିର୍ଘୋଷ ନିନାଦ ଗୋପବନ୍ଧୁ ଦାସ, ଫକୀରମୋହନ ସେନାପତି, ଶଶୀଭୂଷଣ ରଥ ଓ ମଧୁସୂଦନ ଦାସ୍ ଇତ୍ୟାଦିଙ୍କ ସମର୍ଥନ ପାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନପାଇଁ ଏକ ପ୍ରସ୍ତାବ ଭାବରେ ଉତ୍କଳ ସମ୍ମିଳନୀରେ ଗୃହୀତ ହେଲା ।

୧୯୧୭ ମସିହାରେ ମଣ୍ଟେଗୁ-ଚେମସ୍ ଫୋର୍ଡ୍ କମିଟି ଭାଷା ଭିତ୍ତିକ ପ୍ରଦେଶ ଗଠନ ସପକ୍ଷରେ ମତ ପ୍ରକାଶ କରିଥିଲେ । ଏ ସଂପର୍କିତ ଉତ୍କଳର ସଦସ୍ୟ ଭାବେ କୃଷ୍ଣଚନ୍ଦ୍ର ଦିଲ୍ଲୀଠାରେ ମଣ୍ଟେଗୁଙ୍କ ସହିତ ସାକ୍ଷାତ କରିଥିଲେ । ୧୯୨୨ ମସିହାରେ ବିହାର ଓଡ଼ିଶା ବ୍ୟବସ୍ଥାପକ ସଭାରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ମିଶ୍ରଣପାଇଁ ଏକ ସ୍ୱତନ୍ତ୍ର ପ୍ରସ୍ତାବ ଗୃହୀତ ହୋଇଥିଲା । ଫିଲିପ୍ ଡଫ୍ କମିଟି ବିଶାଖାପାଟଣା ଓ ଗଞ୍ଜାମ ଗସ୍ତବେଳେ ଗଜପତିଙ୍କ ସହିତ ସାକ୍ଷାତ କରିଥିଲେ । ୧୯୨୭ ମସିହାରେ ଭାରତରେ ଶାସନ ସଂସ୍କାରପାଇଁ ବ୍ରିଟିଶ ସରକାର ସାଇମନ୍ କମିଶନ ନିଯୁକ୍ତି କରିଥିଲେ । ସମଗ୍ର ଦେଶ ସେତେବେଳେ ସାଇମନ୍ କମିଶନଙ୍କୁ ବାସନ୍ଦ କରିଥିଲେ । କିନ୍ତୁ ଓଡ଼ିଶାର ସ୍ୱାର୍ଥ ନିମନ୍ତେ ଗଜପତି ଅଷ୍ଟାଭିଡି ସାଇମନ୍ କମିଶନଙ୍କ ସହିତ କଥାବାର୍ତ୍ତା କରିବାପାଇଁ ଆଗେଇ ଆସିଥିଲେ । ଯାହା ଫଳରେ ଓଡ଼ିଶା କଥା ବିଚାର କରିବାପାଇଁ ଅଟଲିଙ୍କ ଅଧ୍ୟକ୍ଷତାରେ ଏକ ସବ୍ କମିଟି ଗଠନ କରାଗଲା । ଏବଂ ସେହି କମିଟି ଓଡ଼ିଶାପାଇଁ ଅନୁକୂଳ ମତ ପ୍ରକାଶ କରିଥିଲେ । ପ୍ରଥମ ଗୋଲଟେବୁଲ୍ ବୈଠକ (୧୯୩୦-୩୧) ଲଣ୍ଡନଠାରେ ଅନୁଷ୍ଠିତ ହୋଇଥିଲା । ବିହାର ଏବଂ ଓଡ଼ିଶା ସରକାରଙ୍କ ତରଫରୁ କୃଷ୍ଣଚନ୍ଦ୍ର ଗଜପତି ମନୋନୀତ ସଭ୍ୟ ଭାବରେ ସେହି ଗୋଲଟେବୁଲ୍ ବୈଠକରେ ଯୋଗଦେଇଥିଲେ । ଏହି ବୈଠକରେ ଓଡ଼ିଶାର ଦାବୀ ଉତ୍‌ଥାପନ କରି ଏକ ଐତିହାସିକ ଭାଷଣଦେଇ ବ୍ରିଟିଶ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି କହିଥିଲେ - 'ଆମେ ଚାହୁଁ ଓଡ଼ିଆ ଭାଷା ଓ ଜାତି ସୂତ୍ରରେ ପ୍ରଦେଶ ଗଠନ । ଏକ କୋଟି ଓଡ଼ିଆଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନପାଇଁ ଅନୁମତି ନଦେଇ ଆପଣମାନେ ଭାରତରେ ନୂତନ ଶାସନ ସଂସ୍କାର କରିପାରିବେ ନାହିଁ ।' ଏହି ମନୀଷୀଙ୍କ ଯୁକ୍ତିଯୁକ୍ତ ବକ୍ତବ୍ୟ ଶୁଣି ଗୋଲଟେବୁଲ୍ ବୈଠକରେ ଉପସ୍ଥିତ ଥିବା ବ୍ରିଟିଶ ସରକାରଙ୍କ ପ୍ରତିନିଧିମାନେ ସ୍ତବ୍ଧ ହୋଇଯାଇଥିଲେ । ବିଲାତ ସରକାର ୧୯୩୧ ମସିହାରେ ଓଡନେଲ୍ କମିଟି ବସାଇଲେ ଏବଂ ଏହି କମିଟି ମୁଖ୍ୟତଃ ତିନିଗୋଟି ବିଷୟପ୍ରତି ଧ୍ୟାନ ଦେଇଥିଲେ । ତନ୍ମଧ୍ୟରୁ ଗୋଟିଏ ଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନପାଇଁ ସୀମା ନିର୍ଦ୍ଧାରଣ । ୧୯୩୧ ରେ ଓଡନେଲ୍ କମିଟି ରିପୋର୍ଟ୍ ପ୍ରକାଶ ପାଇଲା । ଫିଲିପ୍ ଡଫ୍ କମିଟିର ଅନୁମୋଦନ ଲାଭକରି ୧୯୩୩ ମସିହାରେ ଏହା ଶ୍ୱେତପତ୍ରରେ ପ୍ରକାଶ ପାଇଲା । ମାତ୍ର ସଂପୃକ୍ତ ଶ୍ୱେତପତ୍ର ନୈରାଶ୍ୟଜନକ ଥିଲା । କାରଣ ପାରଳାଖେମୁଣ୍ଡି ଓ ଜୟପୁର ଜମିଦାରୀ ଏଥିରୁ ବାଦ୍ ପଡିଥିଲା । ମଧୁବାବୁଙ୍କର ନିବେଦନକ୍ରମେ କୃଷ୍ଣଚନ୍ଦ୍ର ଜଏଣ୍ଟ ସିଲେକ୍ଟ କମିଟି ଆଗରେ ଏହି କଥା ଉପସ୍ଥାପନା କରିବା ନିମନ୍ତେ ବିଲାତଯାଇ ୧୯୩୪ ମସିହାରେ ପାରଳାଖେମୁଣ୍ଡିକୁ ଓଡ଼ିଶାରେ ମିଶ୍ରଣପାଇଁ ଜଏଣ୍ଟ୍ ପାର୍ଲିଆମେଣ୍ଟାରି କମିଟି ନିକଟରେ ଆବେଦନ କରିଥିଲେ । ଏହି କମିଟିର ଅଧ୍ୟକ୍ଷ ଲର୍ଡ୍ ଲିନଲିଥ୍ ଗୋ ଙ୍କୁ ପ୍ରଭାବିତ କରିପାରିଥିଲେ । ପରେ ଭାରତର ବଡଲାଟ୍ ଲର୍ଡ୍ ଉଇଲିଂ ଡନ୍‌ଙ୍କୁ ପ୍ରଭାବିତ କରି ଓଡ଼ିଶା ସହିତ ପାରଳାଖେମୁଣ୍ଡି ଓ ଜୟପୁରକୁ ମିଶାଇବା ପାଇଁ ରାଜି କରାଇପାରିଥିଲେ । ତାଙ୍କ ଦ୍ୱାରା ଲିଖିତ ମେମୋରାଣ୍ଡମରେ ଓଡ଼ିଶା ସହିତ ପାରଳାଖେମୁଣ୍ଡିର ମିଶ୍ରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନପାଇଁ ସ୍ପଷ୍ଟ ଦାବୀକୁ ଅଗ୍ରାଧିକାର ଦେଇ ଇଂରେଜ ସରକାର ଏହାକୁ ଓଡ଼ିଶା ଅନ୍ତର୍ଗତ କରିଥିଲେ ଓ ୧୯୩୬ ଏପ୍ରିଲ ପହିଲାଦିନ ଏହି ଦାବି ଏବଂ ଉତ୍କଳ ସମ୍ମିଳନୀର ଦାବି ଫଳରେ ଛଅଗୋଟି ଜିଲ୍ଲାକୁ ନେଇ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ମାନ୍ୟତା ଲାଭକଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସଂପର୍କିତ ଦାବିନେଇ ସେ ତିନିଥର ଲଣ୍ଡନ ଯାଇଥିଲେ । ଶୁଣାଯାଏ ଯେ, କୃଷ୍ଣଚନ୍ଦ୍ର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସଂପର୍କିତ ଆଲୋଚନା ପାଇଁ ବାରମ୍ବାର ଲଣ୍ଡନ ଯିବାଫଳରେ ସେ ଅର୍ଥନୈତିକ ଚାପରେ ପଡି ରାଜପ୍ରାସାଦର ବହୁ ମୂଲ୍ୟବାନ ଅଳଙ୍କାରଆଦି ପ୍ରଜାମାନଙ୍କର ମଙ୍ଗଳପାଇଁ ବିକି ଦେଇଥିଲେ । ନିଜ ଶାସନ କାଳରେ ସେ ନିଜ ରାଜ୍ୟ ଭିତରଦେଇ ନୂଆପଡ଼ା-ପାରଳାଖେମୁଣ୍ଡି ରେଳ ପଥକୁ ଗୁଣୁପୁର ଯାଏ ସଂପ୍ରସାରିତ କରାଇଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଠିକ୍ ବର୍ଷକପରେ ଅର୍ଥାତ୍ ୧୯୩୭ ମସିହା ଏପ୍ରିଲ୍ ୦୧ ତାରିଖରେ ଓଡ଼ିଶାର ପ୍ରଥମ ଗଭର୍ଣ୍ଣର ସାର୍ ଜନ୍ ଅଷ୍ଟିନ୍ ହବାକ୍ ଗଜପତି କୃଷ୍ଣଚନ୍ଦ୍ର ଦେବଙ୍କୁ ନେତାରୂପେ ନିର୍ବାଚିତ କରି ପ୍ରଥମ ମନ୍ତ୍ରୀମଣ୍ଡଳ ଗଠନ କରିବାପାଇଁ ନିମନ୍ତ୍ରଣ କଲେ । ତେଣୁ ଗୋରାଚାନ୍ଦ୍ ପଟ୍ଟନାୟକ ଓ ଲତିଫୁର ରହମାନଙ୍କୁ ସଦସ୍ୟ ଭାବରେ ନେଇ ମନ୍ତ୍ରୀମଣ୍ଡଳ ଗଠନକରି ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ୧୯୩୭ ମସିହା ଏପ୍ରିଲ ୦୧ ତାରିଖରୁ ଜୁଲାଇ ମାସ ୧୮ ତାରିଖ ଯାଏ ଶାସନ କାର୍ଯ୍ୟ ପରିଚାଳନା କଲେ । ୧୯୪୧ ମସିହା ନଭେମ୍ବର ମାସଠାରୁ ୧୯୪୪ ମସିହା ଜୁନ୍ ମାସ ପର୍ଯ୍ୟନ୍ତ ତୃତୀୟ ମନ୍ତ୍ରୀମଣ୍ଡଳରେ ପୁନର୍ବାର ପ୍ରଧାନମନ୍ତ୍ରୀ ରୂପେ ଯୋଗଦେଇ ଦକ୍ଷତାର ସହିତ କାର୍ଯ୍ୟ ସଂପାଦନ କରିଥିଲେ । ମହାରାଜାଙ୍କ ମନ୍ତ୍ରୀତ୍ୱ ଥିବାଯାଏ ତାଙ୍କର ମାସିକ ଦରମା ଓ ଗସ୍ତ ଖର୍ଚ୍ଚ ସବୁକୁ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଦାନକରୁଥିଲେ । ସିଂହଭୂମ ଅଞ୍ଚଳରେ ଓଡିଆ ଭାଷାର ପ୍ରଚାର ଓ ପ୍ରସାର, ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ପଞ୍ଚମ ଖଣ୍ଡର ମୁଦ୍ରଣ, ବହୁ କାବ୍ୟର ପ୍ରକାଶନପାଇଁ ସଂପୂର୍ଣ୍ଣ ଆର୍ଥିକ ସହାୟତା ଯୋଗାଇଦେଇ ଗଜପତି ନିଜକୁ ଜଣେ ସାହିତ୍ୟାନୁରାଗୀ ଭାବରେ ପରିଚୟ ଦେଇଥିଲେ । ଓଡ଼ିଶା ହାଇକୋର୍ଟ୍ ପ୍ରତିଷ୍ଠାର ପ୍ରାରମ୍ଭିକ କାର୍ଯ୍ୟ ମଧ୍ୟ ତାଙ୍କଦ୍ୱାରା ହୋଇଥିଲା ।

ଘୁମୁସରର ରାଜା ଧନଞ୍ଜୟ ଭଞ୍ଜଙ୍କ ନାତି ଉପେନ୍ଦ୍ର ଭଞ୍ଜଙ୍କୁ କଥା ଛଳରେ କହିଥିଲେ; ଗଣିତରେ ଖଣ୍ଡପଡ଼ା, ସଂସ୍କୃତରେ ନୟାଗଡ଼, କ୍ଷତ୍ରିୟରେ ଘୁମୁସର, ଧରାକୋଟ ରାଜନୀତି, ଗନ୍ଧର୍ବ ବିଦ୍ୟାରେ ପାରଳାଖେମୁଣ୍ଡି ମନେରଖିଥିବୁ ନାତି ।'

୧୯୩୨ ମସିହାରେ ଓଡ଼ିଶା ସରକାର ତାଙ୍କୁ 'ମହାରାଜା' ଉପାଧିରେ ଭୂଷିତ କରିଥିଲେ । ସେହି ବର୍ଷ ବ୍ରିଟିଶ ସରକାର ତାଙ୍କୁ କେ.ସି.ଆ.ଇ. ଉପାଧି ମଧ୍ୟ ଦେଇଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ତାଙ୍କୁ LL.D( Doctor of Law)ରେ ଭୂଷିତ କରାଯାଇଥିଲା । ପରବର୍ତ୍ତି ସମୟରେ ଅର୍ଥାତ୍ ୧୯୯୨ ରେ ଗାନ୍ଧି ଜୟନ୍ତୀ ଦିନ ବିଜୁ ପଟ୍ଟନାୟକଙ୍କ ସରକାର ସମୟରେ ପାରଳାଖେମୁଣ୍ଡିକୁ ମହାରାଜାଙ୍କ ନାମରେ ଗଜପତି ଜିଲ୍ଲା ଭାବରେ ନାମିତ ହୋଇଥିଲା । ୧୯୨୬ ମସିହାରେ ସେ ସରକାରଙ୍କ ଦ୍ୱାରା ସେନା ବଳର କମିସନର ଭାବେ ନିଯୁକ୍ତ ହୋଇଥିଲେ । ସ୍ୱାଧୀନତା ପରବର୍ତ୍ତୀ କାଳରେ ୧୯୫୪ ମସିହାରେ ସେ ହିନ୍ଦୁସ୍ଥାନ ଷ୍ଟିଲ୍ ଲିମିଟେଡ୍‌ର ନିର୍ଦ୍ଦେଶକ ରୂପେ କେନ୍ଦ୍ର ସରକାରଙ୍କ ଦ୍ୱାରା ମନୋନୀତ ହୋଇଥିଲେ ।

ଏହିଭଳି ଭାବରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣଦେବ ନିଜ ମାତୃଭୂମିକାର ସେବାର୍ଥେ ନିଜକୁ ସମର୍ପିତ କରିଥିଲେ ଓ ଜଣେ ଦକ୍ଷ ତଥା ପ୍ରଜା ବତ୍ସଳ ରାଜା ଭାବରେ ନିଜକୁ ପରିଚିତ କରାଇ ପାରିଥିଲେ । ନୂତନ ଓଡ଼ିଶା ନିର୍ମାଣରେ ତାଙ୍କର ଯୋଗଦାନ ଅବର୍ଣ୍ଣନୀୟ ଥିଲା । ଏହି ଓଡିଆ ଜାତିଙ୍କ ନିକଟରେ ସେହି ଯୋଗଜନ୍ମା ଦିବ୍ୟ ବ୍ୟକ୍ତିତ୍ୱ ସର୍ବଦା ସ୍ମରଣୀୟ ଏବଂ ବନ୍ଦନୀୟ ହୋଇ ରହିଥିବେ । 'ବନ୍ଦେ ଉତ୍କଳ ଜନନୀ'

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୦ ସେପ୍ଟେମ୍ବର ୨୦୨୫ ବୁଧବାର



# ଗାଁରୁ ସହର ସବୁଠି ବଢ଼ିଛି ତମାଖୁ ସେବନ

ରାଜ୍ୟରେ ତମାଖୁ ସେବନ ବଢ଼ିବାରେ ଲାଗିଛି । ବିଶେଷ କରି ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଅଧିକ ମାତ୍ରାରେ ତମାଖୁ ବ୍ୟବହାର କରାଯାଉଛି । ଏହାକୁ ରୋକିବା ପାଇଁ ରାଜ୍ୟ ସରକାର ଆକ୍ସନ ପ୍ଲାନ ତିଆରି କରୁଛନ୍ତି । ବୃଦ୍ଧମାନଙ୍କ ସ୍ତରରୁ ତମାଖୁ ସେବନକୁ ନେଇ ସଚେତନତା ସୃଷ୍ଟି କରିବା ସହିତ ସ୍କୁଲରେ ପାଇଲଟ ପ୍ରୋଜେକ୍ଟ ଆରମ୍ଭ କରାଯାଉଛି । ଏଥିରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କଠାରୁ ନେଇ ଛାତ୍ରଛାତ୍ରୀ ସକ୍ରିୟ ସାମିଲ ହୋଇଛନ୍ତି । ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳକୁ ଅଧିକ ଫୋକସ କରାଯାଉଛି । ସେପରିକି ଗାଁ ଲୋକମାନେ ଓ ବିଶେଷ ଭାବରେ ସ୍କୁଲ ହତା ମଧ୍ୟରେ ବା ବାହାରେ କୌଣସି ନିଶାଦ୍ରବ୍ୟ ବିକ୍ରି ସେବନ ନିଶିଦ୍ଧ ହେବ ସେନେଇ ଧ୍ୟାନ ଦିଆଯାଉଛି । କୋଟପା ଆଇନ ଅନୁଯାୟୀ କାର୍ଯ୍ୟକ୍ରମ ଜୋରସୋରରେ ଚାଲିଥିବା ବେଳେ ଏହାକୁ ସଫଳ କରିବା ପାଇଁ ଆହୁରି ସମୟ ଲାଗିବ । ଏଥିପାଇଁ ସଚେତନତା ଆବଶ୍ୟକ । ସରପଞ୍ଚ ନେତୃତ୍ୱରେ ତାଲିମ:ଟବାକୋ ବା ବିଡ଼ି ସିଗାରେଟର ବ୍ୟବହାରକୁ ନେଇ ଓଡ଼ିଶାର ଗ୍ରାମାଞ୍ଚଳରେ ବେଶ ସତର୍କତା ଅବଲମ୍ବନ କରାଯାଉଛି । ଏନେଇ ଗ୍ରାମାଞ୍ଚଳରେ ସରପଞ୍ଚମାନଙ୍କୁ ତାଲିମ ଦିଆଯାଉଛି । ୨ ବର୍ଷରେ ପାଖାପାଖି ୫ ହଜାରରୁ ଅଧିକ ସରପଞ୍ଚଙ୍କୁ ତାଲିମ ଦିଆଯାଇଛି । ସେମାନେ କିଭଳି ଭାବରେ ପ୍ରତି ଗାଁକୁ ଯାଇ ନିଶା ସେବନ ନ କରିବାକୁ ସଚେତନତା ସୃଷ୍ଟି କରିବେ ସେନେଇ ଏକ ଆକ୍ସନ ପ୍ଲାନ ତିଆରି କରାଯାଉଛି । ଗ୍ରାମାଞ୍ଚଳରେ ଥିବା ସ୍କୁଲ ଓ କଲେଜରେ ଟବାକୋ ମୁକ୍ତ ଅଭିଯାନ ଚାଲିଛି । ଏନେଇ ୪-୫ ବର୍ଷ ମଧ୍ୟରେ ଗ୍ରାମାଞ୍ଚଳଗୁଡ଼ିକୁ ଟବାକୋ ମୁକ୍ତ ଅଞ୍ଚଳ କରାଯିବାର ଲକ୍ଷ୍ୟ ରହିଛି । ଏଥି ସହିତ ଯେଉଁମାନେ ସେବନ କରୁଛନ୍ତି ତାଙ୍କର କାଉନ୍ସେଲିଂ ମଧ୍ୟ କରାଯିବ । ରାଜ୍ୟ ସରକାର ଏହି ବ୍ୟାଧିକୁ ଦୂର କରିବା ପାଇଁ ନୂଆ ଆକ୍ସନ ପ୍ଲାନ ପ୍ରସ୍ତୁତ କରିଛନ୍ତି । ଏଥିପାଇଁ ବିଭିନ୍ନ ସ୍କୁଲରେ ଏକ ସ୍ୱତନ୍ତ୍ର ଆପ୍ଲିକେସନର ବ୍ୟବହାର କରାଯାଉଛି । ବିଶେଷ କରି ୭ଟି ଜିଲ୍ଲାରେ ଏହାକୁ ପାଇଲଟ ପ୍ରୋଜେକ୍ଟ ଭାବରେ ଆରମ୍ଭ କରାଯାଉଛି । ଏଥିରେ ପିଲା ଓ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ନିଜର ମତାମତ ଦେବେ । ସ୍କୁଲରେ ନିଶାଦ୍ରବ୍ୟ ବ୍ୟବହାର ବର୍ଜନ କରିବା ସହିତ ସ୍ୱଚ୍ଛ ପରିବେଶ ଗଠନ ନେଇ କେତେ ଏହି ପ୍ରକ୍ରିୟା କେତେ ଫଳପ୍ରଦ ସେନେଇ ନିଜର ମତାମତ ଦେବେ । ଏହି ପ୍ରକଳ୍ପଟି ଗଞ୍ଜାମ, ସୁନ୍ଦରଗଡ, କେନ୍ଦୁଝର, କଟକ, ଖୋର୍ଦ୍ଧା, ବଲାଙ୍ଗୀର, ମୟୂରଭଞ୍ଜ ଜିଲ୍ଲାରେ ଆରମ୍ଭ ହୋଇଛି । ଆଗାମୀ ୫ ବର୍ଷ ମଧ୍ୟରେ ୧୫ ହଜାର ସ୍କୁଲ ଏହି ପ୍ରକଳ୍ପରେ ସାମିଲ ହେବେ । ଟବାକୋ ଫ୍ରି ଭିଲେଜ ଯୋଜନା ୨୦୨୨ -୨୩ ମସିହାରେ ଓଡ଼ିଶାରେ ଆରମ୍ଭ ହୋଇଥିଲା । ବର୍ତ୍ତମାନ ଏହାକୁ ଭାରତ ସରକାର ମଧ୍ୟ ଆରମ୍ଭ କରିଛନ୍ତି । ଗ୍ରାମାଞ୍ଚଳରେ ଅଧିକ ଖର୍ଚ୍ଚ:ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି, 'ଗ୍ରାମାଞ୍ଚଳରେ ସଚେତନତା ପାଇଁ ଅଧିକ ଟଙ୍କା ଖର୍ଚ୍ଚ କରାଯାଉଛି । ଗତ ବର୍ଷ ପାଖାପାଖି ୭୦ ପ୍ରତିଶତ ଖର୍ଚ୍ଚ ହୋଇଛି । ରାଜ୍ୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି । ଏହା ସହିତ ଲୋକଙ୍କ ଚିକିତ୍ସା ପାଇଁ ମଧ୍ୟ ଖର୍ଚ୍ଚ କରାଯାଉଛି ।

# ହନୁମାନଙ୍କ କମଳା ରଙ୍ଗର ସିନ୍ଦୁର ଦିଏ ସଫଳତା

ମଙ୍ଗଳବାର କରନ୍ତୁ ଏହି ଉପାୟ ଦୂର ହେବ ଆପଣଙ୍କ ସବୁ ସମସ୍ୟା । ବଜରଙ୍ଗବାଲୀଙ୍କ କୃପାରୁ ଆପଣଙ୍କ ଜୀବନ ସୁଖମୟ ହେବ । ଆର୍ଥିକ ସ୍ଥିତିକୁ ସୁଧାରିବାକୁ ମଙ୍ଗଳବାର ଦିନ ହନୁମାନଙ୍କର ଏହି ମନ୍ତ୍ରକୁ ୨୧ ଥର ଜପ କରନ୍ତୁ:-ଓଁ ହଂ ହନୁମତେ ନମଃ । ଯଦି ଆପଣ ସବୁ କାମରେ ସଫଳତା ପାଇବାକୁ ଚାହାନ୍ତି ତେବେ ମଙ୍ଗଳବାର ଦିନ ଧଳା କାଗଜ ସହ କମଳା ରଙ୍ଗର ସିନ୍ଦୁର ନିଅନ୍ତୁ । ସେହି ସିନ୍ଦୁରରେ କିଛି



ବାସ୍ନାଯୁକ୍ତ ତେଲ କିମ୍ବା ସୁଦ୍ଧ ଗୁଆଘିଅ ମିଶାନ୍ତୁ, ସେହି ଧଳା କାଗଜରେ ପ୍ରଭୁ ଶ୍ରୀରାମଙ୍କ ନାମ ଲେଖନ୍ତୁ । ୧୧ ଥର ରାମ ନାମ ଲେଖନ୍ତୁ, ଏହା ପରେ ସେହି କାଗଜକୁ ଭାଙ୍ଗି ଆପଣଙ୍କ ମନିପର୍ସରେ ରଖନ୍ତୁ । ସେହିପରି ଯଦି ଆପଣ ସ୍ମରଣ ଶକ୍ତି ବଢାଇବାକୁ ଚାହୁଁଥିଲେ କରନ୍ତୁ ଏହି ଉପାୟ । ମଙ୍ଗଳବାର ରାତିରେ କରନ୍ତୁ ଏହି ଉପାୟ । ସୋଇବା ପୂର୍ବରୁ ପାଖରେ ଲାଲ ଚନ୍ଦନ କାଠ ଖଣ୍ଡିଟିଏ ରଖି ସୁଅନ୍ତୁ । ପରଦିନ ସକାଳେ ସେହି ଲାଲ ଚନ୍ଦନ କାଠ ଖଣ୍ଡଟିକୁ ଆପଣଙ୍କ ପାଖରେ ଥିବା କୌଣସି ମନ୍ଦିର କିମ୍ବା ଧାର୍ମିକସ୍ଥଳରେ ଦାନ କରନ୍ତୁ ।

# ନିଦ୍ରାହୀନତା ଦୂର କରେ କିସ୍‌ମିସ୍



କିସ୍‌ମିସ୍ ଖାଇବାକୁ କାହାକୁ ବା ଭଲ ଲାଗେନା ? କିସ୍‌ମିସ୍ ଖାଇବାକୁ ଯେତିକି ସ୍ୱାଦିଷ୍ଟ ତାହା ଦେହ ପାଇଁ ତା'ଠାରୁ ବି ଅଧିକ ଭଲ କିସ୍‌ମିସ୍ ସଂପର୍କରେ ଆହୁରି ଗୁଡ଼ାଏ କଥା ଅଛି ଯାହା ହୁଏତ ଆପଣ ଜାଣିନଥିବେ । ଏଥିରେ ବହୁ ସ୍ୱାସ୍ଥ୍ୟଗତ ଫାଇଦା ରହିଛି । କିସ୍‌ମିସ୍ ଖାଇବା ଦ୍ୱାରା ଉତ୍ତମ ହଜମ ହେବା ସହ କୋଷ୍ଠକାଠିନ୍ୟ ବି ଦୂର ହୋଇଥାଏ । ଥଣ୍ଡା, ଜ୍ୱର, କାଶ ଆଦି ରୋଗର ନିରାକରଣ ବି ଏଥିରେ ରହିଛି ବୋଲି ଗବେଷକମାନେ ମତ ଦେଇଛନ୍ତି । କେବଳ ସେତିକି ନୁହେଁ, ଏହାର ସକାରାତ୍ମକ ପ୍ରଭାବ ଆଖି, ଦାନ୍ତ, କେଶ ଓ ହାଡ଼ ଆଦିରେ ପଡ଼ିଥାଏ । ଏଥିରେ କ୍ୟାଲ୍‌ସିୟମ୍, ଆଇରନ୍, ପଟାସିୟମ୍, ଫସ୍‌ଫରସ୍ ଏବଂ ମାଗ୍ନେସିୟମ ଆଦି ରହିଛି । ଏହାବ୍ୟତୀତ ଏଥିରେ ଭିଟାମିନ ସି, ଏବଂ ବି-୬ ମଧ୍ୟ ରହିଛି । ରାତିରେ ୪ଟି କିମ୍ବା ୬ଟି କିସ୍‌ମିସ୍‌କୁ ପାଣିରେ ଭିଜେଇ ଦିଅନ୍ତୁ ସକାଳୁ ଉଠି ଦାନ୍ତ ଘସିବା ପରେ ଖାଲି ପେଟରେ ସେହି ପାଣି ମିଶା କିସ୍‌ମିସ୍‌କୁ ଖାଇଦିଅନ୍ତୁ । ଯେଉଁମାନଙ୍କର ସ୍ୱାସ୍ଥ୍ୟ ସହଜରେ ଲାଗେ ନାହିଁ ସେମାନେ କିସ୍‌ମିସ୍ ଖାଇପାରନ୍ତି । ଏହା ଶରୀରରେ ଅତିରିକ୍ତ ଚର୍ବି ନ ବନାଇ ବ୍ୟକ୍ତିକୁ ମୋଟା ହେବାରେ ସହାୟ ହୋଇଥାଏ । କିସମିସରେ କର୍କଟ ରୋଗକୁ ପ୍ରତିରୋଧ କରିବାର କ୍ଷମତା ରହିଛି । ଏହାଛଡ଼ା କିସ୍‌ମିସ୍ ଖାଇବା ଦ୍ୱାରା ହୃଦ୍‌ରୋଗ, ମଧୁମେହ, ନିଦ୍ରାହୀନତା, ତ୍ୱଚା, କେଶ, କିଡନୀ ଜନିତ ରୋଗ ଆଦି ମଧ୍ୟ ଦୂର ହୋଇଥାଏ । ଏହାକୁ ନିୟମିତ ଖାଇଲେ ଅନେକ ସୁଫଳ ମିଳିବ ।

# ବଡ଼ ଏକାଦଶୀ ଦିନ ଦୀପ ଜାଳି ଭକ୍ତି ଓ ନିଷ୍ଠାର ସହ ବିଷ୍ଣୁଙ୍କୁ ଆରାଧନା କଲେ ଦୂର ହୁଏ ଦୁଃଖ



ବର୍ଷକରେ ୨୪ ଏକାଦଶୀ । ଏହି ୨୪ଟି ଏକାଦଶୀ ମଧ୍ୟରୁ ୪ଟି ବଡ଼ ଏକାଦଶୀ ନାମରେ ଖ୍ୟାତ । ଆଷାଢ଼ ଶୁକ୍ଳ ଏକାଦଶୀରେ ହରିଶୟନ ଏକାଦଶୀ, କାର୍ତ୍ତିକରେ ଦେବ ଉତ୍‌ଥାପନ ଏକାଦଶୀ, ଜ୍ୟେଷ୍ଠରେ ନିର୍ଜଳା ଏକାଦଶୀ ଏବଂ ଭାଦ୍ରବରେ ପାର୍ଶ୍ୱପରିବର୍ତ୍ତନ ଏକାଦଶୀକୁ ବଡ଼ ଏକାଦଶୀ ଭାବେ ପାଳନ କରାଯାଏ । ବଡ ଏକାଦଶୀଗୁଡିକର ମାହାତ୍ମ୍ୟ ଅବର୍ଣ୍ଣନୀୟ । ବଡ଼ ଏକାଦଶୀ ଦିନ ଦୀପ ଜାଳି ଭକ୍ତି ଓ ନିଷ୍ଠାର ସହ ବିଷ୍ଣୁଙ୍କୁ ଆରାଧନା କଲେ ତ୍ରିତାପ, ଦୁଃଖଶୋକ ଦୂର ହୁଏ । ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରେ ପାର୍ଶ୍ୱପରିବର୍ତ୍ତନ ଏକାଦଶୀ ଅନ୍ତର୍ଭୁକ୍ତ ।

ବାହୁଡା ଯାତ୍ରା ଅବସରରେ ରଥ ଉପରେ ମହାପ୍ରଭୁଙ୍କର ଶୟନ ଏକାଦଶୀ ପାଳିତ ହୁଏ । ଶୟନ ପ୍ରତିମାମାନେ ମହାପ୍ରଭୁଙ୍କର ନିଦ୍ରା ହରଣ କରନ୍ତି ଏବଂ ମହାପ୍ରଭୁ ପ୍ରତୀକାତ୍ମକ ଭାବେ ୪ ମାସ ନିଦ୍ରା ଯାଇଥାନ୍ତି । ନିଦ୍ରା ଯିବାର ଦୁଇ ମାସ ପରେ ଭାଦ୍ରବ ଶୁକ୍ଳ ଏକାଦଶୀରେ ମହାପ୍ରଭୁ ପାର୍ଶ୍ୱର ପରିବର୍ତ୍ତନ କରନ୍ତି, ଯାହା ପାର୍ଶ୍ୱପରିବର୍ତ୍ତନ ଏକାଦଶୀ ନାମରେ ଖ୍ୟାତ । ଏହି ଏକାଦଶୀ ଶ୍ରୀମନ୍ଦିରରେ ବିଶେଷ ରୀତିନୀତି ସହ ପାଳିତ ହୁଏ । ପାଶ୍ୱର୍ପରିବର୍ତ୍ତନ ନୀତି ଉତ୍ସବମୁଖର ଏକ ଅପୂର୍ବ ନୀତି । ଶ୍ରୀମନ୍ଦିର ବିଧିବ୍ୟବସ୍ଥା ଅନୁଯାୟୀ ଏହି ନୀତିରେ ଅଧିକ ସେବକ ସେବା କରିଥାନ୍ତି । ପାର୍ଶ୍ୱପରିବର୍ତ୍ତନ ଏକାଦଶୀ ଦିନ ମହାପ୍ରଭୁଙ୍କର ମହାସ୍ନାନ ହୁଏ । ଘଟୁଆରୀ ସେବକ ବାସଚନ୍ଦନ ଚତୁର୍ଦ୍ଧାମୂର୍ତ୍ତିଙ୍କ ସର୍ବାଙ୍ଗରେ ଲେପନ କରନ୍ତି । ଶ୍ରୀ ମଦନ ମୋହନ ମହାପ୍ରଭୁଙ୍କ ଅଙ୍ଗରୁ ଆଜ୍ଞାମାଳ ଘେନା କରିବା ପରେ ମହାଜନ ସେବକମାନେ ମଦନ ମୋହନଙ୍କ ପ୍ରତିମାଙ୍କୁ ପାଲିଙ୍କିରେ ବସାଇ ବେଢା ପରିକ୍ରମା କରାନ୍ତି । ବେଢା ପ୍ରଦକ୍ଷିଣ ପରେ ଜୟ ବିଜୟ ଦ୍ୱାର ନିକଟରେ ବିଜେ ହୁଅନ୍ତି ଠାକୁର । ଏକାଦଶୀର ବିଶେଷ ପୂଜା ବନ୍ଦାପନା ଭୋଗ ଲାଗି ପରେ ଦକ୍ଷିଣ ଘରକୁ ପ୍ରଭୁ ଫେରିଯାଆନ୍ତି ।

ପୁଣି ସନ୍ଧ୍ୟାରେ ପୁରୋହିତ ଅଧିବାସ କରି ଆର୍ଚ୍ଚର୍ଯ୍ୟ ବ୍ରହ୍ମାବରଣ କରନ୍ତି । ହୋମଯଜ୍ଞ ପୂର୍ବକ ପ୍ରଭୁଙ୍କର କର୍ପୂର ଆଳତି ହୋଇ ଭୋଗ ଅର୍ପଣ ହୁଏ । ସମୁଦ୍ର ଘରେ ନିଦ୍ରା ଯାଇଥିବା ଶୟନ ପ୍ରତିମାଙ୍କ ନିକଟକୁ ଶିଢ଼ି ଚଢି ମୁଦିରସ୍ତ, ଖୁଣ୍ଟିଆ ଗରାବଡୁ, ତଢ଼ାଉ, ପାଳିଆ, ମେକାପ, କରଣ ସେବକ ପ୍ରମୁଖ ଯାଇଥାନ୍ତି । ସମୁଦ୍ର ଘରେ ବରୁଣଙ୍କୁ ନୈବେଦ୍ୟ ଅର୍ପଣ ହୁଏ । ଶୟନ ପେଢ଼ି ନିକଟରେ ସେବକ ପ୍ରମୁଖମାନେ ପହଞ୍ଚି ବିନମ୍ରତାର ସହ ଭଗବାନଙ୍କୁ ପ୍ରାର୍ଥନା କରନ୍ତି । ମୁଦିରସ୍ତ ଯତ୍ନର ସହ ପେଢ଼ି ଖୋଲିବା ସହ ଶୟନ ପ୍ରତିମାଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରନ୍ତି । ତା'ପରେ ମୁଦିରସ୍ତ ନିଃଶବ୍ଦରେ ଶୟନ ପ୍ରତିମାଙ୍କର ପାର୍ଶ୍ୱର ପରିବର୍ତ୍ତନ କରାନ୍ତି । ପୁଣି ନିଦ୍ରା ଦେବୀଙ୍କ କୋଳରେ ଶୋଇ ଯାଆନ୍ତି । ମହାପ୍ରଭୁ ସମୁଦ୍ର ଘର ମୁଦା ପଡ଼େ । ସେବକମାନେ ପ୍ରତ୍ୟାବର୍ତ୍ତନ କରନ୍ତି ।

ପ୍ରତ୍ୟେକ ବଡ଼ ଏକାଦଶୀ ପରି ପାର୍ଶ୍ୱପରିବର୍ତ୍ତନ ଏକାଦଶୀରେ ମହାଦୀପ ମନ୍ଦିର ଶିଖରକୁ ଉଠିଥାଏ । ଭକ୍ତମାନେ ଉର୍ଦ୍ଧ୍ୱବାହୁ ହୋଇ ମଣିମା ମଣିମା ଡାକ ଦେଉଥାନ୍ତି । ବଡ଼ ଏକାଦଶୀରେ ମହାଦୀପ ଦର୍ଶନ କଲେ ମାନବ ଜୀବନ ଧନ୍ୟ ହେବା ସହ କୋଟି ପରମାର୍ଥ ଲାଭ ହୁଏ । ମାନବୀୟ ଲୀଳା ସଂପାଦନ କରୁଥିବା ଲୀଳାମୟ ଅନନ୍ତ ପୁରୁଷୋତ୍ତମ ନିଦ୍ରା ଯାଇଥିଲେ ବି ସିଏ ଚିର ବିନିଦ୍ର । ମହାବାହୁ ଆଖି ବୁଝିଲେ ସତରେ କ'ଣ ଏ ଧରା ରହିବ ? ଭକ୍ତ ମନ ବୁଝିବାକୁ ମାନବୀୟ ଲୀଳା କରୁଥିବା ଜଗତଠାକୁର ନିଦ୍ରିତ ନୟନରେ ଅପଲକ ଚାହାଣୀରେ ସାରା ବିଶ୍ୱକୁ ଧ୍ୟାନରେ ରଖିଥାନ୍ତି । ଧନ୍ୟ ସେ ମହାପ୍ରଭୁ, ଆଉ ଧନ୍ୟ ତାଙ୍କର ଲୀଳା ।

# ପାର୍ବଣରେ ବିପଦ ଆଣିପାରେ 'ଆସ୍ଥମା' : ସ୍ୱାସ୍ଥ୍ୟ ବିଶେଷଜ୍ଞ

'ଆସ୍ଥମା' ଏକ ଗୁରୁତର ଏବଂ ବିପଜ୍ଜନକ ରୋଗ, ଏହା ଫୁସଫୁସ୍ ଜନିତ ରୋଗ ଅଟେ । ବିଶେଷ କରି ପାର୍ବଣ ସମୟରେ ଅଧିକ ଶ୍ୱାସ ରୋଗ ପ୍ରତି ବିପଦ ସୃଷ୍ଟି ହୋଇପାରେ । ଏହି ସମୟରେ ଶ୍ୱାସ ରୋଗୀମାନେ ସୁରକ୍ଷିତ ଏବଂ ସତର୍କ ରହିବା ଆବଶ୍ୟକ । ବାୟୁ ପ୍ରଦୂଷଣ ଶ୍ୱାସ ରୋଗର ପ୍ରମୁଖ କାରଣ ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି । ଭୁବନେଶ୍ୱରରେ ଗାଡି ମଟରରୁ ନିର୍ଗତ ଧୂଆଁ, ଶିଳ୍ପ ପ୍ରଦୂଷଣ, ନିର୍ମାଣଧୀନ କୋଠାର ଧୂଳି ଯୋଗୁଁ ଦିନକୁ ଦିନ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଥିବା ବେଳେ ଏହା ଶ୍ୱାସ ରୋଗଜନ୍ମ ହୋଇଥାଏ ।

ତେବେ ୟୁନିଟ ୩ ଅଞ୍ଚଳର ସାଗର ମହାନ୍ତି କହିଛନ୍ତି ଯେ, 'ସେ ଦୀର୍ଘ ୧୦ ବର୍ଷ ହେଲା ଶ୍ୱାସ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ଯେତେବେଳେ ଔଷଧ ଖାଉଛନ୍ତି ସେହି ସମୟରେ ରୋଗରୁ ମୁକ୍ତି ପାଉଛନ୍ତି, କିନ୍ତୁ ଶ୍ୱାସ ରୋଗରେ ପୀଡ଼ିତ ରହିଥାନ୍ତି । ବିଶେଷ କରି ଶୀତଦିନ ଓ ପର୍ବ ପର୍ବାଣୀ ଗୁଡ଼ିକରେ ଅଧିକ ଶ୍ୱାସ ଜନିତ ସମସ୍ୟା ଦେଖାଯାଇଥାଏ । ଯାହାଫଳରେ ଘରୁ ବାହାରିବା ସମୟରେ ନିଜେ ସତର୍କ ରହିବାକୁ ପଡୁଛି । ବିଶେଷ କରି ଦୁର୍ଗାପୂଜା ରାବଣ ପୋଡି ସମୟରେ ଭସାଣି ସମେତ ସହରରେ ଯେତେବେଳେ ରାସ୍ତା କାମ ହୁଏ, ସେତେବେଳେ ଅନେକ ସମସ୍ୟା ଦେଖାଯାଇଥାଏ ।' ସେହିପରି ୟୁନିଟ-୩ ଅଞ୍ଚଳର ଉର୍ମିଳା ମହାନ୍ତି କହିଛନ୍ତି, 'ତାଙ୍କର ମଧ୍ୟ ୩-୪ ବର୍ଷ ହେଲା ଶ୍ୱାସ ରୋଗ ରହିଛି । ତେବେ ଯେତେବେଳେ ଘରୁ ବାହାରନ୍ତି ସେହି ସମୟରେ ମାସ୍କ ପିନ୍ଧିବା ସହିତ ଭିଡ଼ ସ୍ଥାନକୁ ବିଶେଷକରି ଏଡାଇଥାନ୍ତି । କ୍ୟାପିଟାଲ ହସ୍ପିଟାଲରେ ଶ୍ୱାସ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଭାବରେ କ୍ରୋନିକ୍ ଅବ୍‌ଷ୍ଟ୍ରକଟିଭ୍ ପଲ୍‌ମୋନାରୀ ଡିଜିଜ୍ (ସିଓପିଡି) ଓ୍ୱାର୍ଡ ରହିଛି । ଯେଉଁଠି ବିଭିନ୍ନ ପ୍ରକାରର ହୃଦ ରୋଗ ସଂକ୍ରାନ୍ତୀୟ ରୋଗର ଚିକିତ୍ସା କରାଯାଇଥାଏ । ବିଶେଷ କରି ଶୀତ ଦିନ ପୂର୍ବରୁ ଅଧିକ ମାତ୍ରାରେ ଶ୍ୱାସ ରୋଗୀମାନେ ଡାକ୍ତରଙ୍କ ପରାମର୍ଶ ପାଇଁ କ୍ୟାପିଟାଲ ହସ୍ପିଟାଲ ଆସିଥାନ୍ତି ।' ଏନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞ ନିରଜ ମିଶ୍ର କହିଛନ୍ତି, 'ଭାରତର ସମୁଦାୟ ଜନସଂଖ୍ୟାରୁ ପାଖାପାଖି ୬ପ୍ରତିଶତ ଶିଶୁ ଓ ୨ ପ୍ରତିଶତ ବୟସ୍କ ଲୋକ ଶ୍ୱାସ ରୋଗରେ ପୀଡିତ ହୋଇଥାନ୍ତି । ଶୋଇବା ଏବଂ ଅନ୍ୟାନ୍ୟ ଶାରୀରିକ କାର୍ଯ୍ୟକଳାପରେ ଅବହେଳା ହେତୁ ଏହି ସବୁ ସମସ୍ୟା ଅଧିକ ମାତ୍ରାରେ ଦେଖାଯାଇଥାଏ । ଶ୍ୱାସ ରୋଗର ସବୁଠାରୁ ବଡ କାରଣ ହେଉଛି ପାଣିପାଗରେ ପରିବର୍ତ୍ତନ, ଧୂଳି ଉଡିବା, ମାଟି, ପ୍ରଦୂଷଣ ଏବଂ ଧୂଆଁ ଆଦିରୁ ହିଁ ଦେଖାଯାଇଥାଏ ଶ୍ୱାସ ରୋଗ । ଏହି ରୋଗ ହେଲେ କାଶ, ମୁଣ୍ଡ ବିନ୍ଧିବା, ନିଶ୍ୱାସ ପ୍ରଶ୍ୱାସରେ ସମସ୍ୟା ହେବା ସହିତ ଛାତି ଟାଣି ହେବା ସହ ଯନ୍ତ୍ରଣା ମଧ୍ୟ ସୃଷ୍ଟି ହେଲା ଭଳି ଲକ୍ଷଣ ଦେଖାଯାଇଥାଏ ।'

ଶ୍ୱାସ ରୋଗର ଲକ୍ଷଣ : ବାରମ୍ବାର ଶୁଖିଲା କାଶ ହେବା, ଅନେକ ସମୟରେ ଅଣନିଶ୍ୱାସୀ ଲାଗିବା, ଥଣ୍ଡା ସର୍ଦ୍ଦି ହେଲେ ଅଧିକ ମାତ୍ରାରେ ଧଇଁସଇଁ ଲାଗିବା, ଅଧିକ ଧୂଳି ସଂସ୍ପର୍ଶରେ ଆସିଲେ ଧଇଁସଇଁ ହେବା । ରୋଗର ନିରାକରଣ ରହିଛି ଯେ, ୧) ଧୂମ୍ରପାନ ଠାରୁ ଦୂରେଇ ରହିବା ଆବଶ୍ୟକ । ୨) ଆଲର୍ଜି ହେଉଥିବା ଖାଦ୍ୟ ନ ଖାଇବା ଭଲ । ୩) ବ୍ୟାୟାମ କରିବା ଯୋଗୁଁ ଆସ୍ଥମା ହେଉଥିଲେ କମ୍ ସମୟ ଧରି ବ୍ୟାୟାମ କରିବା ଆବଶ୍ୟକ । ୪) ଧୂଳିକଣା କାରଣରୁ ଯଦି ଆଲର୍ଜି ହେଉଛି ତେବେ ଘରକୁ ଭଲ ଭାବରେ ସଫା ରଖିବା ଆବଶ୍ୟକ । ତକିଆ, ବେଡ୍‌ସିଟ୍ ଆଦି ସଫା ରଖିବା ଆବଶ୍ୟକ । ଡାକ୍ତରଙ୍କ ପରାମର୍ଶ କ୍ରମେ ନିର୍ଦ୍ଦିଷ୍ଟ ଔଷଧକୁ ବ୍ୟବହାର କରିବା ଆବଶ୍ୟକ । ଅନ୍ୟପଟେ ଯଦି ଆସ୍ଥମା ନିୟନ୍ତ୍ରଣ ପାଇଁ ସାଧାରଣତ ଇନ୍‌ହେଲର ଦିଆଯାଏ । ତେବେ ଡାକ୍ତରଙ୍କ ପରାମର୍ଶ କ୍ରମେ ବ୍ୟବହାର କରିବା ଆବଶ୍ୟକ । ଯଦି ଅଧିକ ମାତ୍ରାରେ ଧଇଁସଇଁ ଲାଗୁଛି କିମ୍ବା ନିଶ୍ୱାସ ନେଲା ବେଳେ କଷ୍ଟ ହେଉଛି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ । ଶ୍ୱାସ ରୋଗ ହେଉଛି ବାୟୁ ଜନିତ ରୋଗ । ବିଶେଷ କରି ଏହା ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତିମାନଙ୍କୁ ଆକ୍ରାନ୍ତ କରିବାର ସମ୍ଭାବନା ଅଧିକ ରହିଥାଏ । ବିଶେଷ ଭାବେ ୩୦ ବର୍ଷ ବୟସ ମଧ୍ୟରେ ଆସ୍ଥମା ଅଧିକ ଦେଖାଯାଇଥାଏ । ଛୋଟ ପିଲାଙ୍କୁ ମଧ୍ୟ ହୋଇଥାଏ ଶ୍ୱାସରୋଗ ଦେଖାଯାଇଥାଏ । ଯଦିଓ ତାହା ଗୁରୁତର ହୋଇନଥାଏ ତଥାପି ବୟସ ବଢିବା ସଙ୍ଗେ ସଙ୍ଗେ ଏହା ବଢିବାର ସମ୍ଭାବନା ରହିଛି ।

# ଅଧିକ ଲୁଣ ଖାଇଲେ ହୃଦଘାତ ଏବଂ ଷ୍ଟ୍ରୋକ ହେବାର ଆଶଙ୍କା



ଖାଦ୍ୟରେ କମ କିମ୍ବା ଅଧିକ ଲୁଣ ଥିଲେ, ତାହା ଖାଦ୍ୟର ସ୍ୱାଦକୁ ନଷ୍ଟ କରିଦିଏ । ଏଭଳି ପରିସ୍ଥିତିରେ ଭାରତୀୟ ଲୋକମାନେ ଲୁଣ ସହ କୌଣସି ବୁଝାମଣା କରନ୍ତି ନାହିଁ । ଭାରତରେ ଲୁଣ ବ୍ୟବହାର ଅଧିକ ହୋଇଥାଏ । ନିକଟରେ ନେଚର ପୋର୍ଟଫୋଲିଓରେ ପ୍ରକାଶିତ ଏକ ଅଧ୍ୟୟନରୁ ଜଣାପଡିଛି ଯେ, ଭାରତୀୟମାନେ ଦିନକୁ ୮ ଗ୍ରାମ ଲୁଣ ଖାଉଛନ୍ତି, କିନ୍ତୁ ଜଣେ ବ୍ୟକ୍ତିକୁ ୫ ଗ୍ରାମ ଲୁଣ ଖାଇବା ଉଚିତ ।

ଦୈନିକ ଲୁଣ ଗ୍ରହଣକୁ ଆକଳନ କରିବା ପାଇଁ ଏକ ବିଶ୍ୱସ୍ତରୀୟ ମାନକ ସୂତ୍ର ବ୍ୟବହୃତ ହୋଇଥିଲା । ଅଧ୍ୟୟନରେ କ'ଣ ପ୍ରକାଶ ପାଇଲା ଆସନ୍ତୁ ଜାଣିବା । ଅଧିକ ଲୁଣ ଖାଇବାର ବିପଦ :-ଜଣେ ବ୍ୟକ୍ତିକୁ ଦିନରେ ୫ ଗ୍ରାମ ଲୁଣ ଆବଶ୍ୟକ । ଯଦି ଲୁଣ ସଠିକ ପରିମାଣରେ ଖିଆଯାଏ, ତେବେ ଏହା ସ୍ନାୟୁ ଏବଂ ମାଂସପେଶୀକୁ ସଠିକ ଭାବରେ କାମ କରିବାରେ ସାହାଯ୍ୟ କରେ । ବାସ୍ତବରେ, ସୋଡିୟମ ଲୁଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ତେଣୁ ଅଧିକ ଲୁଣ ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପର ସମସ୍ୟା ହୋଇପାରେ । ଏହା ବ୍ୟତୀତ ହୃଦଘାତ ଏବଂ ଷ୍ଟ୍ରୋକ ହେବାର ଆଶଙ୍କା ମଧ୍ୟ ରହିଛି । ଆଜିକାଲି ବଜାରରେ କମ ସୋଡିୟମ ଲୁଣ ଉପଲବ୍ଧ । କିନ୍ତୁ ଏଥିରେ ଅଧିକ ପୋଟାସିୟମ ରହିଛି । ଏହା ଏକ ସୁସ୍ଥ ବ୍ୟକ୍ତି ପାଇଁ ଭଲ । କିନ୍ତୁ ମଧୁମେହ, ହୃଦ୍‌ରୋଗ ଏବଂ ବୃକକ୍ ରୋଗରେ ପୀଡିତ ଲୋକଙ୍କ ପାଇଁ ଏହା ବିପଜ୍ଜନକ ପ୍ରମାଣିତ ହୋଇପାରେ ।

ଅଧ୍ୟୟନରୁ କ'ଣ ହୋଇଛି ଖୁଲାସା :- ଅଧ୍ୟୟନ ଅନୁଯାୟୀ, ସମସ୍ତ ବୟସ୍କମାନେ ଅଧିକ ଲୁଣ ଖାଉଥିବା ଦେଖିବାକୁ ମିଳିଛି । ଯାହା ଦର୍ଶାଇଲା ଯେ ପୁରୁଷଙ୍କ ମଧ୍ୟରେ ଲୁଣ ଗ୍ରହଣ ଦିନକୁ ୮.୯ ଗ୍ରାମ ଥିବା ବେଳେ ମହିଳାଙ୍କର ୭.୯ ଗ୍ରାମ ଅଧିକ ଥିଲା । ଏହା ବ୍ୟତୀତ ବେରୋଜଗାରୀଙ୍କ ତୁଳନାରେ ଚାକିରିଆଙ୍କଠାରେ (୮.୬ ଗ୍ରାମ) ଅଧିକ ଲୁଣ ଖାଉଥିବା ଦେଖିବାକୁ ମିଳିଛି ।

# ଷ୍ଟ୍ରୋକ ଏବଂ ଥକାପଣ ପାଇଁ ବେଶ୍ ଲାଭଦାୟକ ଲବଙ୍ଗ

ସ୍ୱାସ୍ଥ୍ୟ ପାଇଁ ବେଶ ଲାଭକାରୀ ଲବଙ୍ଗ । ପ୍ରତ୍ୟେକ ରୋଷେଇ ଘରେ ସହଜରେ ମିଳିଯାଇଥାଏ ଲବଙ୍ଗ । ଆୟୁର୍ବେଦରେ ମଧ୍ୟ ଲବଙ୍ଗର ବେଶ୍ ଗୁରୁତ୍ୱ ରହିଛି । ଯାହା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦୂର କରିପାରିବ । ଲବଙ୍ଗରେ ପ୍ରୋଟିନ୍, ଆଇରନ୍, କାର୍ବୋହାଇଡ୍ରେଟ୍, କ୍ୟାଲସିୟମ ଏବଂ ସୋଡିୟମ ଏସିଡ ଭରପୂର ରହିଛି । ଲବଙ୍ଗ ଥଣ୍ଡା, ଉତ୍ତାପ ଷ୍ଟ୍ରୋକ ଏବଂ ଥକାପଣ ପାଇଁ ବେଶ୍ ଲାଭଦାୟକ । ଲବଙ୍ଗ ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ । ଯେଉଁକାରଣରୁ କୋଷ୍ଠକାଠିନ୍ୟ ପରି ହଜମ ପ୍ରକ୍ରିୟାକୁ ରୋକିଥାଏ । ପ୍ରତିଦିନ ୨ ଟି ଲବଙ୍ଗ ଖାଇବା ଆବଶ୍ୟକ । ଏହା ମଧୁମେହକୁ ନିୟନ୍ତ୍ରଣରେ ରଖେ । ସି ଏବଂ କିଛି ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯାହା ଶରୀରରେ ଶ୍ୱେତ ରକ୍ତ କଣିକା ବଢାଇଥାଏ ଏବଂ କୋଷଗୁଡ଼ିକ ଶରୀରର ରୋଗ ବିରୁଦ୍ଧରେ ଲଢିବା ପାଇଁ କାର୍ଯ୍ୟ କରନ୍ତି । ଲବଙ୍ଗ ଖାଇବା ଦ୍ୱାରା ହାଡର ଘନତା ବୃଦ୍ଧି ହୋଇଥାଏ । ଲବଙ୍ଗରେ କ୍ୟାଲସିୟମ, ଆଇରନ୍, ମ୍ୟାଗ୍ନେସିୟମ୍, ଫସଫରସ୍, ପୋଟାସିୟମ୍, ସୋଡିୟମ ଏବଂ ଜିଙ୍କ ପରି ଖଣିଜ ପଦାର୍ଥ ରହିଥାଏ । ଲବଙ୍ଗର ନିୟମିତ ବ୍ୟବହାର ଦ୍ୱାରା ଯୌନ ସମସ୍ୟାରୁ ମୁକ୍ତି ମିଳିଥାଏ । ଲବଙ୍ଗକୁ ନିୟମିତ ଖାଇବା ଦ୍ୱାରା ଷ୍ଟାମିନା ବୃଦ୍ଧି ହୋଇଥାଏ । ରାତିରେ ଶୋଇବା ପୂର୍ବରୁ ଲବଙ୍ଗ ଖାଇଲେ କୋଷ୍ଠକାଠିନ୍ୟ, ଝାଡ଼ା, ଅମ୍ଳତା ଇତ୍ୟାଦି ସମସ୍ୟାରୁ ମୁକ୍ତି ଦେଇଥାଏ । ଏଥିପାଇଁ ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ୨ଟି ଲବଙ୍ଗ ଖାଆନ୍ତୁ ।





# ଆଗାମୀ କିଛି ବର୍ଷରେ ଭାରତର ହଜାର ହଜାର ଲୋକ ହୋଇଯିବେ ଅନ୍ଧ !

ମଣିଷ ଶରୀରର ଜରୁରି ଅଙ୍ଗ ମଧ୍ୟରେ ଆଖି ଅନ୍ୟତମ । ଯଦି ନେତ୍ରରୁ ଜ୍ୟୋତି ଚାଲିଯିବ ପରବର୍ତ୍ତି ଜୀବନର କଳ୍ପନା କରିବାକୁ ବି ଡର ଲାଗେ । ହେଲେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଭାରତର ଲକ୍ଷଲକ୍ଷ ଲୋକଙ୍କ ଆଖି ଏବେ ସଂକଟରେ । ଦେଶରେ ଆଖିର ଜଟିଳରୁ ଜଟିଳ ରୋଗର ଚିକିତ୍ସା ପାଇଁ ହସ୍ପିଟାଲର ଦୀର୍ଘ ଶୃଙ୍ଖଳ ରହିଛି, ଏହା ସତ୍ତ୍ୱେ ଆଗାମୀ କିଛି ବର୍ଷରେ ଲକ୍ଷଲକ୍ଷ ଲୋକ ଅନ୍ଧ ହୋଇ ବୁଲିବେ । ଯଦି ପରିସ୍ଥିତି ଏପରି ରହିଲା ଦେଶରେ ଚିକିତ୍ସା ସୁବିଧା ଥାଇ ମଧ୍ୟ ଏହି ଲୋକେ ଆଉ ଆଖିର ଜ୍ୟୋତି ଫେରିପାଇବେନି । ଦେଶରେ ନେତ୍ର ରୋଗର ସବୁଠୁ ବଡ଼ ହସ୍ପିଟାଲ ଚେନ୍ ଏଲ.ଭି ପ୍ରସାଦ ଆଇ ଇନିଷ୍ଟିଚ୍ୟୁଟର ସଂସ୍ଥାପକ ଡା. ଗୁଲ୍ଲାପଲ୍ଲୀ ନାଗେଶ୍ୱର ରାଓ କହିଛନ୍ତି ଯେ ଭାରତରେ କାର୍ଣ୍ଣିୟା ଟ୍ରାନ୍ସପ୍ଲାଣ୍ଟର ଗୁରୁତର ଅଭାବ ରହିଛି । ରୋଗୀଙ୍କ ସଂଖ୍ୟା ଓ ଟ୍ରାନ୍ସପ୍ଲାଣ୍ଟେସନର ସୁବିଧାରେ ଏହି ଖାଇ ଲଗାତାର ବଢିବାରେ ଲାଗିଛି । ଏଣୁ ଦେଶରେ ନେତ୍ର ଚିକିତ୍ସା ସୁବିଧା ଉପଲବ୍ଧ ଥାଇ ମଧ୍ୟ ଅନେକ ଲୋକ ଆଖିର ଜ୍ୟୋତି ଫେରି ପାଇ ପାରୁ ନାହାନ୍ତି । ଡା.ରାଓଙ୍କ ଅନୁସାରେ ଭାରତରେ ପ୍ରତ୍ୟେକ ବର୍ଷ ପ୍ରାୟ ୧ ଲକ୍ଷ ଲୋକଙ୍କୁ କାର୍ଣ୍ଣିୟା ଟ୍ରାନ୍ସପ୍ଲାଣ୍ଟର ଆବଶ୍ୟକତା ପଡୁଛି । ହେଲେ ଦେଶର ହେଲଥ୍ କେୟାର କ୍ୟାପାସିଟିରେ ଏପର୍ଯ୍ୟନ୍ତ ମାତ୍ର ୩୦ ହଜାର ଟ୍ରାନ୍ସପ୍ଲାଣ୍ଟର ବ୍ୟବସ୍ଥା ହୋଇ ପାରୁଛି । ଏଣୁ ପ୍ରତି ବର୍ଷ ପ୍ରାୟ ୭୦ ହଜାର ଲୋକ ଚିକିତ୍ସା ସୁବିଧା ଥାଇ ମଧ୍ୟ କାର୍ଣ୍ଣିୟା ଟ୍ରାନ୍ସପ୍ଲାଣ୍ଟ କରି ନ ପାରି ଅନ୍ଧ ହୋଇ ରହୁଛନ୍ତି । ଅନେକ କାରଣରୁ ଲୋକେ ଦୃଷ୍ଟି ଶକ୍ତି ହରାନ୍ତି ତେବେ କେବଳ ଗୋଟିଏ କାରଣ କାର୍ଣ୍ଣିୟା ଟ୍ରାନ୍ସପ୍ଲାଣ୍ଟ ନ ହୋଇ ପାରିବା କାରଣରୁ ଅନ୍ଧତ୍ୱର ବଡ଼ କାରଣ ହୋଇ ଉଭା ହୋଇଛି । ଯାହା ଭାବିବାକୁ ବି ଏବେ ଡର ଲାଗୁଛି । ଡା. ରାଓ କହିଛନ୍ତି ଯେ କେନ୍ଦ୍ର, ରାଜ୍ୟ ସରକାରଙ୍କ ସମେତ ପ୍ରାଇଭେଟ ହେଲଥ କେୟାର ସିଷ୍ଟମକୁ ମଧ୍ୟ ଏ ବାବଦେ ଚିନ୍ତା କରିବାକୁ ହେବ । ୨୦୩୦ ମସିହା ସୁଧା ଦେଶରେ କାର୍ଣ୍ଣିୟା ଟ୍ରାନ୍ସପ୍ଲାଣ୍ଟ ସୁବିଧାକୁ ୩୦ ହଜାରରୁ ବଢାଇ ୬୦ ହଜାର କରିବାକୁ ପଡିବ । ସେହିପରି ଦେଶରେ ଅନ୍ତର୍ଜାତୀୟ ମାନକ ପୂରଣ କରୁଥିବା ୫୦ଟି ଆଇ ବ୍ୟାଙ୍କ ମଧ୍ୟ ଖୋଲିବାକୁ ପଡିବ । ଏହା ଛଡା ୫୦୦ ଅପଥେଲ୍ମିକ ସର୍ଜନଙ୍କୁ ବି ଏହି ସର୍ଜରୀ ପାଇଁ ପ୍ରଶିକ୍ଷିତ କରିବାକୁ ହେବ, ତେବେ ଯାଇ ଏହି ଲକ୍ଷ ହାସଲ ହୋଇ ପାରିବ । ଉଲ୍ଲେଖଯୋଗ୍ୟ ଯେ ଏଲ.ଭି ପ୍ରସାଦ ଆଇ ଇନିଷ୍ଟିଚ୍ୟୁଟ୍ ଅଗଷ୍ଟ ୨୦୨୪ରେ ୫୦ ହଜାର କର୍ଣ୍ଣିୟଲ ଟ୍ରାନ୍ସପ୍ଲାଣ୍ଟ ପୂରଣ କରି ଦେଶରେ ନୂଆ କିର୍ତ୍ତିମାନ ସ୍ଥାପନା କରିଛି । ଏଥିରେ ଇନିଷ୍ଟିଚ୍ୟୁଟ୍ ୫୦ ପ୍ରତିଶତ ଟ୍ରାନ୍ସପ୍ଲାଣ୍ଟ ସମ୍ପୂର୍ଣ୍ଣ ମାଗଣାରେ କରିଛି ।

# ଏବେ ଆଗୁଆ ଜାଣିହେବ ମୃତ୍ୟୁ ତାରିଖ

ମଣିଷ କେବେ ଜନ୍ମ ନେବ କିମ୍ବା କେବେ ତା'ର ମୃତ୍ୟୁ ହେବ ତାହା କେହି କହିପାରନ୍ତିନି । କିନ୍ତୁ, ବର୍ତ୍ତମାନ ଏଆଇ ଯୁଗରେ ଭବିଷ୍ୟତ ଦେଖିବା ବି ସମ୍ଭବପର ହୋଇଛି । ଏହି ନୂଆ ଡିଭାଇସ୍ ସାହାଯ୍ୟରେ ଆପଣ ଜାଣିପାରିବେ ନିଜ ମୃତ୍ୟୁ ଦିନର ତାରିଖ ! ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି କି ? କିନ୍ତୁ, ଏହା ସମ୍ପୂର୍ଣ୍ଣ ସତ । ଏକ ରିସର୍ଚ୍ଚରେ ଅନୁସନ୍ଧାନକାରୀ ଟିମ୍ ବିକଶିତ କରିଛନ୍ତି ଏଆଇ-ସଞ୍ଚାଳିତ ମୃତ୍ୟୁହାର କାଲକୁଲେଟର । ୟୁକେର ଡାକ୍ତରଖାନାରେ ହେବ ଏହାର ଲାଇଭ୍ ଟେଷ୍ଟ । ଲାନସେଟ୍ ଡିଜିଟାଲ୍ ସ୍ୱାସ୍ଥ୍ୟରେ ପ୍ରକାଶ ପାଇଛି ଏହି ରିପୋର୍ଟ । ଏଣିକି ମୃତ୍ୟୁ ପୂର୍ବରୁ ଜାଣିପାରିବେ ନିଜ ମୃତ୍ୟୁ ତାରିଖ ! ରିସର୍ଚ୍ଚରେ ଅନୁସନ୍ଧାନକାରୀ ଟିମ୍ ବିକଶିତ କରିଛନ୍ତି ଏକ ଏଆଇ-ସଞ୍ଚାଳିତ ମୃତ୍ୟୁହାର କାଲକୁଲେଟର । ଆପଣ କେବେ ମରିବେ ଏବଂ ମୃତ୍ୟୁ ଆପଣଙ୍କର କେତେ ନିକଟତର, ଏହି କାଲକୁଲେଟର ଆପଣଙ୍କୁ କହିପାରିବ । ଲାନସେଟ୍ ଡିଜିଟାଲ୍ ସ୍ୱାସ୍ଥ୍ୟରେ ପ୍ରକାଶିତ ଏହି ଅଧ୍ୟୟନରେ ଦର୍ଶାଯାଇଛି ଯେ, ଏଆଇ ଚାଳିତ ଇଲେକ୍ଟ୍ରୋକାର୍ଡିଓଗ୍ରାମ (ECG) ଜଣେ ବ୍ୟକ୍ତିଙ୍କ ଭବିଷ୍ୟତର ସ୍ୱାସ୍ଥ୍ୟ ସମସ୍ୟା ଏବଂ ମୃତ୍ୟୁ ହେବାର ଆଶଙ୍କାର ପୂର୍ବାନୁମାନ କରିବାରେ ସାହାଯ୍ୟ କରିଥାଏ । କିନ୍ତୁ, ତାହାର ବ୍ୟବହାର ଏ ପର୍ଯ୍ୟନ୍ତ ଦୈନନ୍ଦିନ ଚିକିତ୍ସା ବ୍ୟବହୃତ ହୋଇନାହିଁ । ଲାନସେଟ୍ ଅନୁସନ୍ଧାନକାରୀମାନେ ଏଆଇ-ଇସିଜି ରିସ୍କ ଏଷ୍ଟିମେଟର୍ (AIRE) ନାମକ ଏକ ନୂତନ ଉପକରଣ ତିଆରି କରିଛନ୍ତି । ତେବେ ମୃତ୍ୟୁର ଭବିଷ୍ୟବାଣୀ କରିବା ବ୍ୟତୀତ ଏହା ଭବିଷ୍ୟତରେ ହେବାକୁ ଥିବା ହୃଦ୍‌ଘାତର ମଧ୍ୟ ପୂର୍ବାନୁମାନ କରିପାରିବ । ଯେଉଁମାନଙ୍କର ହୃଦ୍‌ସ୍ପନ୍ଦନ ହଠାତ୍ ବନ୍ଦ ହୋଇଯାଏ, ଏଭଳି ସ୍ଥିତିରେ ୮ରୁ ୧୦ଟି ସ୍ୱାସ୍ଥ୍ୟ ମାମଲାରେ ପ୍ରାରମ୍ଭିକ ମୃତ୍ୟୁ ହୋଇଥାଏ । ଅନୁସନ୍ଧାନକାରୀଙ୍କ କହିବାନୁସାରେ, ଏଆଇ-ଇସିଜି ରିସ୍କ ଏଷ୍ଟିମେଟର (AIRE) ପ୍ଲାଟଫର୍ମର ବିକାଶ କରି ହୃଦ୍ ସମସ୍ୟାର ପୂର୍ବ ସୂଚନା ଦେଇପାରିବେ । ବ୍ରିଟେନର ସ୍ୱାସ୍ଥ୍ୟ ଏଜେନ୍ସି ଜାତୀୟ ସ୍ୱାସ୍ଥ୍ୟ ସେବା ଅଧୀନରେ ଥିବା ଦୁଇଟି ଡାକ୍ତରଖାନା ୨୦୨୫ରେ ପ୍ରଥମ ଥର ପାଇଁ ଏହି ଟେକ୍ନୋଲୋଜିର ପରୀକ୍ଷା କରିବାକୁ ଯାଉଛି । ଏହା ପାଞ୍ଚ ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟସେବାରେ ବ୍ୟବହୃତ ହେବ ବୋଲି ବିଶେଷଜ୍ଞମାନେ ଆଶା କରୁଛନ୍ତି ।

## ଆଜି ଭାରତ-ୟୁଏଇ ମୁକାବିଲା

# ଏସିଆ କପ୍ ପାଇଁ ଭାରତର ପ୍ଲେଇଂ ଇଲେଭେନ



**ମୁମ୍ବାଇ**

ଟିମ୍ ଇଣ୍ଡିଆ ଟୁର୍ଣ୍ଣାମେଣ୍ଟରେ ନିଜର ପ୍ରଥମ ମ୍ୟାଚ୍ ବୁଧବାର ୟୁଏଇ ସହିତ ଖେଳିବ। ଲିଗ୍ ଷ୍ଟେଜ୍‌ରେ ଭାରତୀୟ ଟିମ୍ ୟୁଏଇ, ପାକିସ୍ତାନ ଏବଂ ଓମାନରେ ଭେଟିବ। ଏସିଆ କପରେ ଭାରତର ପ୍ଲେଇଂ ଇଲେଭେନକୁ ନେଇ ବଡ଼ ସୂଚନା ସାମ୍ନାକୁ ଆସିଛି।

ୟୁଏଇ ବିପକ୍ଷ ମ୍ୟାଚ୍‌ରେ ଚାଇନାମ୍ୟାନ ସ୍ପିନର କୁଲଦୀପ ଯାଦବ, ଫିନିଶର ରିଙ୍କୁ ସିଂହ ଏବଂ ୱିକେଟକିପର ବ୍ୟାଟର ସଞ୍ଜୁ ସାମସନ ପ୍ଲେଇଂ ଇଲେଭେନର ଭାଗିଦାରୀ ହେବେ ନାହିଁ। ଏହାସହ ହର୍ଷିତ ରାଣାଙ୍କୁ ବି ସୁଯୋଗ ମିଳିବ ନାହିଁ। ଉପଅଧିନାୟକ ଶୁଭମନ ଗିଲ୍ ଏବଂ ଟି-୨୦ର ନମ୍ବର-୧ ବ୍ୟାଟର ଅଭିଷେକ ଶର୍ମା ପାଳିର ଆରମ୍ଭ କରିବେ। ଏହାପରେ ୩ନମ୍ବରରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଖେଳୁଥିବାର ଦେଖାଯିବେ। ୪ନମ୍ବରରେ ଟି-୨୦ର ନମ୍ବର - ୨ବ୍ୟାଟର ତିଳକ ବର୍ମାଙ୍କୁ ସୁଯୋଗ ମିଳିବ। ଏହାପରେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଆକ୍ସନରେ ଦେଖାଯିବେ। ଅନ୍ୟପଟେ ଏହି ନମ୍ବରରେ କେବେ କେବେ ଅକ୍ଷର ପଟେଲ ବି ଖେଳୁଥିବାର ଦେଖାଯାଇ ପାରନ୍ତି। ଶିବମ ଦୁବେଙ୍କୁ ଅନ୍ତିମ ସ୍ଥାନରେ ସ୍ଥାନ ଦିଆଯାଉଛି। ରିଙ୍କୁ ସିଂହଙ୍କ ତୁଳନାରେ ଦୁବେଙ୍କୁ ପ୍ରାଥମିକତା ଦିଆଯାଇଛି। ସେହିଭଳି ସେ ୬ ନମ୍ବରରେ ଖେଳୁଥିବା ଦେଖାଯିବେ। ଯଦି ଅକ୍ଷରଙ୍କୁ ପ୍ରମୋଟ କରାଯିବ ତ ପୁଣି ଦୁବେ ୭ନମ୍ବରରେ ବି ଖେଳିପାରନ୍ତି। ଦୁବେଙ୍କ ମୁଖ୍ୟ ଭୂମିକା ବିପକ୍ଷ ଟିମ୍‌ର ସ୍ପିନର୍ସ ଉପରେ ଆକ୍ରମଣ କରିବାକୁ ରହିବ। ୱିକେଟ କିପର ଜିତେଶ ଶର୍ମାଙ୍କୁ ବି ପ୍ଲେଇଂ ଇଲେଭେନରେ ସ୍ଥାନ ଦିଆ ଯାଇଛି। ଜିତେଶ ଦ୍ରୁତଗତିରେ ରନ୍ କରିବାରେ ମାହିର ଅଟନ୍ତି। ଟିମ୍ ଇଣ୍ଡିଆରେ ତାଙ୍କର ଏହି ଭୂମିକା ରହିବ।

ବୋଲିଂରେ ବରୁଣ ଚକ୍ରବର୍ତ୍ତୀ, ଜସପ୍ରୀତ ବୁମ୍‌ରା ଏବଂ ଅର୍ଶଦୀପ ସିଂହ ଅଛନ୍ତି। ଏହି ୩ଜଣଙ୍କ ସହ ଉଭୟଙ୍କ ଲାଗି ଅକ୍ଷର ପଟେଲ, ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଶିବମ ଦୁବେ ବି ଅଛନ୍ତି। ଭାରତର ପ୍ଲେଇଂ ଇଲେଭେନ ଦେଖାଯିବ ତ ବ୍ୟାଟିଂରେ ବହୁ ଦୃଢ଼ତା ଅଛି। ୮ନମ୍ବର ପର୍ଯ୍ୟନ୍ତ ଟିମ୍‌ରେ ବିଶ୍ୱସନୀୟ ବ୍ୟାଟର ଅଛନ୍ତି। ବୋଲିଂରେ ବି ବହୁ ଦମଦାର୍ ରହିଛି।

## ଶୁଭମନ ଗିଲ୍ ଭାରତର ନୂଆ ଦିନିକିଆ ଅଧିନାୟକ !



**ମୁମ୍ବାଇ**

ଭାରତୀୟ କ୍ରିକେଟରେ ଏକ ବଡ଼ ପରିବର୍ତ୍ତନର ସଙ୍କେତ ମିଳୁଛି। ଶୁଭମନ ଗିଲଙ୍କୁ ଭାରତୀୟ ଟି-୨୦ ଦଳର ଉପ-ଅଧିନାୟକ ଘୋଷଣା କରାଯିବା ପରେ ଏବେ ସେ ଦିନିକିଆ ଦଳର ଅଧିନାୟକ ହେବାକୁ ଯାଉଥିବା ଚର୍ଚ୍ଚା ଜୋର ଧରିଛି। ରୋହିତ ଶର୍ମାଙ୍କର ଦିନିକିଆ କ୍ରିକେଟରେ ଦୀର୍ଘକାଳୀନ ଭବିଷ୍ୟତ ନେଇ ସନ୍ଦେହ ବଢୁଥିବା ବେଳେ ଆଗାମୀ ଅଷ୍ଟ୍ରେଲିଆ ଗସ୍ତ ତାଙ୍କ ପାଇଁ ଅଧିନାୟକ ଭାବେ ଶେଷ ହୋଇପାରେ ବୋଲି ରିପୋର୍ଟରୁ ଜଣାପଡ଼ିଛି। ୨୦୨୭ ଦିନିକିଆ ବିଶ୍ୱକପକୁ ଦୃଷ୍ଟିରେ ରଖି ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ନୂଆ ଅଧିନାୟକଙ୍କୁ ପ୍ରସ୍ତୁତ କରିବାକୁ ଚାହୁଁଛି। ରିପୋର୍ଟ ଅନୁଯାୟୀ, ଗିଲଙ୍କୁ ଦିନିକିଆ ଅଧିନାୟକ କରିବା ନେଇ କୌଣସି ସନ୍ଦେହ ନାହିଁ; କେବଳ ଔପଚାରିକ ଘୋଷଣାର ଅପେକ୍ଷା ରହିଛି। ବର୍ତ୍ତମାନର ଅଧିନାୟକ ରୋହିତ ଶର୍ମା ୫୦ ଓଭର ଫର୍ମାଟରେ ଖେଳ ଜାରି ରଖିବାକୁ ଓ ୨୦୨୭ ବିଶ୍ୱକପ ଜିତିବାକୁ ଇଚ୍ଛୁକ। କିନ୍ତୁ ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ତାଙ୍କ ହାତରେ ନାହିଁ। ଅଷ୍ଟ୍ରେଲିଆ ଗସ୍ତ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ରୋହିତଙ୍କର ଉଚ୍ଚମାନର ପ୍ରଦର୍ଶନ ହିଁ ତାଙ୍କ ଭବିଷ୍ୟତ ନିଷ୍ପତ୍ତିରେ ପ୍ରଭାବ ପକାଇପାରେ। ତେବେ ୨୦୨୭ ବିଶ୍ୱକପ ପର୍ଯ୍ୟନ୍ତ ଭାରତର ଦିନିକିଆ ମ୍ୟାଚ୍ ସୀମିତ ଥିବାରୁ ରୋହିତ ଓ ବିରାଟ କୋହଲିଙ୍କ ପାଇଁ ପୂର୍ବ ପରି ଫର୍ମ ବଜାୟ ରଖିବା ଏକ ଚ୍ୟାଲେଞ୍ଜ ହେବ। ଗିଲ୍ ବର୍ତ୍ତମାନ ଟେଷ୍ଟ ଦଳର ନେତୃତ୍ୱ ଦେଉଛନ୍ତି ଓ ଟି-୨୦ରେ ଅକ୍ଷର ପଟେଲଙ୍କୁ ବଦଳାଇ ଉପ-ଅଧିନାୟକ ହୋଇଛନ୍ତି। ୨୦୨୬ ଟି-୨୦ ବିଶ୍ୱକପ ପରେ ସୂର୍ଯ୍ୟକୁମାର ଯାଦବଙ୍କ ସ୍ଥାନରେ ଗିଲ ଟି-୨୦ ଆଇ ଅଧିନାୟକ ହେବାର ସମ୍ଭାବନା ରହିଛି, ଯେହେତୁ ସୂର୍ଯ୍ୟକୁମାରଙ୍କ ବୟସ ବର୍ତ୍ତମାନ ୩୪ ବର୍ଷ। ଭାରତୀୟ କ୍ରିକେଟରେ "ଏକ ଅଧିନାୟକ ସମସ୍ତ ଫର୍ମାଟ ପାଇଁ" ରୀତି ପୂର୍ବରୁ ସଫଳ ହୋଇଛି ଓ ବିସିସିଆଇ ଏହାକୁ ଜାରି ରଖିବାକୁ ଚାହୁଁଛି। ୨୦୨୭ ବିଶ୍ୱକପ ସମୟରେ ରୋହିତଙ୍କ ବୟସ ୪୦ ହେବ। କେବଳ ଗୋଟିଏ ଫର୍ମାଟରେ ସକ୍ରିୟ ରହି ଶୀର୍ଷ ଫର୍ମ ଓ ଫିଟ୍‌ନେସ୍ ବଜାୟ ରଖିବା ତାଙ୍କ ପାଇଁ କଠିନ ହେବ। ଆଗାମୀ ସପ୍ତାହଗୁଡ଼ିକରେ ରୋହିତ ଓ ବିସିସିଆଇ ଉଭୟଙ୍କ ପାଇଁ ଏକ ଜଟିଳ ନିଷ୍ପତ୍ତିର ଅପେକ୍ଷା ରହିଛି।

## କଳିଙ୍ଗ ଷ୍ଟାଡିୟମରେ ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିଅନସିପ୍

### ଅକ୍ଟୋବର ୧୧ରୁ ୧୫ ତାରିଖ ଯାଏ ଖେଳାଯିବ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଅକ୍ଟୋବର ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେବ ୨୮ତମ ଆଇଟିଟିଏଫ୍-ଏଟିଟିୟୁ ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିଅନସିପ୍। ଟେବୁଲ ଟେନିସ ଫେଡେରେସନ୍ ଅଫ୍ ଇଣ୍ଡିଆ (ଟିଟିଏଫ୍‌ଆଇ) ପକ୍ଷରୁ ଏ ବିଷୟରେ ଘୋଷଣା ହୋଇଛି । ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ପୂର୍ଣ୍ଣ ସହଯୋଗ ଏବଂ ଟିଟିଏଫ୍‌ଆଇ ଓ ଓଡ଼ିଶା ସଂଘର ମିଳିତ ଆନୁକୂଲ୍ୟରେ ଏହି ଚାମ୍ପିଅନସିପ୍ ଆୟୋଜିତ ହେବ। ଏସିଆର ପ୍ରମୁଖ ଦେଶର ପୁରୁଷ ଓ ମହିଳା ଦଳ ଏଥିରେ ଅଂଶ ଗ୍ରହଣ କରିବେ। ୨୦୨୪ରେ କାଜାଖସ୍ତାନରେ ଟୁର୍ଣ୍ଣାମେଣ୍ଟର ୨୭ତମ ସଂସ୍କରଣ ଆୟୋଜିତ ହୋଇଥିଲା। ଅକ୍ଟୋବର ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ଚାମ୍ପିଅନସିପ୍‌ରେ ସିଙ୍ଗଲ୍ସ, ଡବଲ୍ସ ଓ ଟିମ୍ ଇଭେଣ୍ଟରେ ପ୍ରତିଯୋଗିତା ହୋଇଥିଲା। କିନ୍ତୁ ଭୁବନେଶ୍ୱରରେ କେବଳ ଦଳଗତ ଇଭେଣ୍ଟର ଆୟୋଜନ କରାଯିବ। ଗତ ସଂସ୍କରଣରେ ଭାରତକୁ ୩ଟି ବ୍ରୋଞ୍ଜ ପଦକ ମିଳିଥିଲା। ପୁରୁଷ ଓ ମହିଳା ଦଳଗତ ଏବଂ ମହିଳା ଡବଲ୍ସରେ ବ୍ରୋଞ୍ଜ ପଦକ ମିଳିଥିଲା।

ଦ୍ୱିତୀୟ ଥର ପାଇଁ ଓଡ଼ିଶାରେ ଅନ୍ତର୍ଜାତୀୟ ଟେବୁଲ ଟେନିସ ପ୍ରତିଯୋଗିତା ଆୟୋଜିତ ହେଉଛି । ୨୦୧୯ରେ କଟକ ଜବାହରଲାଲ ନେହରୁ ଷ୍ଟାଡିୟମରେ ୨୧ତମ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିଅନସିପ୍ ବେଶ୍ ସଫଳତା ସହ ଆୟୋଜିତ ହୋଇଥିଲା । ଫଳରେ ଓଡ଼ିଶାକୁ ପ୍ରଥମ ଥର ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିଅନସିପ୍ ଆୟୋଜନର ସୁଯୋଗ ମିଳିଛି । ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ଏସିଆନ ଆଥଲେଟିକ୍ସ ଚାମ୍ପିଅନସିପ୍-୨୦୧୭, ପୁରୁଷ ହକି ବିଶ୍ୱକପ୍ ୨୦୧୮ ଓ ୨୦୨୩, ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ଏବଂ ଚଳିତ ବର୍ଷ ଅଗଷ୍ଟ ୧୦ ତାରିଖରେ ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର (ବ୍ରୋଞ୍ଜ) ପ୍ରଭୃତି ପ୍ରତିଯୋଗିତା ବେଶ୍ ସଫଳତାର ସହ ଆୟୋଜିତ ହୋଇଥିଲା ।

## ଭାରତ-ପାକ୍ ମ୍ୟାଚ୍‌ରେ ରୁଚିରା, ରହମାନ ପଡ଼ିଆ ଅମ୍ପାୟାର ଏବଂ ପାଏକ୍ରଫ୍ଟ ମ୍ୟାଚ୍ ରେଫରୀ ନିଯୁକ୍ତ

**ଦୁବାଇ**

ଏସିଆନ୍ କ୍ରିକେଟ୍ କାଉନସିଲ୍ (ଏସିସି) ପକ୍ଷରୁ ଏସିଆ କପ୍ ପାଇଁ ମ୍ୟାଚ୍ ଅଫିସିଆଲ୍ ତାଲିକା ଘୋଷଣା କରାଯାଇଛି। ଏଥିରେ ୨ଜଣ ମ୍ୟାଚ୍ ରେଫରୀଙ୍କ ସମେତ ୧୦ଜଣ ଅମ୍ପାୟାର ସାମିଲ ରହିଛନ୍ତି। ଅମ୍ପାୟାର ତାଲିକାରେ ଭାରତରୁ ବୀରେନ୍ଦର ଶର୍ମା ଓ ରୋହନ ପଣ୍ଡିତଙ୍କୁ ସ୍ଥାନ ମିଳିଛି। ରିଚି ରିଚାର୍ଡସନ ଓ ଆଣ୍ଡି ପାଏକ୍ରଫ୍ଟ ମ୍ୟାଚ୍ ରେଫରୀ ଭାବେ ସ୍ଥାନ ପାଇଛନ୍ତି। ଆସନ୍ତା ୧୪ ତାରିଖରେ ଖେଳାଯିବାକୁ ଥିବା ବହୁଚର୍ଚ୍ଚିତ ଭାରତ-ପାକିସ୍ତାନ ମ୍ୟାଚ୍ ପାଇଁ ଶ୍ରୀଲଙ୍କାର ରୁଚିରା ପଲିୟାଗୁରୁଗେ ଏବଂ ବାଂଲାଦେଶର ମସୁଦୁର ରହମାନ ପଡ଼ିଆ ଅମ୍ପାୟାର ଏବଂ ପାଏକ୍ରଫ୍ଟ ମ୍ୟାଚ୍ ରେଫରୀ ନିଯୁକ୍ତ ହୋଇଛନ୍ତି।

ମ୍ୟାଚ୍ ରେଫରୀ-ରିଚି ରିଚାର୍ଡସନ, ଆଣ୍ଡି ପାଏକ୍ରଫ୍ଟ। ଅମ୍ପାୟାର-ବୀରେନ୍ଦର ଶର୍ମା, ରୋହନ ପଣ୍ଡିତ, ରବୀନ୍ଦ୍ର ୱିମାଲାସିରି, ରୁଚିରା ପଲିୟାଗୁରୁଗେ, ଅହମ୍ମଦ ପକଟିନ, ଇଜାତୁଲ୍ଲା ସଫି, ଆସିଫ୍ ୟାକୁବ, ଫୈଜଲ ଆଫ୍ରିଦି, ଗାଜି ସୋହେଲ, ମସୁଦୁର ରହମାନ।

## ବ୍ୟାଡ୍‌ମିଣ୍ଟନରେ ପୁଣି ଚମକିଲେ ବଲାଙ୍ଗିର ଖେଳାଳି

# ୯ ବର୍ଷ ବର୍ଗରେ ଅର୍ଣ୍ଣବ ସାହୁ, ଇଷ୍ଟ ଜୋନ୍‌ରେ ଜୟଶ ଅଗ୍ରୱାଲ ଚାମ୍ପିଅନ

**ବଲାଙ୍ଗିର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ଦ୍ୱାରା ଆୟୋଜିତ ମିନି ସବ୍ ଜୁନିୟର ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ବଲାଙ୍ଗିର ଖେଳାଳି ଅର୍ଣ୍ଣବ ସାହୁ ନିଜ ବୟସ ବର୍ଗ ପୁଣି ଥରେ ଚାମ୍ପିଅନ ହୋଇଛନ୍ତି। ବାଲେଶ୍ୱରରେ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ବଲାଙ୍ଗିର ଜିଲ୍ଲା ତରଫରୁ ୮ ଜଣ ଖେଳାଳି ପ୍ରତିନିଧିତ୍ୱ କରିଥିଲେ। ୯ ବର୍ଷ ବୟସ ବର୍ଗରେ ବଲାଙ୍ଗିର ଖେଳାଳି ଅର୍ଣ୍ଣବ ନିଜ ପ୍ରତିଦ୍ୱନ୍ଦ୍ୱୀ ଶ୍ରୀହାନ ପଟ୍ଟନାୟକଙ୍କୁ ୨୧/୫, ୨୧/୧୨ ସିଧାସଳଖ ଦୁଇଟି ସେଟ୍‌ରେ ପରାସ୍ତ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଦୁଇମାସ ତଳେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ ମଧ୍ୟ ସେ ରାଜ୍ୟ ଚାମ୍ପିଅନ ହୋଇଥିଲେ।

ଅନ୍ୟ ଖେଳାଳିମାନଙ୍କ ମଧ୍ୟରେ ଜି.ଗୌତମ, ଆଦ୍ୱେତ ବଳରାଜ କର ନିଜ ନିଜ ବିଭାଗରେ ଉନ୍ନତ ଖେଳ ପ୍ରଦର୍ଶନ କରି ସେମିଫାଇନାଲ ପର୍ଯ୍ୟନ୍ତ ପହଞ୍ଚି ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବଲାଙ୍ଗିର ଖେଳାଳି ସାଇ ଆୟୁଷ, ଶ୍ରୀହାଂଶ ପତି, ଅରୁଜ ମହାଣା, ସାଇ ଶଙ୍କର ପାଢ଼ି, ସମର୍ଥ ପାଢ଼ି ମଧ୍ୟ ପ୍ରମୁଖ ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରିଥିଲେ । ଠିକ୍ ସେହିପରି ବଲାଙ୍ଗିର ଖେଳାଳି ଜୟଶ ଅଗ୍ରୱାଲ ଝାଡ଼ଖଣ୍ଡର ଜାମସେଦପୁର ଠାରେ ଆୟୋଜିତ ହୋଇଥିବା ଇଷ୍ଟ ଜୋନ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ଜୁନିୟର ବର୍ଗରେ ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରି ମିକ୍ସ ଡବଲ୍ସରେ ନିଜର ସାଥୀ ସ୍ୱିଟିପ୍ରିୟା ପ୍ରଧାନଙ୍କ ସହ ଫାଇନାଲରେ ଉତ୍ତରାଖଣ୍ଡ ଖେଳାଳି ଗର୍ବ ସାହାଣି ଓ ଅନ୍ୟା ବିଷ୍ଟଙ୍କୁ ହରାଇ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି । ବଲାଙ୍ଗିରରେ ବ୍ୟାଡ୍‌ମିଣ୍ଟନ ଖେଳର ମାହୋଲ ଶିର୍ଷରେ ଥିବା ବେଳେ ଏହି ଉଭୟ ଖେଳାଳିଙ୍କ ସଫଳତା ନିଶ୍ଚିତ ଭାବରେ ଅନ୍ୟ ଖେଳାଳିମାନଙ୍କୁ ଉତ୍ସାହିତ କରିବ ବୋଲି ଜିଲ୍ଲା ବ୍ୟାଡ୍‌ମିଣ୍ଟନ ସଂଘ ସାଧାରଣ ସଂପାଦକ ସୁରୁଲାଲ ମଟାରୀ ନିଜ ପ୍ରତିକ୍ରିୟାରେ କହିଛନ୍ତି । ପ୍ରତିଯୋଗିତାରେ ବଲାଙ୍ଗିର ଦଳ ତଥା ଏହି ଉଭୟ ଖେଳାଳିଙ୍କ ସଫଳତା ପାଇଁ ସଂଘ ସଭାପତି ଗୋପାଳ ପଣ୍ଡା, ଉପ-ସଭାପତି ଘନଶ୍ୟାମ ମିଶ୍ର, ପବିତ୍ର ବେହେରା, ମାନସ ମହାନ୍ତି, ଶୁଭ୍ରାଂଶୁ ପଣ୍ଡା ପ୍ରମୁଖ ଅଭିନନ୍ଦନ ଜଣାଇବା ସହ ଖେଳାଳିମାନଙ୍କର ଆଗାମୀ ଦିନରେ ଆହୁରି ଉତ୍ତମ ପ୍ରଦର୍ଶନ ପାଇଁ କାମନା କରିଛନ୍ତି ।

## ମତୋ ସରକାରୀ ଉଚ୍ଚ ବିଦ୍ୟାଳୟର ୪ ଛାତ୍ରୀ ରାଜ୍ୟସ୍ତରୀୟ କ୍ରୀଡ଼ା ପାଇଁ ମନୋନୀତ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ମତୋ ସରକାରୀ ଉଚ୍ଚ ବିଦ୍ୟାଳୟର ୪ଜନ ଛାତ୍ରୀ ରାଜ୍ୟ ସ୍ତର ଭଲିବଲ କ୍ରୀଡ଼ା ପାଇଁ ସିଆଇଏସଏସ ଉଚ୍ଚ ବିଦ୍ୟାଳୟ, ତିହିଡ଼ିରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ବାଳିକା ଭଲିବଲ୍ ବିଭାଗରେ ମନୋନୀତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଦଶମ ଶ୍ରେଣୀର ଛାତ୍ରୀ କୁମାରୀ ସୁପ୍ରିୟା ନାୟକ, ସସ୍ମିତା ରାଉତ, ଦୀପ୍ତିମୟୀ ପଣ୍ଡା ଓ ଲିଡୁ ଦାସ ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବିଭୁଦତ୍ତ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀମାନେ ଏହି କ୍ରୀଡ଼ା ଅଭ୍ୟାସ କରିଥିଲେ। ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର ସମସ୍ତ ସଦସ୍ୟ ଏହି ୪ଜନ ଖେଳାଳିଙ୍କର ସଫଳତା କାମନା କରିଛନ୍ତି।

## ପଞ୍ଜାବ କିଙ୍ଗସ ନାଁରେ ଅଭିଯୋଗ ଆଣିଲେ କ୍ରିସ୍ ଗେଲ୍

**ନୂଆଦିଲ୍ଲୀ**

ୱେଷ୍ଟଇଣ୍ଡିଜ୍‌ର ବିସ୍ଫୋରକ ବ୍ୟାଟ୍ସମ୍ୟାନ୍ କ୍ରିସ ଗେଲ ଇଣ୍ଡିଆନ ପ୍ରିମିୟର ଲିଗ୍‌କୁ ନେଇ ଏକ ବିସ୍ଫୋରକ ବୟାନ ଦେଇଛନ୍ତି। ଆଇପିଏଲ୍‌ରେ ବିତାଇଥିବା ତାଙ୍କ ଶେଷ ବର୍ଷ ବିଷୟରେ ସେ ଏକ ବଡ଼ ଦାବି କରିଛନ୍ତି। ସେ କହିଛନ୍ତି, ପଞ୍ଜାବ କିଙ୍ଗସ ଦଳର ଅଂଶ ଥିବାବେଳେ ସେ ଅପମାନିତ ଅନୁଭବ କରିଥିଲେ। ସେତେବେଳେ, ପଞ୍ଜାବ ଦଳର ଅଧିନାୟକତ୍ୱ କେଏଲ ରାହୁଲଙ୍କ ହାତରେ ଥିଲା। ମୁଖ୍ୟ କୋଚ୍ ଅନିଲ କୁମ୍ବଲେ ଥିଲେ। କ୍ରିସ୍ ଗେଲ୍ ପଞ୍ଜାବ ଫ୍ରାଞ୍ଚାଇଜ୍ ଉପରେ ତାଙ୍କୁ ଅପମାନିତ କରିବାର ଅଭିଯୋଗ ଲଗାଇ ଅନିଲ କୁମ୍ବଲେ ତାଙ୍କୁ ବହୁତ ନିରାଶ କରିଥିବା କହିଛନ୍ତି। ଏକ ପୋଡ୍‌କାଷ୍ଟରେ, କ୍ରିସ୍ ଗେଲ୍ ସ୍ୱୀକାର କରିଛନ୍ତି, ତାଙ୍କ ଆଇପିଏଲ କ୍ୟାରିଅର ଠିକ୍ ଭାବରେ ଶେଷ ହୋଇ ନ ଥିଲା। ପଞ୍ଜାବ କିଙ୍ଗସ୍‌ରେ ମୋତେ ଅପମାନିତ କରାଯାଇଥିଲା। ମୋତେ ସେହି ଦଳରେ ଗୁରୁତ୍ୱ ଦିଆ ଯାଇ ନ ଥିଲା। କାରଣ ମୁଁ ଜଣେ ବରିଷ୍ଠ ଖେଳାଳି ଏବଂ ଲିଗ ପାଇଁ ବହୁତ କିଛି କରିଛି। ମୁଁ ଏପରି ଅନୁଭବ କରିବାକୁ ଲାଗିଲି ଯେପରି ମୋ କାନ୍ଧ ଉପରେ ଏକ ବଡ଼ ବୋଝ ଥିଲା। ପ୍ରଥମ ଥର ମୋତେ ଡିପ୍ରେସନକୁ ଯିବାପରି ଲାଗିଥିଲା। ଏପରି ମାନସିକ ଅବସ୍ଥାରେ ଟଙ୍କା ଗୁରୁତ୍ୱପୂର୍ଣ୍ଣ ନୁହେଁ। ମୁଁ ଅନିଲ କୁମ୍ବଲେଙ୍କୁ ଫୋନ କଲି ଏବଂ ସ୍ପଷ୍ଟ ଭାବରେ କହିଲି ଯେ, ମୁଁ ଦଳ ଛାଡି ଦେଉଛି। ମୁଁ କାନ୍ଦିଥିଲି ଏବଂ ଦଳ ପରିଚାଳନା ଦେଖି ଅନିଲ କୁମ୍ବଲେଙ୍କ ଉପରେ ବହୁତ ନିରାଶ ହୋଇଥିଲି। କେଏଲ ରାହୁଲ ଅଧିନାୟକ ଥିଲେ, ସେ ମୋତେ କହିଥିଲେ, କ୍ରିସ, ତୁମେ ପରବର୍ତ୍ତୀ ମ୍ୟାଚ୍ ଖେଳିବ। ମୁଁ ସ୍ପଷ୍ଟ ଭାବରେ କହିଥିଲି, ମୁଁ ଦଳର ମଙ୍ଗଳ କାମନା କରୁଛି। ମୁଁ ମୋର ବ୍ୟାଗ୍ ପ୍ୟାକ୍ କରି ଚାଲିଗଲି।

## ହକି ଚାମ୍ପିଅନ୍‌ସିପ୍ ପାଇଁ ବାଳକ ହକି ଦଳର ରାଉରକେଲା ଯାତ୍ରା



**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ସବ୍-ଜୁନିଅର ବାଳକ ହକି ଦଳର ୧୫ ଜଣ ଖେଳାଳି ଓ ଜଣେ ଅଧିକାରୀଙ୍କ ସହିତ ରାଜ୍ୟସ୍ତରୀୟ ହକି ଚାମ୍ପିଅନ୍‌ସିପ୍‌ରେ ଯୋଗଦେବା ପାଇଁ ରାଉରକେଲା ପ୍ରସ୍ଥାନ କରିଛନ୍ତି। ଏହି ଚାମ୍ପିଅନ୍‌ସିପ୍ ୧୧ରୁ ୧୫ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଆୟୋଜିତ ହେବ। ଜିଲ୍ଲାର ପ୍ରତିଭାଶାଳୀ ଯୁବ ଖେଳାଳିମାନେ ତାଙ୍କର କୌଶଳ ଓ କ୍ରୀଡ଼ାନୈପୁଣ୍ୟତାର ପ୍ରଦର୍ଶନ କରିବେ ବୋଲି ବାଲେଶ୍ୱରବାସୀ ଆଶା ରଖିଛନ୍ତି। ଜିଲ୍ଲା ପ୍ରଶାସନ ଓ କ୍ରୀଡ଼ା ବିଭାଗ ପକ୍ଷରୁ ଦଳକୁ ଆଶୀର୍ବାଦ ଓ ଶୁଭେଚ୍ଛା ଜଣାଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଯୋଗଦେଇ ବାଳକ ହକି ଖେଳାଳିମାନଙ୍କୁ ଉତ୍ସାହ ଯୋଗାଇ ଥିଲେ। ଖେଳାଳିଙ୍କ କୌଶଳ ଓ ଉପଲବ୍ଧି ଆଗାମୀ ପିଢ଼ିକୁ ପ୍ରେରଣା ଦେବା ବୋଲି ସେ ଆଶା ପ୍ରକଟ କରିଛନ୍ତି।

## ଅଲିମ୍ପିଆଡ୍ ପୁରସ୍କାର : ପ୍ରତ୍ୟୁଷ ବେହେରାଙ୍କୁ ମିଳିଲା ସ୍ୱର୍ଣ୍ଣ ପଦକ



**ମୋରଡ଼ା।**

ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ବିଦ୍ୟଜ୍ୟୋତି ପବ୍ଲିକ ସ୍କୁଲରେ ଅଲିମ୍ପିଆଡ୍ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଡାଇରେକ୍ଟର ସଞ୍ଜୟ କୁମାର ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶହୀଦ ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦିଲୀପ କୁମାର ଭୋଇ ଏବଂ ୟୁଜିଏସ ମହାବିଦ୍ୟାଳୟର ଅଧ୍ୟାପିକା ଜ୍ୟୋତିର୍ମୟୀ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଆଇଟିଓ ପରୀକ୍ଷାରେ କୃତୀତ୍ୱ ଅର୍ଜନ କରିଥିବା ଦ୍ୱିତୀୟ ଶ୍ରେଣୀର ଛାତ୍ର ପ୍ରତ୍ୟୁଷ ବେହେରାଙ୍କୁ ସ୍ୱର୍ଣ୍ଣ ପଦକ ସହିତ ୧୨୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ସେହିପରି ଛାତ୍ର ଅଂଶୁମାନ ବେହେରା, ସୌମ୍ୟ ଶଙ୍କର ସେନାପତି, ବିଶ୍ୱରଞ୍ଜନ ମହାନ୍ତ, ଛାତ୍ରୀ ଦୀପଶିକ୍ଷା ମହାପାତ୍ର, ଆକୃତି ରାଉଳଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ତାପସୀ ଲେଙ୍କା, ସଂଗୀତା ପାଣିଗ୍ରାହୀ, ଶୁଭଶ୍ରୀ ମହାନ୍ତ, ପ୍ରିୟଙ୍କା ରାୟବାବୁ, ନମିତା ମହାନ୍ତ, ପ୍ରିୟଙ୍କା ସିଂବାବୁ, ପ୍ରକୃତିପ୍ରୀତମ ମହାନ୍ତ, ସୁମିତ ମହାନ୍ତ, ସଞ୍ଜିତା ବେହେରା, ସ୍ୱପ୍ନା ମୁର୍ମୁ, ବିଜୟ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କଲେ ଉସମାନ ଶିନୱାରି



**ନୂଆଦିଲ୍ଲୀ**

ପ୍ରାୟ ୧୨ ବର୍ଷ ତଳେ ଅର୍ଥାତ ୨୦୧୩ରେ ଦେଶ ପାଇଁ ଡେବ୍ୟୁ କରିଥିଲେ। ପେଲାଠେଲାରେ ୨୦୧୯ ଯାଏ ଜାତୀୟ ଦଳ ପାଇଁ ଖେଳିଥିଲେ। ହେଲେ ୬ ବର୍ଷ ହେଲା ତାଙ୍କୁ ଜାତୀୟ ଦଳରେ ସାମିଲ କରାଯାଉ ନଥିଲା। ଏପରିକି ଚୟନକର୍ତ୍ତା ତାଙ୍କ ନାଁକୁ ମଧ୍ୟ ବିଚାରକୁ ନେଉ ନଥିଲେ। ଏଥିରେ ହତାଶ ଓ ମର୍ମାହତ ହୋଇ ଏବେ ସେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି।

ପାକିସ୍ତାନ ପାଇଁ ନିଜର ୬ ବର୍ଷର କ୍ୟାରିୟରର ମଧ୍ୟରେ ୩୪ଟି ମ୍ୟାଚ୍ ଖେଳିଥିବା ଦ୍ରୁତ ବୋଲର ଉସମାନ ଶିନୱାର ଅନ୍ତର୍ଜାତୀୟ କ୍ରିକେଟକୁ ବାଏବାଏ କହିଛନ୍ତି। ଶେଷଥର ପାଇଁ ସେ ୨୦୧୯ରେ ପାକିସ୍ତାନ ପାଇଁ ଖେଳିଥିଲେ। ଏହି ବାମହାତୀ ଦ୍ରୁତ ବୋଲର ଜଣଙ୍କ ୨୦୧୩ ଶ୍ରୀଲଙ୍କା ବିପକ୍ଷ ଟି-୨୦ରେ ପାକିସ୍ତାନ ପାଇଁ ଡେବ୍ୟୁ କରିଥିଲେ। ପରବର୍ତ୍ତୀ ସମୟରେ (୨୦୧୭) ସେହି ଶ୍ରୀଲଙ୍କା ବିପକ୍ଷରେ ଦେଶ ପାଇଁ ଦିନିକିଆ ଟେଷ୍ଟ (୨୦୧୯)ରେ ପଦାର୍ପଣ କରିଥିଲେ।

ପାକିସ୍ତାନ ପାଇଁ ୧୭ଟି ଦିକିଆ ଓ ୧୬ଟି ଟି-୨୦ ଖେଳିଥିବା ଶିନୱାର ଯଥାକ୍ରମେ ୩୪ ଓ ୧୩ଟି ୱିକେଟ ନେଇଛନ୍ତି। ଶ୍ରୀଲଙ୍କା ବିପକ୍ଷ ୨୦୧୯ରେ ସେ ନିଜ କ୍ୟାରିୟରର ପ୍ରଥମ ଓ ଶେଷ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ଏହି ମ୍ୟାଚ୍‌ରେ ଶିନୱାରଙ୍କୁ କେବଳ ଗୋଟିଏ ୱିକେଟ ମିଳିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଶିନୱାର ଶ୍ରୀଲଙ୍କା ବିପକ୍ଷରେ ଡେବ୍ୟୁ କରିଥିବା ବେଳେ ୨୦୧୯ରେ ଶେଷଥର ପାଇଁ ଶ୍ରୀଲଙ୍କା ବିପକ୍ଷରେ ହିଁ ନିଜର ଶେଷ ଟେଷ୍ଟ, ଟି-୨୦ ଓ ଦିନିକିଆ ମ୍ୟାଚ୍ ଖେଳିଥିଲେ। ଶାରଜାରେ ଖେଳା ଯାଉଥିବା ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ସେ ୫ ୱିକେଟ ଦଖଲ ମଧ୍ୟ କରିଥିଲେ। ୨୦୧୮ ଏସିଆ କପ୍ ସ୍କ୍ୱାଡ୍‌ରେ ସେ ରହିଥିଲେ।

## ଅପହରଣ ଓ ଦୁଷ୍କର୍ମ ପରେ କୋଠରିରେ ବନ୍ଦୀ : ଅଭିଯୁକ୍ତ ଗିରଫ



**ରାଇଘର, ନ୍ୟୁଜ୍‌ବ୍ୟୁରୋ**

କୁନ୍ଦେଇ ଥାନା ଅଧୀନରେ ଥିବା ଝଟିଆରପାରା ଗ୍ରାମର ଡାକେଶ ସାହୁ ସେହି ଗ୍ରାମର କରୁଣା ସାହୁ ନାମକ ଯୁବତୀଙ୍କୁ ଗତ ୯/୭/୨୦୨୫ ତାରିଖ ଦିନ କରୁଣା ରାଇଘର ଡିଗ୍ରୀ କଲେଜ ପଢିବାକୁ ଯିବା ସମୟରେ ଏକ ବାଇକ୍ ଯୋଗେ ଅପହରଣ କରି ନେଇଯାଇଥିଲା। ଏହି ଘଟଣାରେ ପରିବାର ଲୋକେ କୁନ୍ଦେଇ ଥାନାରେ ଅଭିଯୋଗ କରି ଏକ ମାମଲା ମଧ୍ୟ ରୁଜୁ ହୋଇଥିଲା। ଏହାପରେ ଗତ ମାସ ୨୬ ତାରିଖ ଦିନ କରୁଣା ସେହିଗ୍ରାମର ଡାକେଶ ଘରେ ଥିବା ଏବଂ ତା'ର ଦେହ ଖରାପ ଥିବା ଜାଣି ଯାଇ କରୁଣାକୁ ଉଦ୍ଧାର କରିଥିଲେ। ଉକ୍ତ ଘଟଣାକୁ ନେଇ କୁନ୍ଦେଇ ଥାନାରେ କରୁଣା ନିଜେ ଏକ ଏତଲା ଦେଇଥିଲା ଯେ ୨୦୨୨ମସିହାରୁ ଅଭିଯୁକ୍ତ ଡାକେଶ ତା ସହ ସମ୍ପର୍କ ରଖିବା ସହ ଜୁଲାଇ ମାସରେ ଅପହରଣ କରିନେଇ ନିଜ ଘରେ ଏକ ବନ୍ଦ କୋଠରିରେ ରଖି ଶାରୀରିକ ସମ୍ପର୍କ ରଖୁଥିଲା। ଏତଲାକୁ ଆଧାର କରି କୁନ୍ଦେଇ ପୋଲିସ ଅଭିଯୁକ୍ତ ଡାକେଶକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଥାଉକି ଗତ ଜୁଲାଇ ମାସ ୯ ତାରିଖ ଦିନ ଝଟିଆର ପାରା ଗ୍ରାମର ଦୁଇଜଣ ଯୁବତୀ ରାଇଘର ଡିଗ୍ରୀ କଲେଜ ଆସିବା ସମୟରେ ଅପହରଣ ହୋଇଥିଲେ। ନମିତା ଶର୍ମାଙ୍କୁ ସିହାୱା ଗ୍ରାମର ଡିକେଶ ଦିୱାନ ଅପହରଣ କରିଥିଲେ ଯାହାକୁ ପୋଲିସ କୋର୍ଟ ଚାଲାଣ କରି ସାରିଛି ଏବଂ ବୁଧବାର ଡାକେଶ ସାହୁକୁ କୋର୍ଟ ଚାଲାଣ କରିଥିବା କୁନ୍ଦେଇ ଥାନା ଅଧିକାରୀ ଦୁର୍ଗା ପ୍ରସାଦ ବ୍ରହ୍ମା ପ୍ରକାଶ କରିଛନ୍ତି।

## ୧୦ ଦଫା ଦାବି ନେଇ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଗଣଧାରଣା




**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲାର କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଗଣଧାରଣା ପଞ୍ଚମ ଦିନରେ ପହଞ୍ଚିଛି। ଏବେବି କୌଣସି ସ୍ୱାସ୍ଥ୍ୟ ବିଭାଗର କର୍ତ୍ତୃପକ୍ଷ ଗଣଧାରଣା ସ୍ଥଳରେ ପହଞ୍ଚି ଆଲୋଚନା କରିନଥିବା ଯାଜପୁର ଜିଲ୍ଲା ସୁରକ୍ଷା ସେନାର ସଭାପତି ସୁରେନ୍ଦ୍ର କୁମାର ବରାଳ ପ୍ରକାଶ କରିଛନ୍ତି। ଖବର ମୁତାବକ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଲାଗି ରହିଥିବା ବିଭିନ୍ନ ସମସ୍ୟାକୁ ନେଇ ୧୦ ଦଫା ଦାବିକୁ ନେଇ ଗତ ୫ ତାରିଖ ପବିତ୍ର ଗୁରୁଦିବସ ଠାରୁ ସୁରକ୍ଷାସେନାର ସଭାପତି ସୁରେନ୍ଦ୍ର କୁମାର ବରାଳଙ୍କ ଆବାହକତ୍ୱରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିଥିବା ଶାନ୍ତିପୂର୍ଣ୍ଣ ଗଣ ଧାରଣା ପଞ୍ଚମ ଦିନରେ ପହଞ୍ଚିଛି। ୧୦ ଦଫା ଦାବିକୁ ନେଇ ଏହି ଗଣଧାରଣା ଦିଆଯାଇଛି। ସ୍ୱାସ୍ଥ୍ୟ କେନ୍ଦ୍ର ସମସ୍ୟା ପ୍ରତି ଅବହେଳା ପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ଧୀରେ ଧୀରେ କୋରେଇ ଅଞ୍ଚଳରେ ଦଳବଳ ନିର୍ବିଶେଷରେ ଏକାଠି ହେବାର ଯୋଜନା ଚାଲିଛି ଆଜି ଉପସ୍ଥିତ ନେତୃମଣ୍ଡଳୀ ବକ୍ତବ୍ୟ ରଖିଥିଲେ। ମଙ୍ଗଳବାର ଗଣ ଧାରଣାରେ କୋରେଇ ବ୍ଲକ ହଳଦି ଗଡ଼ିଆର ସରପଞ୍ଚ ଅନିଲ କୁମାର ମହାପାତ୍ର ବରିଷ୍ଠ ନାଗରିକ ଶିଶୁ ସାହିତ୍ୟିକ ନନ୍ଦକିଶୋର ସିଂହ କୋରେଇ ବ୍ଲକ ଯାଦବସଂଘର ସଭାପତି ନିରଞ୍ଜନ ନାୟକ କୋରେଇ ସଂଗ୍ରାମ ସମିତିର ସଂପାଦକ ବରିଷ୍ଠ ସାମ୍ବାଦିକ ଅଭିମନ୍ୟୁମିଶ୍ର କିନ୍ନର ସଂଘପକ୍ଷରୁ ଲଭଲି ସାହୁ ସ୍ୱପ୍ନା ନାୟକ ପରିବେଶବିତ ପଦ୍ମଲୋଚନ ମହାନ୍ତି, ଯୁବ ସମାଜସେବୀ ଭୁବନ ମୋହନ ମହାନ୍ତି ମନୋରଞ୍ଜନ ଦାସ, ବିନୋଦ ପାତ୍ର, ବିଜୟ ନାୟକ, ନିଗମାନନ୍ଦ ରଥ, ମହିଳା ନେତ୍ରୀ ସସ୍ମିତା ଜେନା, ସାମ୍ବାଦିକ ପ୍ରହଲ୍ଲାଦ ଦେଓ, ସାମ୍ବାଦିକ ପ୍ରମୋଦ ପାତ୍ର ଓ ମୁସିଲିମ ସେଲ୍ ସଭାପତି ମିର୍ଜା ଲୋକମାନ ବେଗ, ମାନବ ପ୍ରେମୀ ମନୋରଞ୍ଜନ ବେହେରା, ବରିଷ୍ଠ ନାଗରିକ ଭାଗ୍ୟଧର ସାହୁ ବରିଷ୍ଠ ଗାନ୍ଧିକ ପ୍ରଭାତ ସିହ୍ନା ଯୁବସମାଜ ସେବୀ ଏସକେ ନିନା ପ୍ରମୁଖ ଉପସ୍ଥିତ ଥିଲେ। ୧୦ ଦଫା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଗଣଧାରଣା ଚାଲିବ ବୋଲି ସୁରକ୍ଷା ସେନାର ସଭାପତି ସୁରେନ୍ଦ୍ର କୁମାର ବରାଳ ପ୍ରକାଶ କରିଛନ୍ତି।

## ନିଖିଳ ଓଡ଼ିଶା ବିଦ୍ୟୁତ ମଜଦୁର ମହାସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ନିଖିଳ ଓଡ଼ିଶା ବିଦ୍ୟୁତ ମଜଦୁର ମହାସଂଘ କେନ୍ଦ୍ରାପଡ଼ା ଶାଖା ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟର ଏକ ଚାରିଦଫା ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ସଂଘ ତରଫରୁ ଏନ୍.ପି.ଏସ୍, ୟୁ.ପି.ଏସ୍ ବଦଳରେ ପୁରୁଣା ପେନସନ୍ ଲାଗୁ କରିବା, ଏକ ଦେଶ ଏକ ଗ୍ରୀଡ୍, ଏକକ ଚାକିରି ସର୍ତ୍ତାବଳୀ ଲାଗୁ କରିବା, ତ୍ରୟିପାକ୍ଷିକ ଶିଳ୍ପ ସମିତି ବିଦ୍ୟୁତ୍ ଉତ୍ପାଦନ, ପରିବହନ ଓ ବିତରଣ କ୍ଷେତ୍ରରେ ସୃଷ୍ଟି କରିବା ଯେଉଁ ରାଜ୍ୟମାନଙ୍କରେ ଅଛି ତାହାକୁ କାର୍ଯ୍ୟକ୍ଷମ କରିବା, ବିଦ୍ୟୁତ କ୍ଷେତ୍ରରେ ଘରୋଇକରଣକୁ ପୁନଃ ସମୀକ୍ଷା କରି ଘରୋଇକରଣକୁ ବନ୍ଦ କରିବା, ବିଦ୍ୟୁତ କ୍ଷେତ୍ରରେ ଠିକା ନିଯୁକ୍ତି ପ୍ରଥା ଉଚ୍ଛେଦ କରି କାର୍ଯ୍ୟରେ ସ୍ଥାୟୀ ନିଯୁକ୍ତି ସହିତ ସମାନ୍ କାର୍ଯ୍ୟ ପାଇଁ ସମାନ୍ ଦରମା ଲାଗୁ କରିବା, ବିଦ୍ୟୁତ୍ ନିୟମ ୨୦୦୩ ଓ ବିଦ୍ୟୁତ୍ ବିଲ୍ ୨୦୨୩କୁ ସମୀକ୍ଷା କରି ଘରୋଇକରଣ ବଦଳରେ ସରକାରୀ ବିଦ୍ୟୁତ୍ ସଂସ୍ଥା ମାଧ୍ୟମରେ ବିଦ୍ୟୁତ୍ ଉତ୍ପାଦନ, ପରିବହନ ଓ ବିତରଣ ପାଇଁ ବ୍ୟବସ୍ଥା କରିବା, ଓଡ଼ିଶାରେ କେନ୍ଦ୍ରୀୟ ଦରମା ସଂହିତା ୨୦୧୯ ଲାଗୁ କରିବା ଆଦି ଦାବିଗୁଡ଼ିକ ରହିଛି। ଏହି ଦାବି ପତ୍ର ପ୍ରଦାନ ସମୟରେ ସତ୍ୟବ୍ରତ ପରିଡ଼ା, ସମ୍ପାଦକ ଭାରତୀୟ ମଜଦୁର ସଂଘର ସାଧାରଣ ସମ୍ପାଦକ ନିଖିଳ ଓଡ଼ିଶା ବିଦ୍ୟୁତ୍ ମହାସଂଘ ପୌରୋହିତ୍ୟର ପ୍ରଦାନ କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଶାନ୍ତନୁ ମଳିକ, ଦୈତାରୀ ଜେନା, ଅନିଲ୍ କୁମାରେ ଜନା, ପ୍ରଶାନ୍ତ କୁମାର ପ୍ରଧାନ, ରେମଶ କୁମାର ମଳିକ ପ୍ରମୁଖ ଉପସ୍ଥିତ ଥିଲେ।




**Government of Odisha "e" procurement Notice** B-484
**Bid Identification No. PWDK- 14/2025-26**
No. G2/ 8076 Dt. 02.09.2025
e-mail : eepwdkeonjhar@yahoo.com
GOVT. OF ODISHA

| | | |
|---|---|---|
| 1 | No. of the work :- | 04 Nos. Electrical Works. |
| 2 | Estimated cost :- | From Rs. 7.29 Lakh to Rs. 31.92 Lakh |
| 3 | Period of completion :- | From 01 (One) to 12 (Twelve) Calendar Month. |
| 4 | Date and Time of availability of Bid document in the portal:- | From 10.00 Hr 11.09.2025 to 17.00 HR of 22.09.2025 |
| 5 | Last date / Time for receipt of bids in the portal :- | 17.00 Hr of 22.09.2025. |
| 6 | Date of opening of Bid from Portal :- | 10.30 Hr of 23.09.2025. |
| 7 | Name and address of the officer inviting Bid :- | Superintending Engineer, Keonjhar (R&B) Division, Keonjhar |

Further details can be seen from the e-procurement portal "http://tendersodisha.gov.in"
Sd/-S.Mohanty
Superintending Engineer
Keonjhar (R&B) Division
OIPR-34004/11/0037/2526

**OFFICE OF THE EXECUTIVE ENGINEER**
**RURAL WORKS DIVISION, MOHANA** O-740
No.3173 **1st CORRIGENDUM** Date 8.9.2025
In continuation to this office bid identification No. online Tender 03/MOHANA/2025-26 Invited vide this office letter no 3071 did 01.09.2025, partial modification of TCN has been made as follows.

| Sl. No. | Item | Time schedule as per Original TCN | Time schedule as per Corrigendum Notice |
|---|---|---|---|
| 1 | Availability to tender online for bidding | Dt.10.09.2025 at 11.00 A.M. to Dt.19.09.2025 Up to 5.00 P.M. | Dt..25.09.2025 at 11.00 A.M. to Dt. 06.10.2025 Up to 5.00 P.M. |
| 2 | Date & time of seeking tender clarification if any | Dt.17.09.2025 up to 5 00 P.M. | Dt..03.10.2025 Up to 5.00 PM |
| 3 | Date & time of opening of tender (Price Bid) | Dt.20.09.2025 at 11.00 A.M. | Dt..08.10.2025 at 11.00 AM |

All other terms and conditions are remain unchanged.
Sd/- Executive Engineer
R.W. Division, Mohana
OIPR-25148/11/0042/2526

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୦ ସେପ୍ଟେମ୍ବର ୨୦୨୫ ବୁଧବାର





# ଗୁଣାତ୍ମକ ଶିକ୍ଷା ପାଇଁ ଉଚ୍ଚ ପ୍ରଶିକ୍ଷିତ ଶିକ୍ଷକ ଆବଶ୍ୟକ: ରାଜ୍ୟପାଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟିଙ୍କ କୋରାପୁଟ ଜିଲ୍ଲା ଗସ୍ତର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ ବହୁଳ ରହିଥିଲା। ରାଜ୍ୟପାଳ ଦ୍ୱିତୀୟ ଦିନରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ସୁନାବେଡ଼ା ହାଲ, ରାଜପୁଟ ମିଲେଟ୍ ପ୍ରକ୍ରିୟାକରଣ ୟୁନିଟ, ଦେଓମାଳୀ ଓ ପୁଙ୍ଗାର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିଦର୍ଶନ କରି ବିଭାଗୀୟ ଅଧିକାରୀ / କର୍ମକର୍ତ୍ତା ଏବଂ ହିତାଧିକାରୀ ମାନଙ୍କ ସହ ଆଲୋଚନା କରିଛନ୍ତି। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ ପରିଦର୍ଶନ କରି ବିଶ୍ୱବିଦ୍ୟାଳୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓ ଶିକ୍ଷା ଅନୁଷ୍ଠାନର ପ୍ରଗତି ବିଷୟରେ ସମୀକ୍ଷା କରିଥିଲେ। ଏହି ଅବସରରେ ସେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ।ରାଜ୍ୟପାଳଙ୍କୁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା, ଭାରପ୍ରାପ୍ତ କୁଳସଚିବ ଡ଼. ରାକେଶ କୁମାର ଲେଙ୍କା, ବରିଷ୍ଠ ଅଧ୍ୟାପକ ଓ ବିଶ୍ୱବିଦ୍ୟାଳୟର ବିଭିନ୍ନ ଅଧିକାରୀମାନେ ରାଜ୍ୟପାଳଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ସମୀକ୍ଷା ବୈଠକରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପଣ୍ଡା ବିଶ୍ୱବିଦ୍ୟାଳୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଓ ଭବିଷ୍ୟତ ଯୋଜନା ବିଷୟରେ ଉପସ୍ଥାପନ





କରିଥିଲେ। ରାଜ୍ୟପାଳ କହିଥିଲେ ଯେ ଗୁଣାତ୍ମକ ଶିକ୍ଷା ପାଇଁ ଉଚ୍ଚ ପ୍ରଶିକ୍ଷିତ ଶିକ୍ଷକ ଅତ୍ୟନ୍ତ ଆବଶ୍ୟକ। ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ଓ ଉଚ୍ଚ ପ୍ରଶିକ୍ଷିତ ଶିକ୍ଷକଙ୍କ ଦ୍ୱାରା ଅନୁପ୍ରାଣିତ ହେବେ ବୋଲି ରାଜ୍ୟପାଳ କହିଥିଲେ। ବିଶ୍ୱବିଦ୍ୟାଳୟର ମାନ୍ୟତା ବଢ଼ାଇବା ପାଇଁ ଦୁଇଟି ପ୍ରଧାନ ମାନଙ୍କ ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟପାଳ ଡ଼. କମ୍ଭମପାଟି ବିଶ୍ୱବିଦ୍ୟାଳୟରେ ନାମଲେଖା ହ୍ରାସ ପଛରେ ଥିବା ଚ୍ୟାଲେଞ୍ଜଗୁଡ଼ିକୁ ଚିହ୍ନଟ କରି ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ବିଶ୍ୱବିଦ୍ୟାଳୟର ଭିତ୍ତିଭୂମିର ବିକାଶ ବିଷୟରେ ଜାଣି ରାଜ୍ୟପାଳ ସନ୍ତୋଷ ପ୍ରକାଶ କରିଥିଲେ ଓ ନୂଆକରି ଆରମ୍ଭ କରାଯାଇଥିବା ବିଭିନ୍ନ ବିଷୟଗୁଡ଼ିକୁ ଭବିଷ୍ୟତର ଆବଶ୍ୟକତା ବୋଲି କହିବା ସହିତ ଏହା ଉପରେ ସନ୍ତୋଷ ପ୍ରକାଶ କରିଥିଲେ। କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, କୋଟପାଡ ବିଧାୟକ ରୂପୁ ଭତ୍ରା, କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଏସପି ରୋହିତ ବର୍ମାଙ୍କ ସମେତ ବିଶ୍ୱବିଦ୍ୟାଳୟର ପ୍ରଫେସର ଓ କର୍ମଚାରି ମାନେ ଉପସ୍ଥିତ ଥିଲେ। ଏହାପରେ ସୁନାବେଡ଼ା ସ୍ଥିତ ସୁଖୋଇ ଇଞ୍ଜିନ କାରଖାନା ପରିଦର୍ଶନ କରିବା ସହ ହାଲ ସଭାଗୃହ ଠାରେ ଅଧିକାରୀ ମାନଙ୍କ ସହ ରାଜ୍ୟପାଳ ଆଲୋଚନା କରିଥିଲେ। ତାପରେ ସେମିଳିଗୁଡା ବ୍ଲକ ଅନ୍ତର୍ଗତ ରାଜପୁଟ ମିଲେଟ ପ୍ରକ୍ରିୟାକରଣ ୟୁନିଟ ପରିଦର୍ଶନ କରି ସେଠାରେ କିପରି ମାଣ୍ଡିଆ ରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରାଯାଉଛି ଏବଂ ଏହାର ବିକ୍ରି କିପରି କରାଯାଉଛି ତାହାକୁ ନେଇ ମହିଳା ଗୋଷ୍ଠୀ ସଦସ୍ୟା ମାନଙ୍କ ସହ ଆଲୋଚନା କରିଥିଲେ। ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ରଘୁରାମ ମାଛ, ସେମିଳିଗୁଡା ବ୍ଲକ ଅଧକ୍ଷା ଲିଲି ଅଣ୍ଡାବରିଆ, ଉପାଧକ୍ଷ ଶିବ ବାଙ୍ଗାରି, ସରପଞ୍ଚ ପି.କେ.କିରସାନିଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ। ଏହାପରେ ରାଜ୍ୟପାଳ ପର୍ଯ୍ୟଟନ ସ୍ଥଳୀ ଦେଓମାଳି ପରିଦର୍ଶନ କରିଥିଲେ। ଦେଓମାଳି ପର୍ଯ୍ୟଟନସ୍ଥଳୀର ବିକାଶ ନିମନ୍ତେ କ'ଣ କ'ଣ କାର୍ଯ୍ୟକ୍ରମ ରହିଛି ଏବଂ ଆହୁରି କ'ଣ ଦରକାର ତାହାକୁ ନେଇ ରାଜ୍ୟପାଳ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଓ ବନଖଣ୍ଡ ଅଧିକାରୀ କେ ଭି ଭାସ୍କର ରାଓଙ୍କୁ ପଚାରି ବୁଝି ଥିଲେ। ଦେଓମାଳି ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରିବା ପରେ ପୁଙ୍ଗାର ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏଠାରେ ବିଭିନ୍ନ ବିଭାଗ ଦ୍ୱାରା ପ୍ରଦର୍ଶିତ କରାଯାଇଥିବା ଉନ୍ନୟନମୂଳକ ଷ୍ଟଲ ପରିଦର୍ଶନ କରିବା ପରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକ ମାନଙ୍କ ସହ ଆଲୋଚନା କରିଥିଲେ।ଏହାପରେ ମହିଳା ଗୋଷ୍ଠୀ ସଦସ୍ୟା, ଲକ୍ଷପତି ଦିଦି ଏବଂ ସୁଭଦ୍ରା ହିତାଧିକାରୀ ମାନଙ୍କ ସହ ରାଜ୍ୟପାଳ ଆଲୋଚନା କରିବା ପରେ କୋରାପୁଟ ଫେରି ଆସିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ କମିସନର ତଥା ଶାସନ ସଚିବ ରୁପା ରୋଶନ ସାହୁ, କୋରାପୁଟ ଜିଲ୍ଲାପାଳ ଏବଂ ଏସପିଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ଆଦିତ୍ୟ ଆଲୁମିନିୟମ କାରଖାନାରେ ସାରଥି ଉତ୍ସବ ପାଳିତ

**ଲପଙ୍ଗା, ନ୍ୟୁଜ ବ୍ୟୁରୋ**

ଆଦିତ୍ୟ ଆଲୁମିନିୟମ, ହିଣ୍ଡାଲକୋ ଲପଙ୍ଗା ପରିସରରେ ସାରଥି ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଆଦିତ୍ୟ ଆଲୁମିନିୟମର ଲଜିଷ୍ଟିକ୍ ବିଭାଗ ଏହି ଉତ୍ସବର ଆୟୋଜନ କରିଥିଲେ। ଏହି ଉତ୍ସବରେ କାରଖାନା ଏବଂ କାରଖାନା ବାହାରୁ ଆସୁଥିବା ସମସ୍ତ ଭାରିଯାନ ଚାଳକମାନେ ଅଂଶଗ୍ରହଣ କରିଥିଲେ। କମ୍ପାନୀର ସେଫ୍ଟି ମ୍ୟାନେଜର ଶ୍ରୀ ଫକୀର ପଟ୍ଟନାୟକ ଏହି ଉତ୍ସବରେ ଯୋଗଦେଇ ରୋଡ୍ ସେଫ୍ଟି ବିଷୟରେ ବୁଝାଇଥିଲେ। ତତ୍ ସହିତ ସିଏଚ୍‌ପି



ହେଡ୍ ଶ୍ରୀ ଅଶ୍ୱିନୀ ମହାପାତ୍ର, ଆଡମିନ୍ ଡିପାର୍ଟମେଣ୍ଟ ମ୍ୟାନେଜର ଶ୍ରୀ ପୀୟଷ ରାଜଗୁରୁ, ଫ୍ଲାଏ ଆସ୍ ଡିପାର୍ଟମେଣ୍ଟର ଶ୍ରୀ ଶାନ୍ତନୁ ସେନାପତି ଏବଂ ଲଜିଷ୍ଟିକ୍ ବିଭାଗର ମୁଖ୍ୟ ଶ୍ରୀ ଗୋପାଳ ସିଂ ରାଥୋଡ ସମସ୍ତ ଚାଳକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ଏବଂ କମ୍ପାନୀର ପ୍ରଗତିରେ ସେମାନଙ୍କର ଅବଦାନକୁ ବର୍ଣ୍ଣନା କରିଥିଲେ ଏବଂ ସମସ୍ତେ ଚାଳକମାନଙ୍କର କାର୍ଯ୍ୟକୁ ଭୁରି ଭୁରି ପ୍ରଶଂସା କରିଥିଲେ। ଶେଷରେ ସମସ୍ତ ଚାଳକମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନୀତ କରାଯାଇଥିଲା। ଆଦିତ୍ୟଆଲୁମିନିୟମ ଏପରି ଏକ କାର୍ଯ୍ୟକ୍ରମର ଆୟୋଜନ କରିଥିବାରୁ ଚାଳକମାନେ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଖୋର୍ଦ୍ଧା ରୋଡ୍ ଡିଭିଜନରେ ଟ୍ରେନ୍ ଟିକେଟ୍ ପରୀକ୍ଷକଙ୍କ ବାୟୋମେଟ୍ରିକ୍ ଉପସ୍ଥାନ କାର୍ଯ୍ୟକାରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ଚଳିତ ମାସ ୭ ତାରିଖ ଠାରୁ ଟ୍ରେନ୍ ଟିକେଟ୍ ପରୀକ୍ଷକ (ଟିଟିଇ) ମାନଙ୍କ ପାଇଁ ବାୟୋମେଟ୍ରିକ୍ ସାଇନ୍-ଇନ୍ ଏବଂ ସାଇନ୍-ଅଫ୍ କାର୍ଯ୍ୟକାରୀ କରାଯାଇଅଛି ଯାହା ରେଳ ପରିଚାଳନାରେ ସ୍ୱଚ୍ଛତା ଏବଂ ଦାୟିତ୍ୱବୋଧତା ଦିଗରେ ଏକ ପ୍ରମୁଖ ପଦକ୍ଷେପ ଅଟେ। ରେଳମଣ୍ଡଳର ଟିକେଟ୍ ଯାଞ୍ଚ କର୍ମଚାରୀଙ୍କ ଦ୍ୱାରା ଏହି ପଦକ୍ଷେପକୁ ସ୍ୱାଗତ କରାଯାଇଛି। ଡ୍ୟୁଟି ଉପସ୍ଥାନ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ରେଳମଣ୍ଡଳର ଖୋର୍ଦ୍ଧା ରୋଡ୍, ପୁରୀ, ଭୁବନେଶ୍ୱର, ଭଦ୍ରକ, ଯାଜପୁର କେଉଁଝର ରୋଡ୍, କଟକ, ବାଲୁଗାଁ, ବ୍ରହ୍ମପୁର, ପଲାସା, ଢେଙ୍କାନାଳ, ଅନୁଗୁଳ ଏବଂ ପାରାଦୀପ ଷ୍ଟେସନ ମାନଙ୍କ ଠାରେ ଅବସ୍ଥିତ ସମସ୍ତ ୧୨ଟି କମ୍ପ୍ୟୁଟରାଇଜଡ୍ ଟିଟିଇ ଲବିରେ



ବାୟୋମେଟ୍ରିକ୍-ଆଧାରିତ ଲଗଇନ୍/ଅଫ୍ ପ୍ରଚଳନ କରାଯାଇଛି। ଏହି ସୁବିଧା ରେଳମଣ୍ଡଳ ଅଧୀନରେ କାର୍ଯ୍ୟରତ ପ୍ରାୟ ୫୫୦ ରୁ ଅଧିକ ଟିଟିଇଙ୍କୁ ସୁବିଧା ପ୍ରଦାନ କରିବ। ଆଧାର-ସକ୍ଷମ ବାୟୋମେଟ୍ରିକ୍ ପ୍ରମାଣୀକରଣ ସଠିକ୍ ସାଇନ୍-ଅନ୍/ଅଫ୍ ସୁନିଶ୍ଚିତ କରିବ, ମାନୁଆଲ୍ ଆଟେଣ୍ଡେନ୍ସ ସିଷ୍ଟମ୍ ରେ ବିଭେଦ ଦୂର କରିବ ଏବଂ ଡ୍ୟୁଟିରେ ସାଇନ୍ କରିବା ସମୟରେ ସମ୍ପୃକ୍ତ ଷ୍ଟେସନ୍‌ରେ କର୍ମଚାରୀଙ୍କ ପ୍ରତ୍ୟକ୍ଷ ଉପସ୍ଥିତି ନିଶ୍ଚିତ କରିବ। ଏହି ପ୍ରକଳ୍ପ 'ଭାରତୀୟ ରେଳବାଇରେ କମ୍ପ୍ୟୁଟରାଇଜଡ୍ ଟିଟିଇ ଲବିର ପ୍ରସାର' ପଦକ୍ଷେପର ଏକ ଅଂଶ, ଯାହା ପୂର୍ବରୁ ସାରା ଦେଶରେ ୯୫୦ ରୁ ଅଧିକ ସ୍ଥାନରେ କାର୍ଯ୍ୟକାରୀ କରାଯାଇଛି। ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନରେ ଉନ୍ନତ କମ୍ପ୍ୟୁଟିଂ ବିକାଶ କେନ୍ଦ୍ର ସହିତ ସମନ୍ୱୟରେ ବାୟୋମେଟ୍ରିକ୍ ବୈଶିଷ୍ଟ୍ୟ ବିକଶିତ କରାଯାଇଥିଲା। ଏହି ବ୍ୟବସ୍ଥା ଆଧାର-ଆଧାରିତ ଫିଙ୍ଗରପ୍ରିଂଟ ପ୍ରମାଣୀକରଣ ଡିଭାଇସ୍ ଗୁଡ଼ିକ ବ୍ୟବହାର କରେ ଯାହା ୟୁଆଇଡିଏଆଇ/ଏସଟିକ୍ୟୁସି ଦ୍ୱାରା ପ୍ରମାଣିତ ଏବଂ ଇ-ପ୍ରମାଣ ପୋର୍ଟାଲ୍ ସହିତ ସମନ୍ୱିତ। ଏହି ବୈଶିଷ୍ଟ୍ୟକୁ ପ୍ରମାଣିତ ଡିଭାଇସ୍ ଗୁଡ଼ିକ ସହିତ ନୂଆଦିଲ୍ଲୀ ଟିଟିଇ ଲବିରେ ସଫଳତାର ସହିତ ପରୀକ୍ଷଣ କରାଯାଇଛି ଏବଂ ବର୍ତ୍ତମାନ ଭାରତୀୟ ରେଳବାଇର ଟିଟିଇ ଲବିରେ ନିୟୋଜିତ କରାଯାଉଛି। ଟ୍ରେନ୍ ଟିକେଟ୍ ପରୀକ୍ଷକ (ଟିଟିଇ) ମାନଙ୍କ ପାଇଁ ବାୟୋମେଟ୍ରିକ୍ ସାଇନ୍-ଇନ୍ ଏବଂ ସାଇନ୍-ଅଫ୍ ପଦକ୍ଷେପ କେବଳ ଦକ୍ଷତା ଏବଂ ସ୍ୱଚ୍ଛତା ଆଣିବ ନାହିଁ ବରଂ କର୍ମଚାରୀ ନିୟୋଜନର ତଦାରଖକୁ ମଧ୍ୟ ସୁଦୃଢ଼ କରିବ ଯାହା ଦ୍ୱାରା ଯାତ୍ରୀମାନଙ୍କ ପାଇଁ ସେବା ପ୍ରଦାନରେ ଉନ୍ନତି ଆସିବ।



**ଭୁବନେଶ୍ୱର : ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି ମନୋରଞ୍ଜନ ପାଣିଗ୍ରାହୀଙ୍କ ପିତାଙ୍କ ୧୦୦ତମ ଜନ୍ମ ଜୟନ୍ତୀ ଓ ସ୍ୱ-ରଚିତ ପୁସ୍ତକ "ବିତତ ବିଥୀକା" ଉନ୍ମୋଚନ ଉତ୍ସବ ସମାରୋହ। ଏହି ସମାରୋହରେ ଉପସ୍ଥିତ ଅଛନ୍ତି ପ୍ରସାଦ ହରିଚନ୍ଦନ, ଶାନ୍ତନୁ ଦାସ, ସୌମ୍ୟରଞ୍ଜନ ପଟ୍ଟନାୟକ, ମନୋରଞ୍ଜନ ପାଣିଗ୍ରାହୀ ଏବଂ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସି.ପି. ରାଧାକ୍ରିଷ୍ଣନ ...

ଖଣ୍ଡ ଭୋଟ ମିଳିଛି। ସେହିପରି ଜଷ୍ଟିସ ରେଡ୍ଡୀ ୩୦୦ ଖଣ୍ଡ ଭୋଟ ପାଇଛନ୍ତି। ୧୫ ଜଣ ସାଂସଦଙ୍କ ଭୋଟ ନାକଚ ହୋଇଥିବା ରିଟର୍ଣ୍ଣିଂ ଅଫିସର ତଥା ରାଜ୍ୟସଭା ମହାସଚିବ ପିସି ମୋଦୀ ଘୋଷଣା କରିଛନ୍ତି। ସିପି ରାଧାକ୍ରିଷ୍ଣନ ବିଜୟ ହୋଇଥିବାରୁ ସେ ଦେଶର ପରବର୍ତ୍ତୀ ଉପ ରାଷ୍ଟ୍ରପତି ଭାବେ ଶପଥ ନେବେ। ଉପ ରାଷ୍ଟ୍ରପତି ନିର୍ବାଚନ ପାଇଁ ମଙ୍ଗଳବାର ୧୦ଟାରୁ ଭୋଟିଂ ଆରମ୍ଭ ହୋଇଥିଲା। ପ୍ରଥମ ଭୋଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଇଥିଲେ। ଏହାପରେ ଉଭୟ ଲୋକସଭା ଓ ରାଜ୍ୟସଭାର ସାଂସଦମାନେ ଧାଡ଼ିରେ ଆସି ନିଜ ପସନ୍ଦର ପ୍ରାର୍ଥୀଙ୍କ ପାଇଁ ଭୋଟିଂ କରିଥିଲେ। ଉପ ରାଷ୍ଟ୍ରପତି ନିର୍ବାଚନରେ ୯୮% ଭୋଟିଂ ହୋଇଥିଲା। ଉଭୟ ଗୃହର ସାଂସଦଙ୍କ ସଂଖ୍ୟା ୭୮୮ ରହିଥିବା ବେଳେ ଏବେ ୭ଟି ଆସନ ଖାଲି ପଡ଼ିଛି। ୭୮୧ ବୈଧ ଭୋଟ ମଧ୍ୟରୁ ୧୩ ଜଣ ସାଂସଦ ଭୋଟ ଦେଇ ନଥିଲେ। ବିଆରଏସ୍‌ର ୪ ଜଣ, ବିଜେଡିର ୭ ଜଣ, ଅକାଳୀ ଦଳ ଓ ଜଣେ ସ୍ୱାଧୀନ ପ୍ରାର୍ଥୀ ଉପ ରାଷ୍ଟ୍ରପତି ନିର୍ବାଚନରେ ଭାଗ ନେଇ ନାହାନ୍ତି। ମୋଟ ୭୬୭ ଜଣ ସାଂସଦ ଭୋଟ ଦେଇଥିଲେ। ଏହା ମଧ୍ୟରୁ ୭୫୨ ବୈଧ ଓ ୧୫ଟିକୁ ନାକଚ କରାଯାଇଥିଲା। ବିଜେପି ନେତୃତ୍ୱାଧୀନ ଏନଡିଏର ୪୨୭ ଜଣ ସାଂସଦ ଭୋଟ ଦେଇଛନ୍ତି। ସେହିପରି ବିରୋଧୀ ମେଣ୍ଟର ସମସ୍ତ ୩୧୫ ଜଣ ସାଂସଦ ଭୋଟ ଦେଇଥିବା କଂଗ୍ରେସ ନେତା ଜୟରାମ ରମେଶ କହିଥିଲେ। ହେଲେ ବିରୋଧୀ ମେଣ୍ଟର ପ୍ରାର୍ଥୀ ସୁଦର୍ଶନ ରେଡ୍ଡୀଙ୍କୁ ପ୍ରଥମ ପସନ୍ଦର ଉପ ରାଷ୍ଟ୍ରପତି ଭାବେ ୩୦୦ ଖଣ୍ଡ ଭୋଟ ମିଳିଛି। ଅର୍ଥାତ ୧୫ ଖଣ୍ଡ ଭୋଟ ମିଳିନାହିଁ। ଯେଉଁ ୧୫ ଖଣ୍ଡ ଭୋଟ ନାକଚ ହୋଇଛି, ସମ୍ଭବତଃ ତାହା ବିରୋଧୀ ସାଂସଦଙ୍କର ବୋଲି କୁହାଯାଉଛି। ପୂର୍ବ ଗଣତି ହିସାବରେ ଏନଡିଏ ପ୍ରାର୍ଥୀ ଅଧିକ ଭୋଟ ପାଇଛନ୍ତି। ଏନଡିଏ ପାଖରେ ୪୨୭ ଜଣ ସାଂସଦ ଉଭୟ ସଦନରେ ଥିବା ବେଳେ ଏହା ଠାରୁ ଅଧିକ ସମର୍ଥନ ପାଇଛନ୍ତି ସିପି ରାଧାକ୍ରିଷ୍ଣନ। ଅର୍ଥାତ ଆନ୍ଧ୍ର ପ୍ରଦେଶର ୱାଇଏସଆର କଂଗ୍ରେସର କିଛି ସାଂସଦ ଏନଡିଏ ପ୍ରାର୍ଥୀଙ୍କୁ ଭୋଟ ଦେଇଛନ୍ତି। ରାଜ୍ୟସଭାରେ ଦଳର ୭ ଜଣ ଓ ଲୋକସଭାରେ ୪ ଜଣ ସଦସ୍ୟ ରହିଛନ୍ତି। ସେମାନେ ସମସ୍ତେ ସମ୍ଭବତଃ ସିପି ରାଧାକ୍ରିଷ୍ଣନଙ୍କୁ ସମର୍ଥନ କରିଛନ୍ତି। ସେହିପରି ରାଜ୍ୟସଭାରେ ଥିବା ଆପ୍‌ର ବିଦ୍ରୋହୀ ସାଂସଦ ସ୍ୱାତୀ ମାଲିୱାଲ ମଙ୍ଗଳବାର ବିଜେପି ପ୍ରାର୍ଥୀଙ୍କୁ ଭୋଟ ଦେଇଥିବା କୁହାଯାଉଛି। ଲୋକସଭାରେ ଥିବା ୭ ସ୍ୱାଧୀନ ସାଂସଦଙ୍କ ମଧ୍ୟରୁ ଜଣେ ଭୋଟିଂରୁ ଦୂରେଇ ରହିଥିଲେ। ବାକି ୬ ଜଣଙ୍କ ଭୂମିକା ଉପରେ ସମସ୍ତ ନଜର ରହିଥିଲା। ସେମାନେ ମଧ୍ୟ ଏନଡିଏକୁ ସମର୍ଥନ ଦେଇଛନ୍ତି। ଜେଡପିଏମ(ମିଜୋରାମ)ର ମଧ୍ୟ ଜଣେ ସାଂସଦ ବି ସିପି ରାଧାକ୍ରିଷ୍ଣନଙ୍କୁ ଭୋଟ ଦେଇଥିବା ଜଣାପଡ଼ିଛି। ଏଥିଯୋଗୁ ସିପି ରାଧାକ୍ରିଷ୍ଣ ମୋଟ ୪୫୨ ଖଣ୍ଡ ଭୋଟ ପାଇଛନ୍ତି। ତେବେ ଏହା ୩ ବର୍ଷ ତଳେ ଧନଖଡ଼ ହାସଲ କରିଥିବା ୫୨୮ଟି ଭୋଟରୁ କମ।

### ନେପାଳ ସ୍ଥିତି ...

ସରକାରରେ ଥିବା ନେତା ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଦଳର ଅଧକ୍ଷ ଓ ଉପାଧକ୍ଷ ଇସ୍ତଫା ଦେବାରେ ଲାଗିଛନ୍ତି। ଜଣଙ୍କ ପରେ ଜଣେ ସାଂସଦ ଇସ୍ତଫା ଦେଉଥିବାରୁ କେପି ଶର୍ମା ଓଲିଙ୍କ ଉପରେ ମଧ୍ୟ ଚାପ ବଢ଼ିବାରେ ଲାଗିଛି। ସେ ମଧ୍ୟ ଇସ୍ତଫା ଦିଅନ୍ତୁ ବୋଲି ବିକ୍ଷୋଭକାରୀ ଦାବି କରୁଛନ୍ତି। ସ୍ଥିତିକୁ ଦେଖି ଦେଶର ବିଭିନ୍ନ ସ୍ଥାନରେ କର୍ଫ୍ୟୁ ଲାଗୁ କରାଯାଇଛି। ତଥାପି କାଠମାଣ୍ଡୁ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରାନ୍ତରେ ଭୟଙ୍କର ବିକ୍ଷୋଭ ଜାରି ରହିଛି। ବିକ୍ଷୋଭକାରୀ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ସରକାରୀ ବାସଭବନରେ ପଶିବାକୁ ଉଦ୍ୟମ କରିବାରୁ ପୁଲିସ୍ ବାଧ୍ୟ ହୋଇ ଗୁଳି ଚଳାଇଛି। ଏଥିରେ ୨ ଜଣ ଆହତ ହୋଇଥିବା ଖବର ମିଳିଛି। ତ୍ରିଭୂବନ ଅନ୍ତର୍ଜାତୀୟ ଏୟାରପୋର୍ଟକୁ ବନ୍ଦ କରି ଦିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ ସମେତ ବିଭିନ୍ନ ମନ୍ତ୍ରୀମାନଙ୍କୁ ସେମାନଙ୍କ ବାସଭବନରୁ ହେଲିକପ୍ଟର ଯୋଗେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ସମସ୍ତଙ୍କୁ ଏୟାରପୋର୍ଟ ଅଣା ଯାଇ ଅନ୍ୟତ୍ର ପଠାଇବାର ବ୍ୟବସ୍ଥା କରାଯାଉଛି। ପ୍ରଧାନମନ୍ତ୍ରୀ କେପି ଓଲି ଶର୍ମା ନେପାଳରୁ ଘରୋଇ ବିମାନରେ ଦୁବାଇ ଯିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ତ୍ରିଭୂବନ ଏୟାରପୋର୍ଟରେ ଏଥିପାଇଁ ୩୦୦ ସେନା ଯବାନଙ୍କୁ ମୁତୟନ କରାଯାଇଛି। ନେପାଳ ଆର୍ମିର ହେଲିକପ୍ଟର ପୂରା ଅଞ୍ଚଳରେ ପଇଁତରା ମାରୁଛି।

### ୧୮ ମାସର ପରିଶ୍ରମ...

କିନ୍ତୁ, ବୈଠକ ଏକ ଦିନରେ ଶେଷ ହୋଇଥିଲା ଏବଂ ସମସ୍ତେ ସଂସ୍କାର ପ୍ରସ୍ତାବରେ ଏକମତ ହୋଇଥିଲେ। ସୀତାରମଣ କହିଛନ୍ତି, "ରାଜ୍ୟ ଅର୍ଥମନ୍ତ୍ରୀମାନେ ଦର ଯୌକ୍ତିକୀକରଣକୁ ସମର୍ଥନ କରିଥିଲେ।"

ସେ ଜଣାଇଛନ୍ତି ଯେ ୨୦୨୨ ପରେ ରାଜ୍ୟମାନଙ୍କୁ କୌଣସି କ୍ଷତିପୂରଣ ଦିଆଯାଇ ନାହିଁ। ବର୍ତ୍ତମାନ ସଂଗ୍ରହ ହେଉଥିବା ସେସ କୋଭିଡ ସମୟରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳମାନଙ୍କ ଦ୍ୱାରା ନିଆଯାଇଥିବା ଋଣ ପରିଶୋଧରେ ବ୍ୟବହୃତ ହେଉଛି।

### ଯୌତୁକ ନିଷେଧ...

ଶ୍ରୀମତୀ ପରିଡା ତୃଣମୂଳସ୍ତରରେ ମହିଳା ସୁରକ୍ଷା କେସ ସହ ଜଡ଼ିତ ଆହ୍ୱାନଗୁଡିକ ବିଷୟରେ ପ୍ରତିନିଧିମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ।

ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଯୌତୁକ ନିଷେଧ ଆଇନ ୧୯୬୧ ଓ ଘରୋଇ ହିଂସା ଆଇନ ୨୦୦୫ ର ଆବଶ୍ୟକତା ବିଷୟରେ ଆଲୋଚନା କରିବା ସହ ସେ ସମ୍ପର୍କିତ ମହିଳା ଓ ଶିଶୁ ବିକାଶ ବିଭାଗର ଯୋଜନା ଓ କାର୍ଯ୍ୟକାରିତା ଉପରେ ମଧ୍ୟ ଆଲୋକପାତ କରିଥିଲେ।

କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନୀଷା ବାନାର୍ଜୀ ଓ ଅତିରିକ୍ତ ଶାସନ ସଚିବ ସୁମିତ୍ରା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରତି ଜିଲ୍ଲାର ଶକ୍ତି ସଦନ, ୱାନ ଷ୍ଟପ ସେଣ୍ଟର, ପୋଲିସ ପ୍ରଶାସନିକ, ସୁରକ୍ଷା ଅଧିକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ୧୮୦ ଜଣ ପ୍ରତିନିଧିବୃନ୍ଦ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ବିଶିଷ୍ଟ ଆଇନଜୀବୀ ମାନସୀ ପାଢୀ ଆଇନଗତ ଢାଞ୍ଚା ଏବଂ ସୁରକ୍ଷା ଅଧିକାରୀଙ୍କ ଭୂମିକା, ଡିଆଇଆର ଦାଖଲ, କୋର୍ଟ ସମନ୍ୱୟ ଏବଂ ରିପୋର୍ଟିଂ ବ୍ୟବସ୍ଥା ସମ୍ପର୍କରେ, କ୍ଷେତ୍ରସ୍ତରୀୟ ଆହ୍ୱାନ ଏବଂ ସମନ୍ୱୟ ମଡେଲ, ପୋଲିସର ଭୂମିକା ଏବଂ ସେବା ପ୍ରଦାନକାରୀଙ୍କ ଭୂମିକା, ଯୌତୁକ ନିଷେଧ ଆଇନର ସାରାଂଶ, ମୁଖ୍ୟ ବ୍ୟବସ୍ଥା ଏବଂ ଦଣ୍ଡ ବିଧାନ ସମ୍ବନ୍ଧରେ, ଆଇନର ଅଭିଯୋଗ ପରିଚାଳନା, ତଦନ୍ତ ଏବଂ ସମନ୍ୱୟ, ପିଡବ୍ଲୁଡ଼ିଭିଏ ଓ ଡିପି ନିୟମର ଓଭରଲାପିଙ୍ଗ ମାମଲା ସମ୍ବନ୍ଧରେ ୬ଟି ଅଧିବେଶନ ମାଧ୍ୟମରେ ସୂଚନା ଉପସ୍ଥାପନ ପ୍ରଦାନ କରିବା ସହ ବିଶଦ ବିବରଣୀ ରଖିଥିଲେ। ଶେଷରେ ବିଭାଗୀୟ ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଯୁଦ୍ଧରେ ସ୍ଥଳ ...

ବୁଝିବା ଆବଶ୍ୟକ ଯେ ଯୁଦ୍ଧକୁ ଅଧିକ ଲମ୍ବା ସମୟ ପର୍ଯ୍ୟନ୍ତ ଜାରି ରଖିବା ପାଇଁ ଦ୍ୱିତୀୟ ପକ୍ଷରେ କେଉଁ ଟେକ୍‌ନିକ୍ ଉପଲବ୍ଧ। ଏଥିପାଇଁ ଆମେ ଏହା ସୁନିଶ୍ଚିତ କରିବାରେ ସକ୍ଷମ ହେବା ଦରକାର ଯେ ଆମ ପାଖରେ ଲମ୍ବା ଯୁଦ୍ଧ ପାଇଁ ପର୍ଯ୍ୟାପ୍ତ ସଂସାଧନ ଅଛି। ସେ କହିଛନ୍ତି ଯେ ଯଦି ଆପଣଙ୍କ ପାଖରେ କମ୍ ଖର୍ଚ୍ଚରେ ଉଚ୍ଚ ଟେକ୍‌ନିକ ଅଛି, ତେବେ ମଧ୍ୟ ଆପଣ ନିଜ ଠାରୁ ଉତ୍ତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରିପାରନ୍ତି।

### ଜମି ଅଧିକାର...

ବିଭାଗ ଇତ୍ୟାଦିର ଅବ୍ୟବହୃତ ଜମିକୁ ବିଭିନ୍ନ ଉନ୍ନୟନ ଯୋଜନା ନିମନ୍ତେ ସରକାରୀ ଖାତାକୁ ଆଣି ପ୍ରଦାନ କରିବା, ବିଭିନ୍ନ ପଡା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା, ଚକବନ୍ଦୀ ଆଦି ବିଷୟରେ ସମୀକ୍ଷା ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପଡିରହିଥିବା ଜମିଜମା ସମ୍ବନ୍ଧୀୟ, ରାଜସ୍ୱ, ଅଦାଲତ ମାମଲାଗୁଡିକର ତ୍ୱରିତ ଫଇସଲା କରିବା ନିମନ୍ତେ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ସେହିଭଳି ଭାବେ କ୍ୟାପିଟାଲ ରିଜନ୍ ରିଙ୍ଗରୋଡ(ସିଆରଆରଆର) ନିମନ୍ତେ ଜମି ଅଧିଗ୍ରହଣକୁ ସୁଗମ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏଥିସହ ସରକାରୀ ଜମିର ସୁରକ୍ଷା ଓ ଏହାର ଜବରଦଖଲକୁ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିବା ନିମନ୍ତେ ମନ୍ତ୍ରୀ ତହସିଲଦାର ଏବଂ ଉପଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ। ରାଜସ୍ୱ ସେବାଗୁଡିକ କିପରି ଭାବେ ଲୋକଙ୍କ ଦ୍ୱାରଦେଶରେ ପହଞ୍ଚିବ ସେଥିନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ସମୀକ୍ଷା ଶେଷରେ ରାଜସ୍ୱ ଓ ଭୂ-ଅର୍ଜନ କ୍ଷେତ୍ରରେ ସମ୍ପୃକ୍ତ ଅଧିକାରୀମାନେ ତତ୍ପରତାର ସହ ପଦକ୍ଷେପ ଗ୍ରହଣ କରିବା ଏବଂ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ନୂତନ ପ୍ରସ୍ତାବମାନ ଦାଖଲ କରିବାକୁ ରାଜସ୍ୱ ଅଧିକାରୀମାନଙ୍କୁ କହିଥିଲେ। କଟକରେ ଆବଶ୍ୟକ ହେଉଥିବା ଭିତ୍ତିଭୂମି ଏବଂ କର୍ମଚାରୀ ନିୟୋଜନ କରିବା ଉପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେବା ସହ ଜିଲ୍ଲାରେ ରାଜସ୍ୱ କ୍ଷେତ୍ରରେ ହେଉଥିବା କାର୍ଯ୍ୟଗୁଡିକ ଉପରେ ସନ୍ତୋଷବ୍ୟକ୍ତ କରିଥିଲେ।

ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜସ୍ୱ ବିଭାଗ ଅଧିନସ୍ଥ ସମସ୍ତ କାର୍ଯ୍ୟର ତଥ୍ୟ ପ୍ରସ୍ତୁତି କରାଯାଇ ରାଜସ୍ୱ ମନ୍ତ୍ରୀଙ୍କୁ ଅବଗତ କରଯାଇଥିଲା ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡକ୍ଟର ଦିବ୍ୟଲୋଚନ ମହାନ୍ତ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଉପସ୍ଥାପନ କରିଥିଲେ। ବୈଠକରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ନିଆଳି ବିଧାୟକ ଛବି ମଲ୍ଲିକ, ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନଙ୍କ ସମେତ କଟକ ସଦର, ଆଠଗଡ ଓ ବାଙ୍କୀ ଉପଜିଲ୍ଲାପାଳ ଏବଂ ସମସ୍ତ ତହସିଲଦାର ଏବଂ ସମସ୍ତ ଡେପୁଟୀ କଲେକ୍ଟର ଓ ଜିଲ୍ଲାର ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ। ରାଜସ୍ୱ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ କୁମାର ସାହୁ ଏହି ସମୀକ୍ଷା ସମୟରେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ଧନ୍ୟବାଦ ଅର୍ପଣ କରିଥିଲେ।

### ପୂଜା ସମୟରେ...

ରାଜ୍ୟରେ ବିଭିନ୍ନ ଜାତୀୟ ଓ ରାଜ୍ୟ ରାଜପଥରେ ସ୍ଥାୟୀ ଭାବେ ସିସିଟିଭି ଲାଗିବା ପାଇଁ ୧୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସବୁଠୁ ଫୋକସ ରେ ରହିବ ପୁରୀ। ଯେଉଁଥି ପାଇଁ ୧୦୦ କୋଟି ଟଙ୍କା ବିନିମୟରେ ଭୁବନେଶ୍ୱର ଉତ୍ତରା ଠାରୁ ପୁରୀ ଓ କୋଣାର୍କର ରାସ୍ତାରେ ସ୍ଥାୟୀ ଭାବେ ସିସିଟିଭି ଲଗାଇବା ଯୋଜନା ରହିଛି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 39/ET/SBP/ENGG/2025-26, ତା.03.09.2025ରିଖ

(1) ଇ-ଟେଣ୍ଡର ସଂ. 17-eT-SDENW-SBP-25

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଆରଙ୍ଗ ମହାନଦୀ - ରହେନବଟା ସେକ୍ସନରେ ଭିଟ୍ରିଫାଏଡ୍ ଟାଇଲ୍ସ ଫ୍ଲୋରିଙ୍ଗ, ସେରାମିକ୍ ଟାଇଲ୍ସ ଦ୍ୱାରା ବାଥରୁମ୍ ଶୌଚାଳୟ ଓ ରୋଷେଇ ଘର, ପାଣି ଟ୍ୟାପ୍, କିଚେନ୍ ସିଙ୍କ୍, ୱାଶ ବେସିନ୍ ଏବଂ ପାଇପ୍ ଇତ୍ୟାଦି ଦ୍ୱାରା ଷ୍ଟାଫ୍ କ୍ୱାର୍ଟରଗୁଡ଼ିକରେ ଉନ୍ନତି ସାଧନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 2,03,09,638.22, ବିଡ୍ ସିକ୍ୟୁରିଟୀ : ₹ 2,51,600/-

(2) ଇ-ଟେଣ୍ଡର ସଂ. 41-eT-DENE-SBP-25

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଝାରସୁଗୁଡ଼ା-କେରେଜାଙ୍ଗ ସେକ୍ସନରେ ଏକ ଅତିରିକ୍ତ ଲେୟାର (Layer) ପ୍ରଦାନ କରି ନିରାପତ୍ତା ବିଶେଷତା ନିମନ୍ତେ 10 ଗୋଟି ନନ୍-ଇଣ୍ଟରଲକ୍‌ଡ ଲେଭେଲ କ୍ରସିଙ୍ଗ ଅର୍ଥାତ୍ (JT-16, JT-18, ST-7, ST-15, ST-18, ST-38, ST-63, ST-65, ST-83 ଓ ST-88)ର ରକ୍ଷଣାବେକ୍ଷଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 38,30,666.60, ବିଡ୍ ସିକ୍ୟୁରିଟୀ : ₹ 76,700/-

(3) ଇ-ଟେଣ୍ଡର ସଂ. 36-eT-DENC-SBP-25

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସମ୍ବଲପୁର (IN) - ଢୁଙ୍ଗୁରିପାଲି (EX) ସେକ୍ସନରେ ଏକ ଅତିରିକ୍ତ ଲେୟାର (Layer) ପ୍ରଦାନ କରି ନିରାପତ୍ତା ବିଶେଷତା ନିମନ୍ତେ 13 ଗୋଟି ନନ୍-ଇଣ୍ଟରଲକ୍‌ଡ ଲେଭେଲ କ୍ରସିଙ୍ଗ ଅର୍ଥାତ୍ (JT-27, JT-37, JT-41, JT-42, JT-44, JT-45, JT-51, JT-54, JT-56, JT-57, JT-63, JT-64 ଓ JT-66)ର ରକ୍ଷଣାବେକ୍ଷଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 49,79,866.58, ବିଡ୍ ସିକ୍ୟୁରିଟୀ : ₹ 99,600/-

କାର୍ଯ୍ୟ ଶେଷ ହେବା ଅବଧି : 09 (ନଅ) ମାସ (କ୍ରମ ସଂଖ୍ୟା 1 ପାଇଁ) ଏବଂ 06 (ଛଅ) ମାସ (କ୍ରମ ସଂଖ୍ୟା 2 ଓ 3 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 06.10.2025, 1500 ଘଟିକା (ସମସ୍ତ ଟେଣ୍ଡର ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ସମ୍ବଲପୁର

PR-570/Q/25-26

# ବାଫ୍ଲିମାଳି ଖଣି ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ : ୭୦ ୟୁନିଟ୍ ରକ୍ତ ସଂଗୃହୀତ





**କାଶୀପୁର, ନ୍ୟୁଜ ବ୍ୟୁରୋ**

ରକ୍ତ ଦାନ, ମହତ ଦାନ। ରକ୍ତ ଦାନ କରି ଜଣେ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇବା ଉଦ୍ଦେଶ୍ୟ ନେଇ ମଙ୍ଗଳବାର ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ, ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ, ବାଫ୍ଲିମାଳି ଖଣି ଓ ଜିଲ୍ଲା ରକ୍ତ କେନ୍ଦ୍ର ତରଫରୁ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ପ୍ରାରମ୍ଭରେ ଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଥିଲା। ଶିବିରରେ ବାଫ୍ଲିମାଳୀ ଖଣି ମୁଖ୍ୟ ବିଜୟ ଚୌହାନ ଉପସ୍ଥିତ ରହି ରକ୍ତଦାନ କରିବା ସହ ସହଯୋଗୀ କର୍ମଚାରୀଙ୍କୁ ମଧ୍ୟ ରକ୍ତଦାନ କରିବା ନିମନ୍ତେ ଉତ୍ସାହିତ କରିଥିଲେ। ପରେ ଉଦବୋଧନ ଦେଇ ଚୌହାନ କହିଛନ୍ତି ଯେ, ରକ୍ତ ଅଭାବରୁ ଯେପରି କୌଣସି ବ୍ୟକ୍ତିଙ୍କ ଜିବନହାନି ନହୁଏ ସେଥିପାଇଁ ଦାୟିତ୍ୱବାନ ନାଗରିକ ଭାବେ ସମସ୍ତେ ଯତ୍ନବାନ ହେବା। ରକ୍ତଦାନ କରି ଲୋକଙ୍କୁ ନୂତନ ଜୀବନ ଦେବା ସହିତ ଏହି ମହତ କାର୍ଯ୍ୟରେ ଉତ୍ସାହ ସହକାରେ ଯୋଗଦାନ କରିବାକୁ ଶ୍ରୀ ଚୌହାନ ପରାମର୍ଶ ଦେଇଥିଲେ। ଉତ୍କଳ ଆଲୁମିନା ସିଏସଆର୍ ଜରିଆରେ ସବୁବେଳେ ସମାଜମଙ୍ଗଳ କାର୍ଯ୍ୟରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଛି। ପ୍ରଭାବିତ ଓ ପର୍ଶ୍ୱସ୍ଥ ଗ୍ରାମାଞ୍ଚଳରେ ଲୋକଙ୍କ କୌଶଳ ଭିତ୍ତିକ ଜୀବିକା ପ୍ରଦାନ, ସାମାଜିକ ତଥା ଅର୍ଥନୈତିକ ଉନ୍ନତୀକରଣ ପାଇଁ ସର୍ବଦା ପ୍ରଚେଷ୍ଟା ଜାରି ରହିଛି। ଏହି କ୍ରମରେ କମ୍ପାନୀ ତରଫରୁ ରକ୍ତ ଅଭାବରୁ ଯେପରି କାହାର ପ୍ରାଣହାନୀ ନହୁଏ ଏଥିପାଇଁ ପଦକ୍ଷେପ ସ୍ୱରପ ଏହି ରକ୍ତ ଦାନ ଶିବିର ଆୟୋଜନ ହୋଇଛି। ଉକ୍ତ ରକ୍ତଦାନ ଶିବିରରେ ଉତ୍କଳ ଆଲୁମିନା ବାଫ୍ଲିମାଳି ଖଣିରେ କାର୍ଯ୍ୟରତ କର୍ମଚାରୀ ଓ ସହଯୋଗୀ କମ୍ପାନୀର କର୍ମକର୍ତ୍ତା ମାନେ ଆଗ୍ରହ ସହକାରେ ରକ୍ତଦାନ କରିଥିଲେ। ଶିବିରରେ କାଶୀପୁର ଥାନାଧିକାରୀ ଦେବ୍ ମଲ୍ଲିକ, ଏସଆଇ ପ୍ରଶାନ୍ତ ସ୍ୱାଇଁ, ଅଣ୍ଡିରାକଞ୍ଚ ଏସଆଇ ଅରୁଣ ପାତ୍ରଙ୍କ ସମେତ ଉତ୍କଳ ଆଲୁମିନା ସିଏସଆର ମୁଖ୍ୟ ଲୋପାମୁଦ୍ରା ମିଶ୍ର, ଖଣି ସିଏସଆର ମୁଖ୍ୟ ମନୋଜ ଦାଶ, ସୁଶାନ୍ତ ଧଳ, ବିନୋଦ ପୂଜାରୀ, ରୁପେନ୍ ପଟ୍ଟନାକ, ଦିଗନ୍ତ ମହାନ୍ତି, ସଞ୍ଜୀବ ମହାନ୍ତି, ଦିଲୀପ ନାଏକ, ଦେବୀ ପ୍ରିୟା, ନିରୁପମା ବାରିକ, ସସ୍ମିତା ଖୋସଲା, ସୁଧୀର ନାଏକଙ୍କ ସମେତ ଅନ୍ୟ ସିଏସଆର ଓ ଖଣି ବିଭାଗ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଉକ୍ତ ରକ୍ତଦାନ ଶିବିରରେ ୭୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି।

ଭୁବନେଶ୍ୱର
୧୦ ସେପ୍ଟେମ୍ବର,
ବୁଧବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ତାରାତାରିଣୀ ପୀଠରେ ଅନ୍ନ ପ୍ରସାଦ ବ୍ୟବସ୍ଥା

# ୩୦ ମିନିଟରେ ୧୦ହଜାର ଲୋକଙ୍କ ପାଇଁ ରୋଷେଇ

**ବ୍ରହ୍ମପୁର, ୯/୯ ନ୍ୟୁଜ ବ୍ୟୁରୋ**

ଦେଶର ବିଭିନ୍ନ ପ୍ରମୁଖ ମନ୍ଦିର ଭଳି ଓଡ଼ିଶାର ଅନ୍ୟତମ ଆଦିଶକ୍ତି ପୀଠ ଗଞ୍ଜାମ ଜିଲ୍ଲାର ମାଆ ତାରାତାରିଣୀଙ୍କ ପୀଠରେ ଆରମ୍ଭ ହୋଇଛି ଅନ୍ନପ୍ରସାଦ ସେବନ ବ୍ୟବସ୍ଥା । ପ୍ରଥମ ଥର ମା'ଙ୍କ ପୀଠରେ ଏହି ବ୍ୟବସ୍ଥା ଆରମ୍ଭ ହୋଇଥିବା ବେଳେ ଏକା ଥରକେ ୧୦ ହଜାର ଭକ୍ତଙ୍କ ପାଇଁ ପ୍ରସାଦ ରନ୍ଧନ ବ୍ୟବସ୍ଥା କରାଯାଇଛି । ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଗଞ୍ଜାମ ଜିଲ୍ଲାର ଇଷ୍ଟଦେବୀ ମା' ତାରାତାରିଣୀଙ୍କ ପୀଠକୁ ଆସନ୍ତି ହଜାର ହଜାର ଶ୍ରଦ୍ଧାଳୁ । ଏଣିକି ମା'ଙ୍କ ଦର୍ଶନ ପରେ ଭୋକିଲା ଫେରିବେନି ଭକ୍ତ। ମା'ଙ୍କ ପୀଠରେ ଆରମ୍ଭ ହୋଇଛି ଅନ୍ନପ୍ରସାଦ ବ୍ୟବସ୍ଥା। ପୂର୍ବରୁ ଏଭଳି ବ୍ୟବସ୍ଥା ଆରମ୍ଭ କରିବାକୁ ଯୋଜନା କାରାଯାଇଥିଲା। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଗ୍ରହଣ



କରାଯାଇଛି । ରାଜ୍ୟ ସରକାରଙ୍କ ଆର୍ଥିକ ସହାୟତାରେ ଅତ୍ୟାଧୁନିକ ରାନ୍ଧିବା ମେସିନ୍, ପାକଶାଳା, ଭକ୍ତଙ୍କ ଖାଇବା ପାଇଁ ସ୍ୱତନ୍ତ୍ର ଏସି ରୁମ୍ ଭଳି ବ୍ୟବସ୍ଥା କରାଯାଇଛି । ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତିଭାସନ ଭକ୍ତଙ୍କୁ ଅନ୍ନପ୍ରସାଦ ବଣ୍ଟନ କରି ଏହାର ଶୁଭାରମ୍ଭ କରିଛନ୍ତି । ଜିଲ୍ଲାପାଳ କହିଛନ୍ତି, 'ଏଠାରେ ଅଟୋମେଟିକ୍ କିଚେନ୍ ମେସିନ୍ ଲାଗିଥିବା ବେଳେ କମ୍ ସମୟ ମଧ୍ୟରେ ପର୍ଯ୍ୟାପ୍ତ ପରିମାଣର ଅନ୍ନପ୍ରସାଦ ଯୋଗାଇବାର ବ୍ୟବସ୍ଥା ରହିଛି । ଏକ ସପ୍ତାହ ଧରି କେତେ ଅନ୍ନପ୍ରସାଦ ଆବଶ୍ୟକ ତାହାକୁ ଅନୁଧ୍ୟାନ କରାଯାଉଛି ଏବଂ ଏହାକୁ ପରିଚାଳନା କରିବା ପାଇଁ ସେବାୟତଙ୍କ କମିଟି ଗଠନ କରାଯାଇଛି। ଯଦି କୌଣସି ବ୍ୟକ୍ତି ଅଧିକ ପ୍ରସାଦ ପାଇଁ ଆଗୁଆ ଜଣାଇବେ, ସେମାନଙ୍କୁ ମଧ୍ୟ ପ୍ରସାଦ ପ୍ରଦାନ ବ୍ୟବସ୍ଥା କରାଯିବ।' ତାରାତାରିଣୀ ପୀଠ ପୂଜକ ବାପୁଜୀ ରଣା କହିଛନ୍ତି, 'ଦେଶର ପ୍ରମୁଖ ମନ୍ଦିର ଭଳି ମା' ତାରାତାରିଣୀଙ୍କ ମନ୍ଦିରରେ ମଧ୍ୟ ପ୍ରସାଦସେବନ ବ୍ୟବସ୍ଥା କରାଯାଇଛି। ମା'ଙ୍କ ଦର୍ଶନ ପାଇଁ ଆସୁଥିବା ସମସ୍ତ ଭକ୍ତ ଯେଭଳି ପ୍ରସାଦ ସେବନ କରି ପ୍ରତ୍ୟାବର୍ତ୍ତନ କରିବେ ସେ ନେଇ ପୀଠରେ ପ୍ରସ୍ତୁତି କରାଯାଇଛି। ଭକ୍ତମାନେ ଯେପରି ଶାନ୍ତିରେ ବସି ପ୍ରସାଦ ସେବନ କରିପାରିବେ ସେଥିପାଇଁ ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ ଗୃହ ସୁବିଧା ରହିଛି ।' ମନ୍ଦିର ପରିଚାଳନା ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ଟି.କେ.ରେଡ୍ଡୀଙ୍କ କହିବା ହେଲା, 'ମାତ୍ର ଅଧ ଘଣ୍ଟା ମଧ୍ୟରେ ୧୦ ହଜାର ଲୋକଙ୍କ ପାଇଁ ପ୍ରସାଦ ପ୍ରସ୍ତୁତ କରାଯାଇ ପାରିବ। ପ୍ରଥମ ଥର ପାଇଁ ଏହି ପ୍ରୋଜେକ୍ଟ ହାତକୁ ନିଆଯାଇଛି । ଦେଶର ଅନ୍ୟ ମନ୍ଦିରମାନଙ୍କରେ ଯେଭଳି କମ୍ ସମୟ ମଧ୍ୟରେ, ସୁଚାରୁ ରୂପରେ ଓ ସ୍ୱଳ୍ପ ଦରରେ ପ୍ରସାଦ ଦିଆଯାଉଛି, ଠିକ୍ ସେହି ଅନୁଭୂତିକୁ ନେଇ ମା' ତାରାତାରିଣୀଙ୍କ ପୀଠରେ ଏଭଳି ପ୍ରଚେଷ୍ଟା କରାଯାଇଛି ।' ମା' ତାରାତାରିଣୀ ପୀଠରେ ଅନ୍ନପ୍ରସାଦ ଶୁଭାରମ୍ଭ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ଛତ୍ରପୁର ଉପଜିଲ୍ଲାପାଳ ଡ. ଶିବାଶିଷ ବରାଳ, ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରା, ବିଡିଓ ଶରତ ପାତ୍ର, ମନ୍ଦିର ଉନ୍ନୟନ କମିଟି ସମ୍ପାଦକ ପ୍ରମୋଦ ପଣ୍ଡା, ମନ୍ଦିର ନିର୍ବାହୀ ଅଧିକାରୀ ଟି.କେ. ରେଡ୍ଡୀ ଏବଂ ସେବାୟତ ବାପୁଜୀ ରଣା।

## ଶ୍ରୀମନ୍ଦିରରେ ବଡ଼ମହାସ୍ନାନ

# ଘଣ୍ଟାଏ ସର୍ବସାଧାରଣ ଦର୍ଶନ ବନ୍ଦ



**ପୁରୀ, ୯/୯ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ବଡ଼ମହାସ୍ନାନ ଯୋଗୁଁ ବନ୍ଦ ହେଲା ଦର୍ଶନ। ଭିତର କାଠ ପାଖରେ ଛେପ ଖଙ୍କାର ପଡ଼ିଥିବାରୁ ହୋଇଛି ବଡ଼ ମହାସ୍ନାନ। ଆରମ୍ଭ ହୋଇଛି ମହାସ୍ନାନ ନୀତି। ଏଥିଲାଗି ପ୍ରାୟ ଏକଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଅବକାଶ ପୂଜା ସମୟରେ ଶ୍ରୀଜୀଉଙ୍କ ହୋଇଛି ବଡ଼ମହାସ୍ନାନ।
ସାମାଜିକ ଗଣମାଧ୍ୟମରେ ଏନେଇ ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ପ୍ରଶାସନ।

## ଓଡ଼ିଶା ପତ୍ରକାର ସଂଘର ୧୬ତମ ପ୍ରତିଷ୍ଠା ଦିବସ

# ନିରପେକ୍ଷ ଓ ଗଠନ ମୂଳକ ସମ୍ବାଦ ସମାଜକୁ ଦିଗଦର୍ଶନ ଦିଏ

**ଭୁବନେଶ୍ୱର, ୯/୯ ନ୍ୟୁଜ ବ୍ୟୁରୋ**

ସମାଜ ଓ ରାଷ୍ଟ୍ରର ବିକାଶ ପାଇଁ ସମ୍ବାଦପତ୍ରର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ନିରପେକ୍ଷ ଓ ଗଠନମୂଳକ ସମ୍ବାଦ ପରିବେଷଣ ଦ୍ୱାରା ସମାଜର ବିକାଶ ହେବା ସହ ରାଷ୍ଟ୍ରର ଉନ୍ନତି ହୋଇଥାଏ। ହେଲେ ବର୍ତ୍ତମାନ ଦେଖାଯାଉଛି, ସମ୍ବାଦପତ୍ର ଓ ସାମ୍ବାଦିକମାନେ କିଛି ମାତ୍ରାରେ ଏଥିରୁ ବିଚ୍ୟୁତ ହେଉଛନ୍ତି। ସତ୍ୟ, ନିରପେକ୍ଷ ଓ ଗଠନମୂଳକ ସମ୍ବାଦ ପ୍ରକାଶନ ଦ୍ୱାରା ସମାଜର ଅବହେଳିତ ଲୋକଙ୍କ କଥା ସରକାରଙ୍କ ନିକଟରେ ପହଞ୍ଚିପାରେ ଏବଂ ସେମାନଙ୍କ ସମସ୍ୟାର ଦୂର ହୁଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।




ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଓଡ଼ିଶା ପ୍ରତକାର ସଂଘର ୧୬ତମ ପ୍ରତିଷ୍ଠାଦିବସରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗଦେଇ କହିଲେ ଯେ, ସାମ୍ବାଦିକମାନେ ଏକାଠି ହେଲେ ସେମାନଙ୍କ ସମସ୍ୟା ଦୂର ହେବା ସହ ସରକାର ମଧ୍ୟ ସେମାନଙ୍କ ଦାବି ପୂରଣ କରିବା ପାଇଁ ବାଧ୍ୟ ହେବେ। ସାମ୍ବାଦିକମାନଙ୍କ ଏକତା ଅଭାବରୁ ସେମାନେ ଆଜି ଅବହେଳିତ। ଅନ୍ୟତମ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇ ସମ୍ବାଦିକଙ୍କ ସମସ୍ୟା ଓ ସମ୍ବାଦ ପରିବେଷଣ ଉପରେ ଆଲୋକପାତ କରିଥିଲେ। ସାମ୍ବାଦିକ ସୁରକ୍ଷା ଆଇନ୍ କାର୍ଯ୍ୟକାରୀ କରିବା ପାଇଁ ସରକାର ଅନୁଧ୍ୟାନ କରୁଛନ୍ତି ବୋଲି କହିଥିଲେ। ସଂଘର ପ୍ରତିଷ୍ଠାତା ସଭାପତି ସୁରେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲି ଯୋଗଦେଇ ସାମ୍ବାଦିକମାନଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରମିକନେତା ମହେନ୍ଦ୍ର ପରିଡ଼ା, ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ବିଶୋୟୀ ଯୋଗଦେଇ ସାମ୍ବାଦିକମାନେ ନିରପେକ୍ଷ ଓ ସତ୍ୟ ସମ୍ବାଦ ପରିବେଷଣ କଲେ ସମାଜର ତଳସ୍ତରରେ ଲୋକେ ନ୍ୟାୟ ପାଇପାରିବେ ବୋଲି ମତ ରଖିଥିଲେ।
ସଂଘର ରାଜ୍ୟ ସଭାପତି ଅବିନାଶ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ରାମଦାସ ଲିମା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏଥିସହ ସାମ୍ବାଦିକଙ୍କ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଏହି ଅବସରରେ ଓଡ଼ିଶା ପତ୍ରକାର ସଂଘର ୱେବସାଇଟ୍‌କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ରାଜ୍ୟ ଉପସଭାପତି ସୁରେଶ ଦାଶ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଧୃତିଧର ଦାସ।

# ଖରିଫ ଋତୁ ପାଇଁ ୨୯% ଅଧିକ ଚାଷୀ ହୋଇଛନ୍ତି ପଞ୍ଜୀକୃତ: ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୯/୯ ନ୍ୟୁଜ ବ୍ୟୁରୋ**

୨୦୨୫-୨୬ ଖରିଫ ଋତୁ ପାଇଁ ଆନ୍ତଃମନ୍ତ୍ରଣାଳୟ କମିଟିର ପ୍ରଥମ ବୈଠକ ଉପ-ମୁଖ୍ୟମନ୍ତ୍ରୀ ଏବଂ କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓଙ୍କ ଅଧ୍ୟକ୍ଷତାରେ ଲୋକ ସେବା ଭବନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଉପ-ମୁଖ୍ୟମନ୍ତ୍ରୀ ଚାଷୀଙ୍କ ସୁବିଧାକୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ବିଭାଗର ସମନ୍ୱୟ ସହିତ ସ୍ଥାୟୀ ମଡେଲ ମଣ୍ଡି ନିର୍ମାଣ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ବୈଠକରେ ନଭେମ୍ବର ଶେଷ ସୁଦ୍ଧା ଖରିଫ ଫସଲ କ୍ରୟ କରିବାକୁ ଯୋଜନା କରିଛନ୍ତି । ତଦନୁସାରେ, ରୋଡମ୍ୟାପ୍ ପ୍ରସ୍ତୁତ କରାଯାଉଛି। ରିପୋର୍ଟରେ କୁହାଯାଇଛି ଯେ, ସରକାରଙ୍କ ଦ୍ୱାରା ପ୍ରତି କ୍ୱିଣ୍ଟାଲ ପିଛା କ୍ରୟ ମୂଲ୍ୟ ୩୧୦୦ ଟଙ୍କା ଥିବାରୁ, ଅନେକ ଅଣ-ଧାନ ଚାଷୀ ମଧ୍ୟ ଧାନ ଚାଷ ପ୍ରତି ଆଗ୍ରହ ଦେଖାଇ ଧାନ ଚାଷକୁ ସ୍ଥାନାନ୍ତରିତ ହୋଇଛନ୍ତି। ତେଣୁ ପୂର୍ବ ବର୍ଷ ତୁଳନାରେ ନୂତନ ଚାଷୀଙ୍କ ପଞ୍ଜୀକରଣରେ ୨୯ ପ୍ରତିଶତ ବୃଦ୍ଧି ଘଟିଛି। ଏହା ବ୍ୟତୀତ, ଧାନର କ୍ରୟ ପରବର୍ତ୍ତୀ ପରିଚାଳନା ପାଇଁ ଅଧିକ ଗୋଦାମ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହା ଏଫ୍‌ସିଆଇ, ସମବାୟ ବିଭାଗ ଏବଂ ରାଜ୍ୟ ଗୋଦାମ ନିଗମ ଦ୍ୱାରା କରାଯିବ। ସେହିପରି ଏଫ୍‌ସିଆଇ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ପରିମାଣର ଚାଉଳ କ୍ରୟ ବ୍ୟତୀତ ଅତିରିକ୍ତ ଚାଉଳ ପରିଚାଳନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିବ। ଏହି ଉଦ୍ଦେଶ୍ୟରେ ସରକାର ଇଥାନଲ ଉତ୍ପାଦନ ପାଇଁ ଇଥାନଲ ପ୍ଲାଣ୍ଟଗୁଡ଼ିକୁ ଭଙ୍ଗା ଚାଉଳ ଯୋଗାଣ, ବିଭିନ୍ନ ଯୋଜନା ମାଧ୍ୟମରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରଗୁଡ଼ିକୁ ମାଗଣା ଚାଉଳ ବଣ୍ଟନ ଏବଂ ଅନ୍ୟ ଦେଶକୁ ରପ୍ତାନି କରିବାକୁ ଯୋଜନା କରୁଛନ୍ତି । ଅଧିକ ଚାଉଳ ମିଲ୍ ଖୋଲିବା, ବିଦ୍ୟମାନ ମିଲ୍‌ଗୁଡ଼ିକୁ ହାଇବ୍ରିଡ୍ ମିଲ୍‌କୁ ଉନ୍ନୀତ କରିବା ବିଷୟରେ ମଧ୍ୟ ଆଲୋଚନା ହୋଇଛି । ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଏବଂ ବାଣିଜ୍ୟ କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ କୁମାର ଶର୍ମା, ଅର୍ଥ ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ର, କୃଷି ସଚିବ ଡକ୍ଟର ଅରବିନ୍ଦ କୁମାର ପାଢୀ, ଖାଦ୍ୟ ଯୋଗାଣ ଏବଂ ଗ୍ରାହକ କଲ୍ୟାଣ ସଚିବ ସଞ୍ଜୟ କୁମାର ସିଂହ, କମିଶନର ତଥା ସମବାୟ ସଚିବ ରାଜେଶ ପ୍ରଭାକର ପାଟିଲ ଏହି ବୈଠକରେ ଉପସ୍ଥିତ ଥିଲେ ଏବଂ ପ୍ରସ୍ତୁତି ଉପରେ ସେମାନଙ୍କର ସୁଚିନ୍ତିତ ମତାମତ ମଧ୍ୟ ପ୍ରକାଶ କରିଥିଲେ।

# କ୍ୟାପିଟାଲ ହସ୍ପିଟାଲରେ 'ଟ୍ରମା କେୟାର ସେଣ୍ଟର'

## ଖୁବ୍‌ଶୀଘ୍ର ରୋଗୀ ପାଇବେ ଅତ୍ୟାଧୁନିକ ସେବା

**ଭୁବନେଶ୍ୱର,୦୯/୦୯ ନ୍ୟୁଜ ବ୍ୟୁରୋ**

ଖୁବ୍‌ଶୀଘ୍ର ରୋଗୀଙ୍କ ସେବାରେ ଲାଗିବ କ୍ୟାପିଟାଲ ହସ୍ପିଟାଲ- ପିଜିଆଇଏମ୍‌ଇଆର 'ଟ୍ରମା କେୟାର ସେଣ୍ଟର' । ଏନେଇ ପୂର୍ତ୍ତ ବିଭାଗ ସବୁଜ ସଙ୍କେତ ଦେଇଛି । ନିର୍ମାଣ ଦାୟିତ୍ୱରେ ଥିବା ଏଲ୍ ଆଣ୍ଡ ଟି ସଂସ୍ଥା ପୂର୍ତ୍ତ ବିଭାଗକୁ ଚିଠି ଲେଖି ଜଣାଇଛି। ବର୍ତ୍ତମାନ ସ୍ୱାସ୍ଥ୍ୟ ବିଭାଗ ଟ୍ରମା କେୟାର ପରିଚାଳନା ପାଇଁ ଆବଶ୍ୟକ ହେଉଥିବା ମାନବ ସମ୍ବଳ ଓ ଯନ୍ତ୍ରାଂଶ କିଣିବା କ୍ଷେତ୍ରରେ ପ୍ରକ୍ରିୟା ଆରମ୍ଭ କରିଛି । ୨୦୨୨ରେ ହସ୍ପିଟାଲର ଆଶୁ ଚିକିତ୍ସା କେନ୍ଦ୍ର ସମ୍ମୁଖରେ ଲେବଲ-୧ ଟ୍ରମା କେୟାର ସେଣ୍ଟର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏଥିପାଇଁ ଆଶୁ ଚିକିତ୍ସା କେନ୍ଦ୍ର ସମ୍ମୁଖରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା । କେନ୍ଦ୍ର ପାଇଁ ମୋଟ ୮୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ଏହି କେନ୍ଦ୍ରଟି ୫ମହଲା ବିଶିଷ୍ଟ । ଏହି ଟ୍ରମା କେୟାର ସେଣ୍ଟରରେ ୨୦୦ ଶଯ୍ୟା ରହିବ । ଆଶୁ ଚିକିତ୍ସା (କାଜୁଆଲିଟି)ରୁ ରୋଗୀ ସଂଖ୍ୟା କମାଇବା ପାଇଁ ଟ୍ରମା କେୟାର ୟୁନିଟରେ ଅସ୍ଥିଶଲ୍ୟ, ସର୍ଜରୀ ବିଭାଗ ସହ ମଡ୍ୟୁଲାର ଓଟି, ପ୍ଲାଷ୍ଟିକ୍ ସର୍ଜରୀ, ନିଶ୍ଚେତକ ବିଭାଗ ଓ ବିଭିନ୍ନ ରୋଗୀ ୱାର୍ଡ ରହିଛି। ଏହା କାର୍ଯ୍ୟକ୍ଷମ ହେଲେ ବଡ଼ ଦୁର୍ଘଟଣା ହେଉ ବା ଆଘାତ ଜନିତ ଅତ୍ୟାଧୁନିକ ଚିକିତ୍ସା ମିଳିପାରିବ। ବର୍ତ୍ତମାନ ଏଠାରେ କେବଳ ଛୋଟ ଧରଣର ଆଘାତ ଜନିତ ଚିକିତ୍ସା କରାଯାଉଛି। ଗୁରୁତର ରୋଗୀଙ୍କୁ ଏସ୍‌ସିବି କିମ୍ବା ଏମ୍‌ସ ଭଳି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଉଛି। ପିଜିଆଇଏମ୍‌ଇଆର ପ୍ରଶାସନିକ ବିଲ୍ଡିଂ ଠାରୁ ଆରମ୍ଭ କରି ବିଭିନ୍ନ ବିଭାଗ ଓ ଛାତ୍ରାବାସ ଆଦି ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ପାଇଁ ସଂସ୍ଥା ଏନେଇ ଚିଠି ଲେଖି ଜଣାଇଛି।




# ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ଅନ୍ତିମ ସଂସ୍କାର ସମ୍ପନ୍ନ

## ଦଳମତ ନିର୍ବିଶେଷରେ ବରିଷ୍ଠ ନେତୃବୃନ୍ଦ ଯୋଗଦେଲେ

**ଭୁବନେଶ୍ୱର, ୯/୯ ନ୍ୟୁଜ ବ୍ୟୁରୋ**

ବିଜୁ ଜନତା ଦଳର ବରିଷ୍ଠ ନେତା, ପୂର୍ବତନ ମନ୍ତ୍ରୀ ତଥା ନୂଆପଡ଼ାର ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ନୂଆପଡ଼ା ଠାରେ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି। ଏହି ଅବସରରେ ସ୍ଥାନୀୟ ଜନସାଧାରଣଙ୍କ ସମେତ ବିଜେଡିର ବରିଷ୍ଠ ନେତୃବୃନ୍ଦ, ଅନ୍ୟ ରାଜନୈତିକ ଦଳର ନେତୃବୃନ୍ଦଙ୍କ ସହ ବିଭିନ୍ନ ଧର୍ମ ଓ ସମାଜର ପ୍ରତିନିଧି ଉପସ୍ଥିତ ରହି ଅନ୍ତିମ ଯାତ୍ରାରେ ସାମିଲ ହେବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ମଙ୍ଗଳବାର ମଧ୍ୟାହ୍ନରେ ଚେନ୍ନାଇରୁ ତାଙ୍କ ପାର୍ଥିବ ଶରୀର ରାୟପୁର ବିମାନବନ୍ଦରରେ ପହଞ୍ଚିବା ପରେ ଆମ୍ବୁଲାନ୍ସ ଯୋଗେ ଖରିଆର ରୋଡକୁ ଅଣାଯାଇଥିଲା। ଶୋକାକୁଳ ପରିବେଶରେ ନୂଆପଡ଼ା ଓ ଖରିଆର ରୋଡ ଅଧିବାସୀ ତଥା ନିକଟସ୍ଥ ଅଞ୍ଚଳର ନେତୃମଣ୍ଡଳୀ ତାଙ୍କୁ ଶେଷ ସମ୍ମାନ ଜଣାଇବା ପାଇଁ ନୂଆପଡ଼ା ଓ ଖରିଆର ରୋଡରେ ପହଞ୍ଚିଥିଲେ ଏବଂ ଶ୍ରଦ୍ଧାଞ୍ଜଳି ପାଇଁ ବିଭିନ୍ନ ସ୍ଥାନରେ ଉପସ୍ଥିତ ଥିଲେ । ସ୍ୱର୍ଗତ ଢୋଲକିଆଙ୍କ ସମ୍ମାନାର୍ଥେ ସମସ୍ତ ଦୋକାନ ବଜାର ଓ ଶିକ୍ଷାନୁଷ୍ଠାନ



ବନ୍ଦ ରହିଥିଲା। ଦଳମତ ନିର୍ବିଶେଷରେ ସମସ୍ତଙ୍କ ଉପସ୍ଥିତିରୁ ସ୍ୱର୍ଗତ ଢୋଲକିଆଙ୍କ ଲୋକପ୍ରିୟତା ଦେଖିବାକୁ ମିଳିଥିଲା। ନୂଆପଡ଼ାର ବିଭିନ୍ନ ଛକରେ ତାଙ୍କ ପାର୍ଥିବ ଶରୀରକୁ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଦିଆଗଲା ପରେ ଖରିଆର ରୋଡରେ ତାଙ୍କ ବାସଭବନ ସନ୍ନିକଟ ବିଦ୍ୟାଳୟରରେ ଅଞ୍ଚଳବାସୀ ଶେଷ ଦର୍ଶନ କରିଥିଲେ। ହଜାର ହଜାର ଲୋକଙ୍କ ଉପସ୍ଥିତିରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହିତ ବିଜୁ ଜନତା ଦଳ ତରଫରୁ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ଉପସଭାପତି ପ୍ରଣବ ପ୍ରକାଶ ଦାସ, ବିଧାୟକ ଅଧିରାଜ ପାଣିଗ୍ରାହୀ ସ୍ୱର୍ଗତ ଢୋଲକିଆଙ୍କ ପାର୍ଥିବ ଶରୀରରେ ଦଳୀୟ ପତାକା ଅର୍ପଣ କରିଥିଲେ । ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବରିଷ୍ଠ ସାଧାରଣ ସମ୍ପାଦିକା ଶ୍ରୀମତୀ ଟୁକୁନି ସାହୁ, ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ, ସାଧାରଣ ସମ୍ପାଦକ ବିଜୟ ନାୟକ, ବିଧାୟିକା ବର୍ଷା ସିଂ ବରିହା, ବିଧାୟକ ପ୍ରଦୀପ ଦିଶାରୀ, ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ବିଧାୟକ ସୁଦର୍ଶନ ହରିପାଲ, ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ଆୟୁବ ଖାନ୍, ନୂଆପଡ଼ା ଜିଲ୍ଲା ସଭାପତି ଅବନୀ ଯୋଶୀ, ବଲାଙ୍ଗୀର ଜିଲ୍ଲା ସଭାପତି ସରୋଜ ମେହେର, ବରଗଡ଼ ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ର, ଲମ୍ବୋଦର ନିଆଲ, ମୁଖପାତ୍ର ଅରୂପ ଶ୍ରୀଚନ୍ଦନ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଜୈନ ସମାଜ, ଶିଖ୍ ସମାଜ, ବରିଷ୍ଠ ନାଗରିକ ସମାଜ ତରଫରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଶୋକ ସନ୍ଦେଶ ସ୍ୱର୍ଗତ ଢୋଲକିଆଙ୍କ ଧର୍ମପତ୍ନୀ ଓ ପୁତ୍ରଙ୍କୁ ଦେବୀ ପ୍ରସାଦ ମିଶ୍ର ଦେଇଥିଲେ। ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ନିକଟସ୍ଥ ନଦୀ କୂଳରେ ତାଙ୍କ ଅନ୍ତିମ ସଂସ୍କାର ସମ୍ପନ୍ନ କରାଯାଇଥିଲା। ଏହି ଅବସରରେ ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ସାଂସଦ ବସନ୍ତ ପଣ୍ଡା, ନୂଆପଡ଼ା ଓ ବଲାଙ୍ଗିର ଜିଲ୍ଲାପରିଷଦ ଅଧ୍ୟକ୍ଷା, ସ୍ଥାନୀୟ ଏନଏସି ଓ ମ୍ୟୁନିସିପାଲିଟି ଚେୟାରମ୍ୟାନ ପ୍ରମୁଖ ଅନ୍ତିମ ସଂସ୍କାରରେ ଯୋଗ ଦେଇଥିଲେ।


## ପ୍ରକାଶ ପାଇବାକୁ ଯାଉଛି...

### 'କଥାକଳିକା'ର ମହାପୂଜା ସଂଖ୍ୟା ସେପ୍ଟେମ୍ବର-୨୦୨୫




### ବିଶିଷ୍ଟ କଥାକାରଙ୍କର କଥାରେ ସମୃଦ୍ଧ...

**ସ୍ମରଣୀୟ କଥା :** ଉପେନ୍ଦ୍ର ପ୍ରସାଦ ନାୟକ।
**ସମକାଳର କଥା :** ସଦାନନ୍ଦ ତ୍ରିପାଠୀ, ରାଜ୍ୟବର୍ଦ୍ଧନ ଧଳମହାପାତ୍ର, କ୍ଷୀରୋଦ ଦାସ, ଭାସ୍କର ଜେନା, ପୁଷ୍ପାଞ୍ଜଳି କର, ଲକ୍ଷ୍ମୀ ଚାନ୍ଦ, ରଞ୍ଜନ କୁମାର ଦାସ, ସୌରୀନ୍ଦ୍ରି ସାହୁ, ରୁମ୍ ଝୁମ୍ ନାୟକ, ଆଭାସ ବରାଳ, ଶଶିକାନ୍ତ ରାଉତ, ସୋମା ଚାନ୍ଦ, ସୁକାନ୍ତ ଦାସ, ପ୍ରତାପ ବିଶ୍ୱାଳ, ବିଜନବାଳା ପାଟଯୋଷୀ, ସୁଷମା ଦାଶ, ବିଜୟ ଦାଶ, ବିଜୟ ମଲ୍ଲ, ସୁଜାତା ମହାପାତ୍ର, କିରଣ ମିଶ୍ର, ସୁନିତା କର, ଆଶାଲତା ପଣ୍ଡା, ସଂଯୁକ୍ତା ଦାଶ, ବନ୍ଦନା ପଣ୍ଡା, ବିଜୟଲକ୍ଷ୍ମୀ ସାହୁ।
**ଅନ୍ୟ ଭାଷାର କଥା :** କନକ ମଞ୍ଜରୀ ପଟ୍ଟନାୟକ, ରେବାଦାସ ପଟ୍ଟନାୟକ।
**ଯୁବ ମାନସର କଥା :** ଜାକିର ଖାନ୍, ଲିପ୍‌ସା ପଟେଲ, ପ୍ରକାଶ ସାହୁ, ସ୍ରୋତସ୍ୱିନୀ ପରିଡ଼ା, ଶ୍ରୀତମ ବାରିକ।
**ଏବଂ ଶେଷରେ....**
**କଥା ସାଗର :** ଅନୁବାଦ ଉପନ୍ୟାସ : ସୁପ୍ରଭା ରାୟ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୧୬୪/ ମୂଲ୍ୟ ୧୨୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


# କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କୁ ରାହା ଯୋଗାଉଛି ପୋଲିସ : କମିଶନର

**ଭୁବନେଶ୍ୱର, ୯/୯ ନ୍ୟୁଜ ବ୍ୟୁରୋ**

ନିଜ ପ୍ରତି ହୋଇଥିବା ଭୁଲକୁ ମନରେ ଲୁଚାଉଛନ୍ତି । ମନେ ମନେ ଅକୁହା କଥାକୁ କହି ନପାରି ମାନସିକ ଅବସାଦରେ ରହୁଛନ୍ତି ଛାତ୍ରଛାତ୍ରୀ । କ୍ୟାମ୍ପସରେ ହେଉ ବା କ୍ୟାମ୍ପସ ବାହାରେ ନିଜ ସହ ଘଟିଥିବା ଅତ୍ୟାଚାରକୁ ସହି ନପାରି ଭୁଲ ନିଷ୍ପତ୍ତି ନେଉଛନ୍ତି । ତେବେ ଛାତ୍ରଛାତ୍ରୀଙ୍କ ସମସ୍ୟାର ସମାଧାନ ପାଇଁ ନୂଆ ରାହା ହେବାକୁ ଯାଉଛି ପୋଲିସ । ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ମନର କଥାକୁ ବୁଝିବ ପୋଲିସ । କୌଣସି ଘଟିବା ପୂର୍ବରୁ ସିଧା ଆକ୍ସନ ନେବାକୁ ଆଗଭର ହୋଇ ଆସିବ ପୋଲିସ । ନିତିଦିନ ଛାତ୍ରଛାତ୍ରୀଙ୍କ ସହ ଘଟୁଥିବା ଦୈନନ୍ଦିନର ସମସ୍ୟାକୁ ପିଲାଙ୍କ ମନରୁ ଦୂର କରିବା ଓ ସମାଧାନ ବାଟ ବାହାର କରିବା ପାଇଁ କମିଶନରେଟ ପୋଲିସ ଆରମ୍ଭ କରିଛି କ୍ୟାମ୍ପସ କନେକ୍ଟ କାର୍ଯ୍ୟକ୍ରମ। ଯାହାର ଲକ୍ଷ୍ୟ ରହିଛି, ଛାତ୍ର ବା ଛାତ୍ରୀଟିଏ ଯେପରି ନିଜର କିଛି କ୍ଷତି ନ ପହଞ୍ଚାଇ ସମାଧାନର ବାଟ ବାହାର କରିବ । ଅତ୍ୟାଚାରୀଙ୍କ ଠାରୁ ଡରି ନୁହେଁ ବରଂ ସେମାନଙ୍କୁ ସାମ୍ନା କରିବା ପାଇଁ ପରିବେଶ ସୃଷ୍ଟି କରିବ ଏହି କାର୍ଯ୍ୟକ୍ରମ । ପିଲାଙ୍କ ଭିତରେ ବିଶ୍ୱାସ ସୃଷ୍ଟି କରିବା ଓ ସଚେତନତା ପାଇଁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। 'ଜୀବନ ଜିନ୍ଦାବାଦ' ଜରିଆରେ ଏକ କାର୍ଯ୍ୟକ୍ରମ କରି ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଉଛି।
ଏନେଇ ଏକ କ୍ୟାମ୍ପସ କନେକ୍ଟ ପୋଷ୍ଟର ରିଲିଜ୍ କରିଛନ୍ତି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ। ଏସବୁ ପୋଷ୍ଟରକୁ ପୋଲିସ ବିଭିନ୍ନ କଲେଜ, ସ୍କୁଲ ଓ ବିଶ୍ୱବିଦ୍ୟାଳୟର କ୍ୟାମ୍ପସରେ ଲଗାଇବ । ଯାହାକୁ ଦେଖି ଛାତ୍ରଛାତ୍ରୀ ସଚେତନ ହେବେ । କ୍ୟାମ୍ପସରେ ସଦା ସର୍ବଦା ସୁରକ୍ଷା ଓ ନିରପତ୍ତା ପାଇଁ



ଛାତ୍ରଛାତ୍ରୀଙ୍କ ପାଇଁ କିଭଳି କମିଶନରେଟ ପୋଲିସ ତତ୍ପର ରହିଛି, ସେନେଇ ସଚେତନ ରହିବେ । କ୍ୟାମ୍ପସରେ ଛାତ୍ରଛାତ୍ରୀ ଏକା ନୁହନ୍ତି, ସେମାନଙ୍କ ସହ ଅନ୍ୟାୟ ହେଲେ କିପରି ନ୍ୟାୟ ମିଳିବ ସେନେଇ ପୋଲିସ ଏବେ ରାହା ଦେଉଛି । ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି, 'ପିଲାଙ୍କ ଭିତରେ ଯେଉଁ ଆତ୍ମାହୁତିର ମାନସିକତା ରହିଛି ତାକୁ ଦୂର କରିବା ଓ ଜୀବନ ପ୍ରତି ଏକ ସକରାତ୍ମକ ରାହା ଦେଖାଇବାର ଏକ ପ୍ରୟାସ ନେଇ ଆମର ଏହି ଅଭିଯାନ ଆରମ୍ଭ ହୋଇଛି। ଯାହାର ନାମ 'ଜୀବନ ଜିନ୍ଦାବାଦ' ରହିଛି । ଏହି କ୍ରମରେ ୨୫୦୦୦ ଛାତ୍ରଛାତ୍ରୀଙ୍କୁ ଆମେ ସଚେତନ କରିସାରିଲୁଣି । ବିଭିନ୍ନ ସେଲିବ୍ରେଟି, ଅଭିନେତା, ସିଙ୍ଗର ଓ ମୋଟିଭିସନାଲ ସ୍ପିକରମାନଙ୍କ ଜରିଆରେ ସଚେତନତା କରାଯାଉଛି । ଛାତ୍ରଛାତ୍ରୀମାନେ କ୍ୟାମ୍ପସରେ ପାଠ ପଢାରେ ଓ ଅନ୍ୟ ସାମାଜିକ କାର୍ଯ୍ୟର ମଜା ନିଅନ୍ତୁ । କିନ୍ତୁ କିଛି ପରିସ୍ଥିତିକୁ ସାମ୍ନା କରିବାକୁ ଯାଇ ଏକୁଟିଆ ଅନୁଭବ ନ କରି ଏ ଦିଗରେ ସମାଧାନ ପାଇ ବାଟ ରହିଛି । ସେନେଇ କମିଶନରେଟ ପୋଲିସ ପକ୍ଷରୁ ଏକ ପ୍ରୟାସ ଆରମ୍ଭ କରାଯାଇଛି । ଯାହାକୁ ନେଇ ପିଲାମାନଙ୍କୁ କ୍ୟାମ୍ପସରେ ସଚେତନତା କରାଯାଉଛି । ସେମାନଙ୍କର ସହ ଆମର କିଛି ଅଫିସର ଗ୍ରୁପ କରି ଯୋଗାଯୋଗରେ ରହିବେ । ଛାତ୍ରଛାତ୍ରୀଙ୍କ ଯଦି କିଛି ଅସୁବିଧା ରହିଛି, ତେବେ ସେମାନେ ବିନା ସଂକୋଚରେ ନିଜର ସାଙ୍ଗ ସାଥି ବା ଆମ ଅଫିସର ଯିଏ ତାଙ୍କ ସହ ଯୋଡି ହୋଇ ରହିବେ ସେମାନଙ୍କ ଜରିଆରେ ସାମ୍ନାକୁ ଆଣିପାରିବେ ।' ପୋଲିସ କମିଶନର କହିଛନ୍ତି, 'କ୍ୟାମ୍ପସ ଭିତରକୁ ପୋଲିସ ପଶିବା କଷ୍ଟକର ହୋଇଥାଏ । ତଥାପି କ୍ୟାମ୍ପସ ବାହାରେ ଥାଇ କିପରି ସେସବୁକୁ ସମାଧାନ କରାଯିବ । ସ୍ୱତନ୍ତ୍ର ଭାବରେ ଆମ ଅଫିସରମାନେ ପିଲାମାନଙ୍କ ସହ ଯୋଡିହୋଇ ରହିବେ । ସେମାନଙ୍କୁ କେହି ରାଗିଂ କରୁଥିଲେ, ବାଟରେ ଘାଟରେ ହଇରାଣ କରୁଥିଲେ, କେହି ତାଙ୍କୁ କୌଣସି ପ୍ରକାର ଅତ୍ୟାଚାର ଦେଉଥିଲେ, ପାଠପଢ଼ାର ଚାପ ନେଇ ନିଜ ପରିବାର ଲୋକଙ୍କୁ ଜଣାଇବାକୁ ବୁଝାଇବାରେ ଭୟ କରୁଥିଲେ, ସେସବୁ ବିନା ସଂକୋଚରେ ଆମ ଅଫିସର ଆଲୋଚନ କରିପାରିବେ । ଏନେଇ କ୍ୟାମ୍ପସ ହାଲଚାଲ ବୁଝିବା ପାଇଁ ଆମର ସମସ୍ତ ଥାନା ଅଞ୍ଚଳର କିଛି କିଛି ଅଫିସର ସେମାନେ ପିଲାମାନଙ୍କ ସହ ଯୋଡି ହୋଇ ରହିବେ ।'